

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର, ୩୧ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 31 AUGUST 2022
Vol.No. 35 ■ No. 228 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







## ଘୋଡ଼ା ବେପାରକୁ ଡର !

# ରାୟପୁର ଗଲେ ଜେଏମଏମ-କଂଗ୍ରେସ ବିଧାୟକ

ନୂଆଦିଲ୍ଲୀ, ୩୦/୦୮ : ଝାରଖଣ୍ଡରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସଦସ୍ୟତା ପଦ ରଦ୍ଦ ଚର୍ଚ୍ଚା ଭିତରେ ଛତିଶଗଡ଼ର ରାୟପୁରକୁ ଚାଲି ଯାଇଛନ୍ତି ମେଣ୍ଟ ସରକାରର ସମସ୍ତ ବିଧାୟକ। ରାଜ୍ୟରେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ) ଓ କଂଗ୍ରେସ ମିଳିତ ଭାବେ ସରକାର ଗଠନ କରିଛନ୍ତି। ଏବେ ମୁଖ୍ୟମନ୍ତ୍ରୀ ହେମନ୍ତଙ୍କ ବିଧାୟକ ପଦ ଅଫିସ ଅଫ ପ୍ରଫିଟ ମାମଲାରେ ରଦ୍ଦ ହେବାର ଆଶଙ୍କା ଦେଖାଦେଇଛି। ଏସବୁ ଭିତରେ ବିରୋଧୀ ବିଜେପି ମେଣ୍ଟ ସରକାରରେ ଥିବା କିଛି ବିଧାୟକଙ୍କୁ କିଣିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ବିଜେପିର ଏହି ଘୋଡ଼ା ବେପାର ଭୟରେ ମେଣ୍ଟ ସରକାରରେ ଥିବା ସମସ୍ତ ବିଧାୟକଙ୍କୁ କଂଗ୍ରେସ ଶାସିତ ଛତିଶଗଡ଼ର ରାୟପୁରକୁ ପଠାଇ ଦିଆଯାଇଛି। ଆଜି ବିଧାୟକମାନେ ମୁଖ୍ୟମନ୍ତ୍ରୀ ହେମନ୍ତଙ୍କ ବାସଭବନରେ ପ୍ରଥମେ ବୈଠକ କରିଥିଲେ। ଏହାପରେ ସିଧା ସେଠାରୁ ଦୁଇଟି ବସ ଯୋଗେ ରାଞ୍ଚି ଏୟାରପୋର୍ଟରେ ପହଞ୍ଚିଥିଲେ। ଏଠାରେ ଗୋଟିଏ ଚାର୍ଟାର୍ଡ ବିମାନ ବିଧାୟକମାନଙ୍କ ପାଇଁ ଅପେକ୍ଷା କରି ରହିଥିଲା। ଏହି ସ୍ୱତନ୍ତ୍ର ବିମାନରେ ସମସ୍ତ ବିଧାୟକ ରାୟପୁର ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ମଧ୍ୟ ସେମାନଙ୍କୁ ବିଦାୟୀ ଦେବାକୁ ଏୟାରପୋର୍ଟ ଆସିଥିଲେ। କିନ୍ତୁ ସେ ରାୟପୁର ଯାଇ ନାହାନ୍ତି। ବିଧାୟକମାନେ ପୂରା ମାମଲା ଥଣ୍ଡା ନ ପଡ଼ିବା ଯାଏ ରାୟପୁରର ମେଫେୟାର ହୋଟେଲରେ ରହିବେ ବୋଲି ଜଣାପଡ଼ିଛି। ବିଧାୟକମାନଙ୍କୁ ବିଜେପିର ଘୋଡ଼ା ବେପାର ଉଦ୍ୟମରୁ ସୁରକ୍ଷା ଦେବା ପାଇଁ ଶନିବାର ଠାରୁ ମେଣ୍ଟ ସରକାରରେ ଥିବା ଦଳ ଗୁଡ଼ିକ ଉଦ୍ୟମ ଆରମ୍ଭ କରିଥିଲେ। ଶନିବାର ହେମନ୍ତ ସୋରେନ ଓ ଆଉ ୪୩ ଜଣ ବିଧାୟକ ରାଞ୍ଚି ଠାରୁ ୩୦ କିମି ଦୂର କୁନ୍ତିରେ ପହଞ୍ଚିଥିଲେ। ସେଠାରେ ସମସ୍ତେ ଏକାଠି ଭୋଜି କରିବା ସହ ନୌକାଚାଳନ କରିଥିଲେ। ସମସ୍ତେ ଭାବୁଥିଲେ ଯେ ଏହି ସବୁ ଭିତରେ ରାଜ୍ୟପାଳ ରମେଶ ବୈସ ନିର୍ବାଚନ କମିଶନଙ୍କ ସୁପାରିସ ଆଧାରରେ ହେମନ୍ତ ସୋରେନଙ୍କ ବିଧାୟକ ପଦ ରଦ୍ଦ ସମ୍ପର୍କରେ ଘୋଷଣା କରିବେ। ହେଲେ ସେ ନିଜର ନିଷ୍ପତ୍ତି ଶୁଣାଇବାରେ ବିଳମ୍ବ କରି ଚାଲିଛନ୍ତି। ରାଜ୍ୟପାଳ ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ବିଜେପିକୁ ରଣନୀତି ପ୍ରସ୍ତୁତ କରିବାରେ ସହାୟକ ହେଉଛି। ବିଜେପି ନେତାମାନେ ମେଣ୍ଟ ସରକାରରେ ଥିବା ବିଧାୟକଙ୍କୁ ନିଜ ଆଡ଼କୁ ଆଣିବା ପାଇଁ ଲୋଭନୀୟ ଅଫର ଦେବାକୁ ଚେଷ୍ଟା କରୁଛନ୍ତି। ଏଥିପାଇଁ ରାଜ୍ୟପାଳଙ୍କ ନିଷ୍ପତ୍ତି ନ ଆସିବା ଯାଏ ଶାସକ ମେଣ୍ଟର ବିଧାୟକମାନେ ରାୟପୁର ଚାଲି ଯାଇଥିବା ରାଜନୀତିକ ବିଶ୍ଳେଷକମାନେ ମତ ରଖିଛନ୍ତି।



# ପ୍ରଧାନମନ୍ତ୍ରୀଙ୍କ ତଦନ୍ତରେ କ୍ଲିନଚିଟ୍ ମିଳିଥିବା ଦାବି କଲେ ସିସୋଦିଆ




ନୂଆଦିଲ୍ଲୀ, ୩୦/୦୮ : ଶିକ୍ଷା ଓ ମଦ ଲାଇସେନ୍ସ ପ୍ରଦାନ ଦୁର୍ନୀତିରେ ଫସିଥିବା ଦିଲ୍ଲୀ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଆଜି ବଡ଼ ଦାବି କରିଛନ୍ତି। ନୂଆ ଅବକାରୀ ନୀତି ମାମଲାରେ ହୋଇଥିବା ରେଡ୍‌ରେ ତାଙ୍କ ପରିବାର କ୍ଲିନଚିଟ୍ ପାଇଛନ୍ତି। ସିବିଆଇ ଏହି ମାମଲାରେ ତାଙ୍କ ଘର ଓ ବ୍ୟାଙ୍କ ଲକର ଯାଞ୍ଚ କରିଥିଲା। ହେଲେ ସିବିଆଇକୁ କିଛି ମିଳିନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ତଦନ୍ତରେ କ୍ଲିନଚିଟ୍ ମିଳି ସାରିଥିବା ସିସୋଦିଆ ଆଜି ଗଣମାଧ୍ୟମ ଆଗରେ କହିଛନ୍ତି। ଗାଜିଆବାଦରେ ଥିବା ମନୀଷ ସିସୋଦିଆଙ୍କ ବ୍ୟାଙ୍କ ଲକରକୁ ଆଜି ସିବିଆଇ ଯାଞ୍ଚ କରିଥିଲା। ଏହି ରେଡ୍ ପରେ ସିସୋଦିଆ ଗଣମାଧ୍ୟମ ଆଗକୁ ଆସି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, "ଲକରରେ ମୋ ପିଲା ଓ ପତ୍ନୀଙ୍କର ୭୦ ହଜାର ଟଙ୍କାର ଅଳଙ୍କାର ରହିଛି। ପ୍ରଧାନମନ୍ତ୍ରୀ ମୋ ଘରେ ରେଡ୍ କରାଇଥିବାରୁ ମୁଁ ବହୁତ ଖୁସି। ରେଡ ହୋଇଥିଲେ ବି କିଛି ମିଳିନି। ମୋ ପରିବାର ଓ ମୁଁ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ ହୋଇଥିବା ସମସ୍ତ ରେଡ୍ ମାମଲାରେ କ୍ଲିନଚିଟ୍ ପାଇଛୁ।" ରେଡ୍ ବେଳେ ସିବିଆଇ ଅଧିକାରୀମାନେ ବେଶ ଭଦ୍ର ବ୍ୟବହାର କରିଥିବା ମଧ୍ୟ ସିସୋଦିଆ ପୁଣି ସୂଚନା ଦେଇଛନ୍ତି। ସେ କହିଛନ୍ତି, "ସିବିଆଇ ଅଧିକାରୀମାନେ ମଧ୍ୟ ଭଲ ଭାବେ ଜାଣିଥିଲେ ଯେ କିଛି ମିଳିବ ନାହିଁ। କିନ୍ତୁ ସେମାନଙ୍କ ଉପରେ ପ୍ରଧାନମନ୍ତ୍ରୀଙ୍କ ଚାପ ରହିଥିଲା। ସେମାନଙ୍କୁ ଯେମିତି ହେଲେ ବି ମୋ ଘରୁ କିଛି ଗୋଟିଏ ଜିନିଷ ବାହାର କରି ମୋତେ ଜେଲକୁ ପଠାଇବା ପାଇଁ ନିର୍ଦ୍ଦେଶ ରହିଥିଲା। ତେବେ ମୋ ଘରକୁ କିଛି ବି ମିଳିନି।" ଅରବିନ୍ଦ କେଜ୍ରିୱାଲ ମଧ୍ୟ ଟ୍ୱିଟ କରି ସିସୋଦିଆଙ୍କ ଠିକଣାରେ ହେଉଥିବା ରେଡକୁ ଡାର୍ଟି ପଲଟିକ୍ସର ଏକ ଉଦାହରଣ ବୋଲି କହିଛନ୍ତି। ପ୍ରାୟ ଦୁଇ ସପ୍ତାହ ତଳେ

▶▶ପୃଷ୍ଠା ୭

## ମୋଦିଙ୍କୁ ଭେଟିଲେ ଅପରାଜିତା ଷଡ଼ଙ୍ଗୀ



ଭୁବନେଶ୍ୱର, ୩୦/୦୮ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଶ୍ରୀମତୀ ଷଡଙ୍ଗୀ ଟୁଇଟ୍ କରି ଲେଖିଛନ୍ତି ଯେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସାକ୍ଷାତ କରି ସ୍ୱାସ୍ଥ୍ୟ ଶିବିର ଓ ନିଜ ବାର୍ଷିକ ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି। ଏହା ସହ ଭୁବନେଶ୍ୱରରେ ଟାଟା କ୍ୟାନସର ହସ୍ପିଟାଲ ଅନୁମତି ପାଇଁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟର ୩୭୫ ଜନଔଷଧି କେନ୍ଦ୍ର ନେଇ ଆଲୋଚନା କରିବା ସହ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ ଆଶୀର୍ବାଦ ଭିକ୍ଷା କରିଥିବା କହିଛନ୍ତି ଅପରାଜିତା।

## ଡମ୍ପିଂ ୟାର୍ଡ ମାମଲାରେ ଆଲୋଚନା ସଫଳ : ମନ୍ତ୍ରୀ

ଭୁବନେଶ୍ୱର, ୩୦/୦୮ (ନି.ପ୍ର): ରାଜଧାନୀରେ ଡମ୍ପିଂ ୟାର୍ଡ ସମସ୍ୟାକୁ ନେଇ ମଙ୍ଗଳବାର ଦିନ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ଶେଷ ହୋଇଛି। ବୈଠକ ପରେ ମନ୍ତ୍ରୀ କହିଛନ୍ତି, ଗ୍ରାମବାସୀଙ୍କ ପ୍ରସ୍ତାବ ଅନୁଯାୟୀ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବଶୀଘ୍ର ସମସ୍ୟାର ସମାଧାନ ହେବ । ଆଲୋଚନା ପ୍ରାୟତଃ ସଫଳ ହୋଇଛି। ୯ ମାସ ସମୟ ମାଗିଛନ୍ତି ଗ୍ରାମବାସୀ। ତା ପୂର୍ବରୁ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିବୁ ବୋଲି ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି ।

## କ୍ଷମତା ନିଶାରେ ଅଛନ୍ତି କେଜରିୱାଲ : ଆନ୍ନା ହଜାରେ

ନୂଆଦିଲ୍ଲୀ, ୩୦/୦୮ (ନି.ପ୍ର): ସାମାଜିକ କାର୍ଯ୍ୟକର୍ତା ଆନ୍ନା ହଜାରେ ଦିଲ୍ଲୀ ସରକାରଙ୍କ ବିବାଦାସ୍ପଦ ଅବକାରୀ ନୀତିକୁ ନେଇ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରୀୱାଲଙ୍କ ଉପରେ କଡା ଟିପ୍ପଣୀ କରିଛନ୍ତି। ସେ କହିଛନ୍ତି ଯେ କ୍ଷମତାର ନିଶାରେ ବୁଡ଼ିଥିବା କେଜରିୱାଲଙ୍କ କହିବା ଏବଂ କରିବାରେ ଅନ୍ତର ସଫା ସଫା ଦୃଷ୍ଟିକୁ ଆସୁଛି। ଆନ୍ନା ହଜାରେ ଆମ୍ ଆଦମୀ ପାର୍ଟି(ଆପ୍)ର ସଂଯୋଜକ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜରୀୱାଲଙ୍କୁ ସମ୍ବୋଧିତ କରି ପତ୍ରରେ ଦିଲ୍ଲୀ ସରକାରଙ୍କ ଅବକାରୀ ନୀତିକୁ ଟାର୍ଗେଟ କରିଛନ୍ତି । ସେ ଲେଖିଛନ୍ତି ଯେ କେଜରୀୱାଲ ରାଜନୀତିରେ ଯାଇ ମୁଖ୍ୟମନ୍ତ୍ରୀ ବନିବା ଉପରେ ନିଜର ଆଦର୍ଶ ବିଚାରକୁ ଭୁଲିଯାଇଛନ୍ତି। ଆନ୍ନା ଆହୁରି ଲେଖିଛନ୍ତି ଯେ ଯେଉଁ ପ୍ରକାର ମଦର ନିଶା ହୁଏ, ସେହି ପ୍ରକାର ସତାର ମଧ୍ୟ ନିଶା ହୁଏ। ଆପଣ ମଧ୍ୟ ଏହିପରି ସତାର ନିଶାରେ ବୁଡ଼ିଯାଇଛନ୍ତି।



## ପୋଲସରାରେ ଖୋଲିବ ସରକାରୀ ଆଇଟିଆଇ

ଭୁବନେଶ୍ୱର, ୩୦/୦୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲସରାରେ ସରକାରୀ ଆଇଟିଆଇ ଖୋଲିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏହା ଫଳରେ ଗଞ୍ଜାମ ଜିଲ୍ଲାରେ ସରକାରୀ ଆଇଟିଆଇ ସଂଖ୍ୟା ୬ରେ ପହାଂଚିବ । ପୂର୍ବରୁ ଛତ୍ରପୁର, ପୁରୁଷୋତମପୁର, ବ୍ରହ୍ମପୁର, ଶେରଗଡ ଓ ହିଞ୍ଜିଳିକାଟୁରେ ଗୋଟିଏ ଲେଖାଏଁ ସରକାରୀ ଆଇଟିଆଇ କାର୍ଯ୍ୟ କରୁଛି ।

## ଗଣେଶ ଚତୁର୍ଥୀରେ ଭିଜିବ ଉପକୂଳ ଓଡିଶା

ଭୁବନେଶ୍ୱର, ୩୦/୦୮ (ନି.ପ୍ର): ଦୁର୍ବଳ ମୌସୁମୀ ପ୍ରଭାବରେ ଦିନ ତାପମାତ୍ରାରେ ବୃଦ୍ଧି ଘଟିଛି। ଏହାସହ ଉଚ୍ଚ ଆଦ୍ରତା ପ୍ରଭାବରେ ଗୁଳୁ-ଗୁଳି ଅନୁଭୂତ ହେଉଛି। ପ୍ରଭାବରେ ଆସନ୍ତା କାଲି ଗଣେଶ ଚତୁର୍ଥୀରେ, ଉପକୂଳ ଓଡିଶା ସମେତ ପାର୍ଶ୍ୱବର୍ତୀ ଜିଲ୍ଲା ଗୁଡିକରେ ବିଜୁଳି-ଘଡଘଡି ସହ ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।

## ଚଳିତ ବନ୍ୟାରେ ୧.୨୦ ଲକ୍ଷ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ

ଭୁବନେଶ୍ୱର, ୩୦/୦୮ (ନି.ପ୍ର): ଚଳିତ ବନ୍ୟାରେ ହୋଇଥିବା କ୍ଷୟକ୍ଷତି ରିପୋର୍ଟ ମିଳିଛି। ଚଳିତ ବନ୍ୟାରେ ୧ ଲକ୍ଷ ୨୦ ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ଓ ବର୍ଷାରେ ରାଜ୍ୟର ୨୪ଟି ଜିଲ୍ଲାର ଚାଷୀ ପ୍ରଭାବିତ ହୋଇଛନ୍ତି। ୧୦ଟି ଜିଲ୍ଲାର ଚାଷୀଙ୍କର ଅଧିକ କ୍ଷୟକ୍ଷତି ହୋଇଛି ବୋଲି ରିପୋର୍ଟରୁ ଜଣାପଡ଼ିଛି। ଜଗତସିଂହପୁର, କେନ୍ଦ୍ରାପଡା ଓ ପୁରୀ ଜିଲ୍ଲାରେ ଅଧିକ ଜମିରେ ଚାଷ କ୍ଷତି ହୋଇଥିବା ସୂଚନା ରହିଛି। ଜଗତସିଂହପୁରରେ ସର୍ବାଧିକ ଚାଷ ଜମି ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛି। ସୂଚନାଯୋଗ୍ୟ ଯେ ଗତକାଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବନ୍ୟା କ୍ଷୟକ୍ଷତି ନେଇ ସମୀକ୍ଷା କରିଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରଭାବିତ ଅଂଚଳରେ ସଅଳ କିସମ ଫସଲର ବିହନ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେବା ସହ ଡାଲିଜାତୀୟ ବିହନ ସେପ୍ଟେମ୍ବର ମାସ ସୁଦ୍ଧା ଚାଷୀମାନଙ୍କୁ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଚାଷୀମାନଙ୍କୁ ହାଇବ୍ରିଡ୍ ପନିପରିବା ବିହନ, ବନ୍ଧାକୋବି, ଫୁଲକୋବି ଆଦିର ବିହନ କିପରି ସୁବିଧାରେ ଯୋଗାଇ ଦିଆଯାଇପାରିବ ସେ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସେପ୍ଟେମ୍ବର ସୁଦ୍ଧା ଚାଷୀମାନଙ୍କୁ ଚିନାବାଦମ ବିହନ ଯୋଗାଇଦେବା ପାଇଁ ମନ୍ତ୍ରୀ ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ବ୍ୟତୀତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଖୁବ୍‌ଶୀଘ୍ର ଫସଲବୀମା କ୍ଷତିପୂରଣ ରାଶି ପ୍ରଦାନ କରିବା ନିମନ୍ତେ ବୀମା କମ୍ପାନୀମାନଙ୍କ ସହ ଆଲୋଚନା କରିବା ପାଇଁ ମନ୍ତ୍ରୀ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ନୂଆଖାଇରେ ଚାଷୀଙ୍କୁ ମିଳିବ କାଳିଆ ଟଙ୍କା



ଭୁବନେଶ୍ୱର, ୩୦/୦୮ (ନି.ପ୍ର): ନୂଆଖାଇରେ ଚାଷୀମାନଙ୍କୁ କାଳିଆ ଟଙ୍କା ମିଳିବ। କାଳିଆ ଯୋଜନାର କିସ୍ତି ବାବଦରେ ସମୁଦାୟ ୮୬୯ କୋଟି ଟଙ୍କା ଦେବେ ରାଜ୍ୟ ସରକାର। ଏହାଦ୍ୱାରା ରାଜ୍ୟର ୪୧ ଲକ୍ଷରୁ ଅଧିକ ଚାଷୀ ଉପକୃତ ହେବେ। ପ୍ରତ୍ୟେକ ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଏଁ ସିଧାସଳଖ ସେମାନଙ୍କ ଆକାଉଂଟକୁ ଦିଆଯିବ। ଉଲ୍ଲେଖଯୋଗ୍ୟ, ଗତବର୍ଷ ମଧ୍ୟ ନୂଆଖାଇରେ ରାଜ୍ୟ ସରକାର କାଳିଆ ଟଙ୍କା ଦେଇଥିଲେ। ଏହା ପୂର୍ବରୁ ଅକ୍ଷୟ ତୃତୀୟା ଓ କୃଷକ ଦିବସ ଅବସରରେ ଗତ ମେ ୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର କୃଷକମାନଙ୍କୁ କାଳିଆ ଯୋଜନାର ସହାୟତା ପ୍ରଦାନ କରିଥିଲେ। ଏହାଦ୍ୱାରା ଝାରସୁଗୁଡା ବ୍ୟତୀତ ରାଜ୍ୟର ପ୍ରାୟ ୪୦ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବ୍ୟାଙ୍କ ଖାତାକୁ ପାଖାପାଖି ୮୦୦ କୋଟି ଟଙ୍କା ସିଧାସଳଖ ପ୍ରଦାନ କରାଯାଇଥିଲା।

## ସମ୍ବଲପୁର ଓ ବରଗଡ଼ ଜିଲ୍ଲାରେ ନୂଆଖାଇ ପାଇଁ ସ୍ୱତନ୍ତ୍ର ଛୁଟି ଘୋଷଣା



ଭୁବନେଶ୍ୱର, ୩୦/୦୮ (ନି.ପ୍ର): ନୂଆଖାଇ ପରଦିନ ଅର୍ଥାତ୍ ଶୁକ୍ରବାର ଦିନ ସମ୍ବଲପୁର ଓ ବରଗଡ଼ ଜିଲ୍ଲା ପାଇଁ ଛୁଟି ଘୋଷଣା କରାଯାଇଛି। ନୂଆଖାଇ ପାଇଁ ସ୍ୱତନ୍ତ୍ର ଛୁଟି ଘୋଷଣା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ। ତେଣୁ ନୂଆଖାଇରେ ପଶ୍ଚିମ ଓଡ଼ିଶାର ଦୁଇ ଜିଲ୍ଲାବାସୀ ଦୁଇଦିନ ଛୁଟି ପାଇବେ। ସୂଚନା ଥାଉକି, ରାଜ୍ୟ ସରକାର କର୍ମଚାରୀଙ୍କ ପାଇଁ ଚଳିତବର୍ଷ ସେପ୍ଟେମ୍ବର ୧ ତାରିଖରେ ନୂଆଖାଇ ନିମନ୍ତେ ଗୋଟିଏ ଦିନ ସରକାରୀ ଛୁଟି ଘୋଷଣା କରିଥିଲେ। ସେହିପରି ଏହି ଦିନରେ ରାଜ୍ୟରେ ସମସ୍ତ ବ୍ୟାଙ୍କ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର। ଉଲ୍ଲେଖନୀୟ ଯେ ଚଳିତ ମାସ ୨୬ ତାରିଖରେ ପଶ୍ଚିମଓଡ଼ିଶାର ଗଣପର୍ବ 'ନୂଆଖାଇ'ରେ ୨ଦିନ ସରକାରୀ ଛୁଟି ଘୋଷଣା କରିବା ପାଇଁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଦାବି କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଥିଲେ।

## ବ୍ରାଜିଲ୍ ଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ବୈଠକ



ବାଲି /ଭୁବନେଶ୍ୱର, ୩୦/୦୮ (ନି.ପ୍ର): ଜି-୨୦ ଶିକ୍ଷା ମନ୍ତ୍ରୀମାନଙ୍କ ବୈଠକ ପୂର୍ବରୁ ଆଜି ଇଣ୍ଡୋନେସିଆର ବାଲି ଠାରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବ୍ରାଜିଲର ଶିକ୍ଷା ମନ୍ତ୍ରୀ ଭିକ୍ଟୋର ଗୋଡୋଏ ଭେଗାଇସଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୁଇ ଦେଶ ମଧ୍ୟରେ ଶିକ୍ଷା, ଉଦ୍ୟମିତା, ଗବେଷଣା ଓ ନବସୃଜନ କ୍ଷେତ୍ରରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ଦିଗରେ ବୈଠକରେ ଆଲୋଚନା ହୋଇଥିବା ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ଉଭୟ ଦେଶ ମଧ୍ୟରେ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ଜଏଣ୍ଟ ୱାର୍କିଂ ଗ୍ରୁପର ପୁନରୁଦ୍ଧାର କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି । ଉର୍ଜା ସୁରକ୍ଷା, ପରିବେଶ ବିଜ୍ଞାନ, ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟସେବା, ପାରମ୍ପରିକ ଔଷଧ, ଯୋଗ, ଆୟୁର୍ବେଦ ଏବଂ ଡ଼ିଜଟାଲ ଟେକ୍ନୋଲୋଜି ଭଳି କ୍ଷେତ୍ରରେ ଗବେଷଣାକୁ ଅଧିକ ମଜବୁତ୍ କରିବା ଦିଗରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି । ସେହିପରି ଉଭୟ ଦେଶର ଉଚ୍ଚ ଶିକ୍ଷା ଏବଂ ଦକ୍ଷତା ବିକାଶ ଅନୁଷ୍ଠାନ ଗୁଡ଼ିକୁ ଯୋଡ଼ାଗଲେ ଉଭୟ ରାଷ୍ଟ୍ର ଲାଭପ୍ରଦ ହେବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ବ୍ରାଜିଲର ଶିକ୍ଷା ମନ୍ତ୍ରୀ ଭାରତ ସହ ଶିକ୍ଷାନୁଷ୍ଠାନ ଏବଂ ଗବେଷଣାକୁ ଅଧିକ ସଦୃଢ଼ କରିବା ଦିଗରେ ଇଚ୍ଛାପ୍ରକାଶ କରିଛନ୍ତି । ଏହାସହ ଏଜୁକେସନ ୱାର୍କିଂ ଗ୍ରୁପର ଏଜେଣ୍ଡାରେ ଭାରତ ପ୍ରତି ବ୍ରାଜିଲର ସମର୍ଥନ ରହିଥିବା ସେ ସହମତି ପ୍ରକାଶ କରିଥିଲେ । ଚାରିଦିନିଆ ଇଣ୍ଡୋନେସିଆ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଆଜି ବାଲିରେ ପହଞ୍ଚିବା ପରେ ଇଣ୍ଡୋନେସିଆ ଶିକ୍ଷା ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ ଡ଼. ଇୱାନ ଶ୍ୟାରିଲ୍ ଇଣ୍ଡୋନେସିଆର ପାରମ୍ପରିକ ଶୈଳିରେ ତାଙ୍କୁ ସ୍ୱାଗତ କରିଥିଲେ ।

## ୫ ରାଜ୍ୟରେ ପ୍ରବଳ ବର୍ଷା, ସତର୍କ କଲା ପାଣିପାଗ ବିଭାଗ



ଭୁବନେଶ୍ୱର, ୩୦/୦୮ (ନି.ପ୍ର): ଦେଶରେ ମୌସୁମୀ ବିଦାୟ ନେବାକୁ ଯାଉଛି । ଅନେକ ରାଜ୍ୟରେ ବର୍ଷାର ଗତିବିଧି ଧୀମା ହେବାରେ ଲାଗିଛି । ତେବେ କିଛି ରାଜ୍ୟରେ ବର୍ଷା ଜାରିରହିଛି । ଭାରତୀୟ ପାଣିପାଗ ବିଭାଗ ବର୍ଷା ନେଇ ସତର୍କ କରାଇଛି । ଅରୁଣାଚଳପ୍ରଦେଶ, ଆସାମ ସମେତ କିଛି ରାଜ୍ୟରେ ୫ ଦିନ ବର୍ଷା ନେଇ ଆଲର୍ଟ କରାଯାଇଛି । ପାଣିପାଗ ବିଭାଗ ଆଗାମୀ କିଛି ଦିନ ପାଇଁ ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ଅରୁଣାଚଳପ୍ରଦେଶ, ଆସାମ ଏବଂ ମେଘାଳୟରେ ସତର୍କତା ଜାରିକରାଯାଇଛି । ହାଲୁକାରୁ ମଧ୍ୟମଧରଣର ବର୍ଷାର ସମ୍ଭାବନା ରହିଛି । ସେପ୍ଟେମ୍ବର ୧ରୁ ୪ ତାରିଖ ଯାଏ ଅରୁଣାଚଳପ୍ରଦେଶରେ, ୨ରୁ ୪ ସେପ୍ଟେମ୍ବର ଯାଏ ଆସାମରେ ପ୍ରବଳବର୍ଷାର ସମ୍ଭାବନା ରହିଛି । ୩୦ ଅଗଷ୍ଟରୁ ସେପ୍ଟେମ୍ବର ୩ ଯାଏ ବିହାରରେ ପ୍ରବଳ ବର୍ଷା ନେଇ ସତର୍କ କରାଯାଇଛି । ଏହା ବାଦ ଆଗାମୀ ୫ ଦିନ ପାଇଁ ପଶ୍ଚିମବଙ୍ଗ, ସିକ୍କିମରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସମ୍ଭାବନା ରହିଛି ।

# ଡିଏମଏଫ ପାଣ୍ଠିରୁ ଜେପି ହସ୍ପିଟାଲକୁ କୋଭିଡ ସମୟରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇଛି : ଭିଜିଲାନ୍ସ ଓ ସିଏଜି ତଦନ୍ତ ଦାବିକଲା କଂଗ୍ରେସ

ରାଉରକେଲା,୩୦/୦୮ (ନି.ପ୍ର): କୋଭିଡ ସମୟରେ ରାଜ୍ୟର ବିଭିନ୍ନ ଡାକ୍ତରଖାନା ମାନେ କରୋନା ରୋଗୀ ମାନଙ୍କୁ ଚିକିତ୍ସା ଲାଗି ବହୁ କମ ଖର୍ଚ୍ଚ ରୋଗୀଙ୍କୁ ଭଲକରି ଛାଡିଥିବା ବେଳେ ରାଉରକେଲାରେ ଥିବା ଜେପି ଡାକ୍ତରଖାନାକୁ ରୋଗୀ ପିଛା ୫ ଲକ୍ଷରୁ ଅଧିକ ଅର୍ଥ ଜିଲ୍ଲା ଖଣିଜ ପାଣ୍ଠିରୁ ଦିଆଜିବା ଏକ ପ୍ରକାର ସିଧା ସଳଖ ଏହି ଡାକ୍ତରଖାନାକୁ ଅନୁକଂପା ପ୍ରଦର୍ଶନ, ତେଣୁ ଏନେଇ ଭିଜିଲାନ୍ସ ଓ ସିଏଜି ତଦନ୍ତ କରାଯାଉ ବୋଲି ଜିଲ୍ଲା କଂଗ୍ରେସର ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି । ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ବୀରେନ ସେନାପତି ଯୁକ୍ତି ଦର୍ଶାଇ କହିଛନ୍ତି ଯେ, ରାଜ୍ୟର ନାମୀ ଡାକ୍ତରଖାନା ସେ ସମୟରେ କରୋନା ରୋଗୀଙ୍କ ଲାଗି ସମ ହସ୍ପିଟାଲ ରୋଗି ପିଛା ୧ ଲକ୍ଷ ୨୬ ହଜାର ୬୭୨ ନେଇଥିବା ବେଳେ, କିମ୍ସ ୯୮,୨୭୩, ହାଇଟେକ ଓ ଅନ୍ୟାନ୍ୟ ଡାକ୍ତରଖାନା ମାନେ ମଧ ବହୁତ କମ ପଇସାରେ ସେବା ଯୋଗାଇ ଦେଇଥିଲେ ଓ ମୃତ୍ୟୁସଂଖ୍ୟା ମଧ କମ୍ ଥିଲା । କିନ୍ତୁ, ରାଉରକେଲାର ଜେପି ଡାକ୍ତରଖାନାକୁ ରୋଗୀ ପିଛା ୫ ଲକ୍ଷ ୧୮ ହଜାର ୯୬୯ ଟଙ୍କା କେଉଁ କାରଣରୁ ଦିଆଗଲା ବୋଲି କଂଗ୍ରେସ ପ୍ରଶ୍ନ କରିଛି । ଦଳ ପକ୍ଷରୁ କୁହାଯାଇଛି ଯେ, ଏହି ଅର୍ଥ ସୁନ୍ଦରଗଡ ଜିଲ୍ଲା ଖଣିଜ ପାଣ୍ଠିରୁ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାକୁ ଦିଆଯାଇଛି । ଏହି ହିସାବରେ ଜେପି ଡାକ୍ତରଖାନାକୁ ୧୦୫ କୋଟୀ ୩୦ ଲକ୍ଷ ଦିଆଯାଇଥିବା ବେଳେ, ହାଇଟେକକୁ ମାତ୍ର ୩୨ କୋଟି,ଏନଟିପିସି ଡାକ୍ତରଖାନାକୁ ୧୬ କୋଟି ୫୭ ଲକ୍ଷ ଓ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନକୁ ମୋଟ ୧୩୨ କୋଟି ପ୍ରଦାନ କରାଯାଇଛି । ତେବେ ଯଦି ଅନ୍ୟ ଡାକ୍ତରଖାନା ମାନେ ଏତେ କମ ପଇସାରେ ସେବା ଦେଇପାରିଲେ ଓ ରୋଗୀ ଭଲ ହୋଇଫେରିଲେ ତେବେ ଜେପିକୁ ଏତେ ପରିମାଣର ଅର୍ଥ ଦେବା ପଛରେ କାହାର ଉଜ୍ଜ୍ୱଳ ଉଦେଶ୍ୟ ଥିଲା ବୋଲି ପ୍ରଶ୍ନ ହୋଇଛି ।ଅନ୍ୟପକ୍ଷରେ ଜିଲ୍ଲାର ଅନ୍ୟାନ୍ୟ ଡାକ୍ତରଖାନା ତୁଳନାରେ ଜେପିରେ ମୃତ୍ୟୁ ସଂଖ୍ୟା କେତେ ଥିଲା ତାହାକୁ ମଧ ତଦନ୍ତ ପରିସର କରାଯାଉ ବୋଲି ଦାବି ହୋଇଛି । ତେଣୁ ଏହି ମାମଲାକୁ ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଯାଉ ବୋଲି ବିଧାୟକ ପ୍ରାର୍ଥୀ ବୀରେନ ସେନାପତି ଦାବି କରିଛନ୍ତି । ସେପଟେ ଏହି ମାମଲାକୁ ନେଇ କଂଗ୍ରେସ ନେତା ରଶ୍ମୀ ରଂଜନ ପାଢୀ କହିଛନ୍ତି ଯେ, ଖଣିଜ ପାଣ୍ଠି ଗଠନ ବେଳେ ମାନ୍ୟବର ସୁପ୍ରିମ କୋର୍ଟ କହି ସାରିଛନ୍ତି ଏହି ଅର୍ଥ କେଉଁବାଟରେ ଖର୍ଚ୍ଚ ହେବ ଏହା କେଉଁ ମାନଙ୍କ ଦାୟିତ୍ୱରେ ହେବ । ମହାମାରୀ ଭଳି କରୋନା ତାର ଜ୍ୱାଳା ବଢାଇ ଚାଲିଥିବା ବେଳେ ଏହାର ଅଧକ୍ଷ ସୁନ୍ଦରଗଡରେ ତତ୍ କାଳୀନ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ ବିଭିନ୍ନ ଡାକ୍ତରଖାନାକୁ ଅର୍ଥ ଯୋଗାଇଦେଲେ । ଏଥିରେ ଡିଏମଏଫ ପାଣ୍ଠିର ସଦସ୍ୟ ଭାବେ ଥିବା ସମସ୍ତ ବିଧାୟକ ଓ ଏମପି ମାନଙ୍କର ମଧ ଏକମତ ନିଶ୍ଚୟ ଥିବ । ଯେହେତୁ ଖଣିଜ ପାଣ୍ଠି, ଏଥିରେ କେନ୍ଦ୍ର ଓ ରାଜ୍ୟର ଲୋକ ପ୍ରତିନିଧି ମାନେ ସଦସ୍ୟ ରହିଛନ୍ତି, ତେଣୁ ଜେପି ଡାକ୍ତରଖାନାକୁ ଯେଉଁଭଳି ଅହେତୁକ ଅନୁକଂପା ଦେଖାଯାଇଛି ତାହାର ସିଏଜି ତଦନ୍ତ କରାଜିବା ଆବଶ୍ୟକ ଏଥିରେ ଜିଲ୍ଲାପାଳଙ୍କ ସମେତ ସମସ୍ତ ବିଧାୟକ ଓ ସାଂସଦ ମାନଙ୍କୁ ମଧ ତଦନ୍ତ ପରିସରଭୁକ୍ତ କରାଜିବା ଦରକାର ବୋଲି ଶ୍ରୀ ପାଢୀ ଦାବି କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାର ବହୁ ବରିଷ୍ଠ ନେତା ମାନେ ଉପସ୍ଥିତ ଥିଲେ ।

# ବିନା ଅନୁମତିରେ ଗଛକଟା : ଫରେଷ୍ଟ ବିଭାଗର କାର୍ଯ୍ୟାନୁଷ୍ଠାନ ଦାବି

ଗଞ୍ଜାମ,୩୦/୦୮ (ନି.ପ୍ର) : ଗଂଜାମ ଜିଲା ନରେନ୍ଦ୍ରପୁର ପିତଳ ଛକରେ ରହୁଥିବା ଜନୈକ ଯୁବକ ସରୋଜ ପ୍ରଧାନ, ମତ୍ସ୍ୟଚାଷ ବାହାନା ନେଇ ପିତଳ ଠାରେ ଏକ ମହିଳା ସମିତିର ଜମି ଚୁକ୍ତିବଦ୍ଧ କରି ମାଛ ଚାଷ ଆଳରେ ସମିତି ପରସରରେ ଥିବା ବହୁ ମୂଲ୍ୟବାନ ଫଳନ୍ତି ନଡିଆ, ପିଜୁଳି, କଦଳି, ସାଗୁଆନ, କରଂଜ ଓ ପିଠଳ ଗଛ କାଟି ପଦା କରିଦେଇଛି । ଗଛ କାଟିବାକୁ ସମିତି କର୍ମକର୍ତା କିମ୍ବା ଜଙ୍ଗଲ ବିଭାଗ କର୍ତୃପକ୍ଷଙ୍କ ଅନୁମତି ନନେଇ ସେ ଗଛଗୁଡିକ କାଟି ନେଇଯାଇଥିବା ଜଣାପଡିଛି । ଆସିକା ଓ ଶେରଗଡ ଫରେଷ୍ଟର ଘଟଣାର ତଦନ୍ତ କରି ସଂପୃକ୍ତ ଯୁବକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ରତଙ୍ଗ ଗ୍ରାମବାସୀଙ୍କୁ କୃଷି ଯନ୍ତ୍ରପାତି ପ୍ରଦାନ

କନ୍ଧମାଳ ,୩୦/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ରତଙ୍ଗ ପଞ୍ଚାୟତ ପନିପରିବା ଚାଷ ଓ ଧାନ ଚାଷ ପାଇଁ ବେଶ ଜଣାଶୁଣା । ଗ୍ରାମର ଶତ ପ୍ରତିଶତ ଲୋକ ଚାଷ କରନ୍ତି । ସେମାନଙ୍କ ଉତ୍ପାଦିତ ଫୁଲକୋବି, ବୀନ, ବାଇଗଣ, ଟମାଟ, ବନ୍ଧାକୋବି ଆଦି ପନିପରିବା ଜିଲ୍ଲା ଓ ଜିଲ୍ଲା ବାହାରେ ବେଶୀ ଚାହିଦା ରହିଛି । ଫଳରେ ଅଞ୍ଚଳର ଚାଷୀଙ୍କୁ ଉତ୍ସାହିତ କରିବା ସହ କ୍ରିୟାଶୀଳ କରିବା ପାଇଁ ଫିରିଙ୍ଗିଆ ବିଡ଼ିଓ ରଶ୍ମି ରଞ୍ଜନ ମହନ୍ତଙ୍କ ଉଦ୍ୟମ ଓ ପରାମର୍ଶ କ୍ରମେ ଆଗ୍ରହୀ ଓ ପରିଶ୍ରମୀ ଚାଷୀ ମାନଙ୍କୁ ପଞ୍ଚାୟତ ସମିତି ମେମ୍ବର ମାନଙ୍କ ଦ୍ୱାରା ପାୱାର ଟିଲରଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ପ୍ରଦାନ କରାଯାଇଥିଲା ।

# ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ମଞ୍ଜୁରୀ

ଧର୍ମଶାଳା,୩୦/୦୮ (ନି.ପ୍ର): ନାରୀ ପ୍ରଗତିରେ ଦେଶର ପ୍ରଗତି । ରାଜ୍ୟରେ ମହିଳାଙ୍କ ଆର୍ଥିକ ମାନଦଣ୍ଡରେ ସୁଧାର ଆଣିବା ଉଦ୍ଦେଶ୍ୟରେ ଗ୍ରାମାଂଚଳର ମହିଳାମାନଙ୍କୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହଯୋଗ କରାଯାଉଛି । ଏହି ଅବସରରେ ଯାଜପୁର ଜିଲା ବଡଚଣା ବ୍ଲକ ବୈରୀସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପକ୍ଷରୁ ଏକ ଋଣ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।
କାର୍ଯ୍ୟକ୍ରମରେ ଆଂଚଳିକ ବାଣିଜ୍ୟ ମୁଖ୍ୟ ଉମାକାନ୍ତ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଋଣର ସଠିକ ବିନିଯୋଗ କରିବା ସହିତ ବ୍ୟାଙ୍କ ସହିତ ବିଶ୍ୱସନୀୟତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ଶାଖା ମୁଖ୍ୟ ପରିଚାଳକ ପ୍ରଶାନ୍ତ କୁମାର ସେଠୀ ଯୋଗଦେଇ ଠିକ୍ ସମୟରେ ଋଣ ପରିଶୋଧ କରି ସବସିଡିର ଫାଇଦା ନେବାକୁ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ ।
କାର୍ଯ୍ୟକ୍ରମରେ ବୈରୀ, ଅମୀୟଝରୀ, ସାତଲଣ୍ଡା, ଚମ୍ପାପୁର ଆଦି ଅଂଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇଥିଲେ । ଚମ୍ପାପୁରସ୍ଥିତ ଗାୟତ୍ରୀ, ସାତଲଣ୍ଡାସ୍ଥିତ ମା ପଦ୍ମାବତୀ, ଅମୀୟଝରୀସ୍ଥିତ ହରିଶଙ୍କର ଓ ବୈରୀସ୍ଥିତ ସାଇଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରାଯାଇଥିଲା । ବ୍ୟାଙ୍କରୁ ଋଣ ପାଇବା ପରେ ସେମାନେ ଏହି ଋଣ ଟଙ୍କାରେ ମାଛ ଚାଷ, ଗୋପାଳନ, କାଇଁଚ ଶିଳ୍ପ ପରି ଲାଭଜନକ ବ୍ୟବସାୟ କରିବେ ବୋଲି ମହିଳାମାନେ ପ୍ରକାଶ କରିଛନ୍ତି ।

## ଜାତୀୟ କ୍ରୀଡ଼ା ଦିବସ ପାଳିତ

କେନ୍ଦ୍ରାପଡ଼ା,୩୦/୦୮ (ନି.ପ୍ର): ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସକୁ ଜାତୀୟ କ୍ରୀଡା ଦିବସ ରୂପେ ପାଳନ କରାଯାଉଛି । ଏହି ଉପଲକ୍ଷେ ଜିଲ୍ଲା କ୍ରୀଡା ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କ ନେତୃତ୍ୱରେ ଆୟୋଜିତ ଏହି ଦିବସରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ର ଆୟୋଜନ କରାଯାଇ ଥିଲା । ପ୍ରତିଯୋଗିତାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର, କପ ସିଲ ପ୍ରଦାନ କରି ପୁରଷ୍କୃତ କରାଯାଇ ଥିଲା । କ୍ରୀଡା ଦିବସ ଉପଲକ୍ଷେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରମାନେ ହାତରେ ପ୍ଲାଏ କାର୍ଡ ଧରି ତିନିମୁହାଣୀ ଠାରୁ ସହର ପରିକ୍ରମା କରି ଇଛାପୁର ରଥଦାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଉପ ନିର୍ଦ୍ଦେଶକ ଶ୍ରୀମତୀ ଆରତୀ ନାୟକ, କ୍ରୀଡା ସଂସଦର ସଂପାଦକ ସୟଦ ଆକବର ଅଲ୍ଲୀ ପ୍ରମୁଖ ଯୋଗଦେଇ ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସକୁ ଜାତୀୟ କ୍ରୀଡା ଦିବସ ଭାବେ ପାଳନ କରିବା ଓ କ୍ରୀଡାବିତ୍‌ଙ୍କୁ ସମ୍ମାନ ଦେବା ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଧ୍ୟାହ୍ନ ଭୋଜନ ଅନୁଦାନ ରାଶି ବାଟମାରଣା ଅଭିଯୋଗ

ମାଲକାନଗିରି,୩୦/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲାର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମଧ୍ୟାହ୍ନ ଭୋଜନ ପାଇଁ ଆସିଥିବା ହଜାର ହଜାର ଟଙ୍କା ଅନୁଦାନ ରାଶି କେତେକ ବିଦ୍ୟାଳୟରେ ବାଟମାରଣା ହେବା ସହ ଛାତ୍ର ଛାତ୍ରୀ ବଦଳରେ ବିଭିନ୍ନ ସ୍ତରରେ ଭାଗ ବଂଟା ହୋଇଥିବାର ଅଭିଯୋଗ ହୋଇଛି । ମିଳିଥିବା ସୂଚନା ମୁତାବକ, କରୋନା ସମୟରେ ୫୩୮ ଦିନ ବିଦ୍ୟାଳୟ ବନ୍ଦ ରହିଥିଲା । ଏହି ସମୟରେ ଜିଲ୍ଲାରେ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଜଣେ ପିଲା ପିଛା ୫ ଟଙ୍କା ୪୨ ପଇସା ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲା ପିଛା ମଧ୍ୟାହ୍ନ ଭୋଜନ ବାବଦକୁ ୮ ଟଙ୍କା ୧୦ ପଇସା ହିସାବରେ ପ୍ରାୟ ୧ ଲକ୍ଷ ପିଲାଙ୍କ ପାଇଁ ଅନୁଦାନ ଆସିଥିଲା । ପ୍ରଥମେ ଭୋଜନ ବାବଦକୁ ବିଭିନ୍ନ ପର୍ଯ୍ୟାୟରେ ଚାଉଳ ପଚାଂୟତ ଓ ପରେ ବିଦ୍ୟାଳୟକୁ ଦିଆଯାଇଥିଲା । ହେଲେ ରୋଷେଇ ବାବଦକୁ ଅର୍ଥ ବିଦ୍ୟାଳୟ ପରିଚାଳନା କମିଟି ବ୍ୟାଙ୍କ ଖାତାରେ ଜମା ହୋଇଅଛି । ନିକଟ ଅତିତରେ ୭୦ ଓ ୧୩୦ ଦିନ ମିଶି ୨୦୦ ଦିନର ଜମା ହୋଇଥିଲା ବେଳେ ପ୍ରାଥମିକ ପିଲାଙ୍କୁ ୧୦୬୭ ଟଙ୍କା ଓ ଉଚ ପ୍ରାଥମିକ ପିଲାଙ୍କ ପାଇଁ ୧୬୨୦ ଟଙ୍କା ଲେଖାଏଁ ଦେବାକୁ ବିଭାଗୀୟ ନିର୍ଦ୍ଦେଶ ରହିଥିଲା । ହେଲେ ବିଦ୍ୟାଳୟ ଖୋଲିବା ପରଠାରୁ ରୋଷେଇ ଅନୁଦାନ ରାଶି ମିଳିନଥିବାରୁ ଉକ୍ତ ଅର୍ଥରୁ ସାମୟିକ ଭାବେ ଭରଣା କରିବାକୁ ବିଭାଗୀୟ ଅଧିକାରୀ କୁଆଡେ ମୌଖିକ ନିର୍ଦ୍ଦେଶ ଦେଇଥିବାର କୁହାଯାଉଛି । ଏହାର ଫାଇଦା ନେଇଯିଏ ଯା ତାଙ୍କ ମନ ମୁତାବକ ଅର୍ଥ ବାଂଟି ଥିବାର ଅଭିଯୋଗ ହେଉଅଛି । ବହୁ ପ୍ରଧାନଶିକ୍ଷକ ଅର୍ଥ ବାଂଟିବା ସମୟରେ ସହକାରୀ ଶିକ୍ଷକଙ୍କୁ କେଉଁଠି ବାଦ୍ ଦେଇଛନ୍ତି ତ କେଉଁଠି ସାମିଲ କରାଇ ନଥିବାର କିଛି ଶିକ୍ଷକ ନାମ ପ୍ରକାଶ ନ କରିବା ସର୍ତରେ କହିଛନ୍ତି । ଏପରି ଘଟଣା ଚଂଚକତା ହୋଇଥିବାର ସନ୍ଦେହକୁ ଘନୀଭୁତ କରୁଛି । ଇତି ମଧ୍ୟରେ ପୁନଃ ମଧ୍ୟାହ୍ନ ଭୋଜନ ରନ୍ଧା ଖର୍ଚ୍ଚ ଜମା କରାଯାଇଛି । ହେଲେ ଯେଉଁମାନେ ଦିନ କାଟି ବାଂଟିଥିଲେ ସେମାନେ ଆଉ ନବାଂଟି ପରିଚାଳନା କମିଟି ବ୍ୟାଙ୍କ ଖାତାରୁ ଟଙ୍କା ଉଠାଇ ନିଜ ଜମା ଖାତାକୁ ନେଇଯାଇ ଥିବାର ଗୁରୁତର ଅଭିଯୋଗ ହେଉଅଛି । ଯେଉଁ ବିଦ୍ୟାଳୟରେ ୧୦୦ରୁ ଉର୍ଦ୍ଧ୍ୱ ପିଲା ସେ ବିଦ୍ୟାଳୟକୁ ଦେଢ ଲକ୍ଷରୁ ଅଧିକ ଅର୍ଥ ଆସିଅଛି । ଜିଲ୍ଲାରେ ୭ଟି ବ୍ଲକ ରହିଥିଲା ବେଳେ ମାଥିଲି ଅଂଚଳରେ ଏପରି ଘଟଣା ଘଟିଥିବାର ଅଭିଯୋଗ ହେଉଥିବାରୁ ଦୁର୍ଗମ ଖଇରପୁଟ, ଚିତ୍ରକୋଣ୍ଡା ଅଂଚଳରେ କିପରି ହୋଇଥିବ ତାହା ସ୍ପଷ୍ଟ ଅନୁମେୟ । ବିଭାଗୀୟ ଅଧିକାରୀଙ୍କ ମଧ ଏ ସମ୍ପର୍କରେ ପାଟି ଚୁପ୍ ଜିଲ୍ଲା ଶିକ୍ଷାଧିକାରୀ ଓ ଅତିରିକ୍ତ ଶିକ୍ଷାଧିକାରୀ ଘନ ଘନ ବିଭିନ୍ନ ଅଂଚଳ ପରଦର୍ଶନରେ ଯାଉଛନ୍ତି । ହେଲେ ଘଟଣା ସମ୍ପର୍କରେ କିପରି ଜାଣିପାରୁ ନାହାଁନ୍ତି ? ଏ ବାବଦରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ମଧ୍ୟାହ୍ନ ଭୋଜନ ପୋଗ୍ରାମର ଅରୁଣ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ପିଲାଙ୍କୁ ଟଙ୍କା ବଂଟା ଯାଇନଥିବା ନେଇ କୌଣସି ଅଭିଯୋଗ ଆସିନାହିଁ, ଯଦି କେଉଁଠାରେ ଏପରି ହୋଇଛି ତାହାହେଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ।

# ହାଇକୋର୍ଟ ବେଂଚ ପ୍ରତିଷ୍ଠା ଦାବି : କାର୍ଯ୍ୟବନ୍ଦ କଲେ ଆଇନଜୀବି

ଜୟପୁର,୩୦/୦୮ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବୀରେ କାଯ୍ୟବନ୍ଦ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଆଇନଜୀବି । ପ୍ରତ୍ୟେକ ମାସର ଶେଷ ୨ ଦିନ କାର୍ଯ୍ୟବନ୍ଦ ନିଷ୍ପତି ହୋଇଛି । ଜୟପୁର ସ୍ଥିତ ଜିଲା ଓକିଲ ସଂଘର ନିଷ୍ପତି କ୍ରମେ ଅଗଷ୍ଟ ୨୯ ଓ ୩୦ ତାରିଖ ୨ ଦିନ ଓକିଲ ମାନେ କାଯ୍ୟବନ୍ଦ କରି ବିକ୍ଷୋଭ କରିଛନ୍ତି । ଉକ୍ତ ୨ ଦିନ ଜେଲରେ ଥିବା ବିଚାରାଧିନ କଏଦିର ଜାମିନ ହିଁ ଶୁଣାଣି ହୋଇପାରିବ । ତା ଛଡା କୌଣସି ମାମଲାର ବିଚାର କି ଶୁଣାଣି ହୋଇପାରିବ ନାହିଁ । ଜୟପୁରରେ ୨୦ଟି କୋର୍ଟ ଥିବାରୁ ସମସ୍ତ କୋର୍ଟରେ ଆଇନଜୀବି ମାନେ ଅନୁପସ୍ଥିତ ରହି ଜିଲା କୋର୍ଟ ସମ୍ମୁଖରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପ୍ରତ୍ୟେକ ମାସର ଶେଷ ଦୁଇ ଦିନ କାର୍ଯ୍ୟାଦେଶରେ ଓକିଲ ମାନେ ଉକ୍ତ ଦାବି ନେଇ କାର୍ଯ୍ୟ ବନ୍ଦ କରିବେ । ଅବିଭକ୍ତ କୋରାପୁଟ ଜିଲାର ଯେକୌଣସି ଠାରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା ଦାବୀ ନେଇ ଦୀର୍ଘ ୨୦୦୮ ମସିହାରୁ ଦାବୀ ହୋଇଆସୁଛି । ସଂଘ ସୂଚନା ଦେଇଛନ୍ତି ଯେ, ଓଡିଶାର ଯଦି କେଉଁଠି ହାଇକୋର୍ଟ ବେଂଚ ପ୍ରତିଷ୍ଠା ପାଇଁ ଅନୁକୁଳ ତାହା ହେଉଛି ଜୟପୁର ସହର । କାରଣ ଜୟପୁର ସହର ହାଇକୋର୍ଟ ଠାରୁ ୬ ଶହ କି.ମି. ଦୂରରେ ରହିଥିବା ବେଳେ ଟ୍ରେନତ ଦୂରର କଥା ସିଧା ସଳଖ ଗୋଟିଏ ବସ ରୁ ୨ ଟି ନାହିଁ । ତେଣୁ ଯାହାର କୁଫଳ ଦୀର୍ଘ ବର୍ଷ ହେବ ଅବିଭକ୍ତ କୋରାପୁଟ ଜିଲାର ନିରିହ ଜନସାଧାରଣ ଭୋଗି ଆସୁଛନ୍ତି । ବିଶେଷ କରି ଅଜ୍ଞନତା ହେତୁ ଏ ଅଂଚଳର ବହୁ ଆଦିବାସି ଓ ହରିଜନ ଶ୍ରେଣିର ଲୋକ ମାନେ ହାଇକୋର୍ଟରେ ମାମଲା ନ ଲଢିପାରି ନିଜ ଅଧିକାର ହରାଇ ବସୁଛନ୍ତି । ଓଡିଶାର ଯେଉଁ ସବୁ ସହର ଗୁଡିକରୁ ହାଇକୋର୍ଟ ବେଂଚ ପ୍ରତିଷ୍ଠା ନେଇ ଦାବି ହୋଇ ଆସୁଛି ସେଗୁଡିକ କଟକ ଠାରୁ ଜୟପୁର ଅପେକ୍ଷା ନିକଟରେ ଅଛନ୍ତି । ରାଜ୍ୟ ସରକାର ଏହି ପଛୁଆ, ମାଓପ୍ରବଣ, ଗମନା ଗମନ କ୍ଷେତ୍ରରେ ଅବହେଳିତ ଏବଂ ସାକ୍ଷରତା ଦୃଷ୍ଟିରୁ ପଛରେ ରହିଥିବା ଅଂଚଳକୁ ପ୍ରାଧାନ୍ୟ ଦେଇ ଜୟପୁର ଠାରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା କରିବାକୁ ନିଷ୍ପତି ନିଆଯାଉ ବୋଲି କମିଟି ଦାବୀ କରିଛି ।
ଏହି ବିକ୍ଷୋଭରେ ସଂଘ ଜିଲା ସଭାପତି ସରୋଜ ଦାଶ, ଉପ ସଭାପତି ଗିରିଧର ଖରା, ହରିଶ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।

# ଏନ୍ଏମ୍ ଫିଟନେସ୍‌ର ତୃତୀୟ ବର୍ଷ ପୂରଣ ଉପଲକ୍ଷେ ଏକ ସ୍କ୍ୱାଟ ପ୍ରତିଯୋଗିତା ଅନୁଷ୍ଠିତ

ବଲାଙ୍ଗିର, ୨୯ ଅଗଷ୍ଟ (ହି.ସ.) : ସ୍ଥାନୀୟ ଶାନ୍ତିପଡା ସ୍ଥିତ ଏନ୍ଏମ୍ ଫିଟନେସ୍‌ର ତୃତୀୟ ବର୍ଷ ପୂରଣ ଉପଲକ୍ଷେ ଏକ ସ୍କ୍ୱାଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟା ୬ଟାରୁ ରାତ୍ର ଘ.୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାର ପ୍ରତ୍ୟେକ ଓଜନ ବର୍ଗରେ ପ୍ରତିଯୋଗୀମାନେ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ । ୫୯ କେଜି ବର୍ଗରେ ୧୨୦ କେଜି ଓଜନ ଉଠାଇ ଛୋଟୁ ପୋଢ ପ୍ରଥମ, ୧୦୦ କେଜି ଉଠାଇ ରାହୁଲ ପଣ୍ଡା ଦ୍ୱିତୀୟ ଓ ୯୦ କେଜି ଉଠାଇ ହେମନ୍ତ ବାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ୬୬ କେଜି ବର୍ଗରେ ୧୩୦ କେଜି ଉଠାଇ ମଦନ ଗର୍ଗ ପ୍ରଥମ, ୧୧୦ କେଜି ଉଠାଇ ଟୁକୁ ମୁଗ୍ରୀ ଦ୍ୱିତୀୟ ଓ ୧୦୫ କେଜି ଉଠାଇ ଢୋଲା ସାହୁ ତୃତୀୟ, ୭୦ କେଜି ବର୍ଗରେ ୧୩୦ କେଜି ଉଠାଇ ଗଜାନନ ପୁଟେଲ ପ୍ରଥମ, ୧୨୦ କେଜି ଉଠାଇ ଚେତକ ନାୟକ ଦ୍ୱିତୀୟ ଓ ୧୧୫ କେଜି ଉଠାଇ ତେଜରାଜ ପୁଟେଲ ତୃତୀୟ, ୭୪ କେଜି ବର୍ଗରେ ୧୨୦ କେଜି ଉଠାଇ ଲିଙ୍ଗରାଜ ସେଠ ପ୍ରଥମ, ୧୧୫ କେଜି ଉଠାଇ ତୁଷାରକାନ୍ତ ସାହୁ ଦ୍ୱିତୀୟ ଓ ୧୧୦ କେଜି ଉଠାଇ ଆଶିଷ ହରିପାଲ ତୃତୀୟ, ୬୩ କେଜି ବର୍ଗରେ ୧୪୦ କେଜି ଉଠାଇ ଓଙ୍କାର ଡାଙ୍ଗ ପ୍ରଥମ, ୧୩୫ କେଜି ଉଠାରେ ଦିବ୍ୟ କର୍ଡୀ ଦ୍ୱିତୀୟ, ୯୩ କେଜି ବର୍ଗରେ ୧୭୦ କେଜି ଉଠାଇ ସନ୍ତୋଷ ବ୍ରହ୍ମା ପ୍ରଥମ, ୧୨୦ କେଜି ଉଠାଇ ସୋହନ ଦାଶ ଦ୍ୱିତୀୟ ଓ ୧୧୫ କେଜି ଉଠାଇ ପ୍ରଭାସ କୁମାର ଅମାନ୍ତ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏକ ମାତ୍ର ମହିଳା ପ୍ରତିଯୋଗୀ ଭାବରେ ଲିଜା ଦାଶ ୫୦ କେଜି ବର୍ଗରେ ୭୫ କେଜି ଓଜନ ଉଠାଇ ଥିଲେ । ରୂପକ କୁମାର ବରାଳ ଓ ସଂଜୟ ଶତପଥି ପ୍ରତିଯୋଗିତାକୁ ପରିଚାଳନା ତଥା ବିଚାରକ ଭାବରେ ଦାୟିତ୍ୱ ତୁଲାଇଥିଲେ । ବିଡିଜିଏର ସଂପାଦକ ସଂଗ୍ରାମ ବହିଦାର ପ୍ରତିଯୋଗିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏନ୍ଏମ୍ ଫିଟନେସ୍‌ର ସତ୍ତ୍ୱାଧିକାରୀ ମୁନା ଦାଶ ପ୍ରତିଯୋଗିତାର ଷ୍ଟ୍ରଙ୍ଗ ମେନ ଭାବରେ ଛୋଟୁ ପୋଢଙ୍କୁ ପୁରସ୍କୃତ କରିଥିଲେ । ବେଷ୍ଟ ଟ୍ରାନ୍ସଫରମେସନ ବଡି ବିଲଡର ଭାବରେ ସୌମ୍ୟ ରଂଜନ ଦାଶଙ୍କୁ ପୁରସ୍କୃତ କରାଯାଇଥିଲା । ଫେଟ୍ ଟୁ ଫିଟ୍ ଭାବରେ ଆଶୁତୋଷ ପଣ୍ଡା ଓ ବେଷ୍ଟ ଡେଭଲପର ଭାବରେ ଟୁକୁନ ଦାଶ ଅତିଥିଙ୍କ ଠାରୁ ଟି-ସାର୍ଟ ଓ ମେଡାଲ ଗ୍ରହଣ କରିଥିଲେ । ସୁରୁ ଭାଇ, ରାଜେଶ, ଟିଟୁ ଓ ଅନ୍ୟମାନେ ପ୍ରତିଯୋଗିତାକୁ ସୁଚାରୁ ରୂପେ ସଂପାଦନ କରିବାରେ ସହଯୋଗ କରିଥିଲେ ।

# ଅହିଂସାକୁ ବୟାନ ସୀମିତ ନ ରଖି, ଏହାର କାର୍ଯ୍ୟକାରିତା ଉପରେ ଧାନ ଦେଉ ସରକାର- ନରସିଂହ ମିଶ୍ର

ବଲାଙ୍ଗିର,୩୦/୦୮ (ନି.ପ୍ର): ଜାତିର ଜନକ ମହାତ୍ମା ଗାନ୍ଧୀ ଅହିଂସା କୁ ଅସ୍ତ୍ର କରି ଦେଶ ପାଇଁ ସ୍ୱାଧିନତା ଆଣିଥିଲେ । ତାର ଆଜି ୭୫ ବର୍ଷ ପୁର୍ତ୍ତି ହେଉଛି । ସାରା ଦେଶରେ ଆଜି ସ୍ୱାଧିନତାର ଅମୃତ ମହୋତ୍ସବ ପାଳନ ହେଉଛି । ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ଜୋଡିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି । ଆଜି ରାଜ୍ୟ ସରକାର ଅହିଂସା ରଥକୁ ସମଗ୍ର ରାଜ୍ୟରେ ପରିକ୍ରମା କରି ଏହି ଉତ୍ସବକୁ ଆହୁରି ବ୍ୟାପକ କରୁଛି । ଏଥି ପାଇଁ ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଉଛି ଏବଂ ତା ସଙ୍ଗେ ସଙ୍ଗେ ରାଜ୍ୟ ସରକାର ଏହା ମତେ ଜାଣିବା ଦରକାର ଯେ ଅହିଂସା ଏକ କେବଳ ଶବ୍ଦ ନୁହେଁ । ଏହାକୁ ବୟାନବାଜିରେ ସିମିତ ନ ରଖୁ । ଏହାର କାର୍ଯ୍ୟକାରିତା ଉପରେ ଧାନ ଦିଅନ୍ତୁ । କାରଣ ରାଜ୍ୟ ସରକାର ଅନେକ ସମୟରେ ଦେଖା ଦେଇଛି ନିର୍ବାଚନି ବୈତରଣୀ ପାର ହେବା ପାଇଁ ହିଂସାର ଆଶ୍ରୟ ନେଇଥାନ୍ତି । ତେଣୁ ଅହିଂସା ରଥ ତତ୍ପର୍ଯ୍ୟତା କୁ ସରକାର ନିଜ କାର୍ଯ୍ୟରେ ମଧ ପ୍ରତିଫଳନ କରନ୍ତୁ ବୋଲି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଆଜି ସ୍ଥାନୀୟ ପି.ପି.ଏକାଡେମୀ ସମ୍ମିଳନୀ କକ୍ଷରେ ଅହିଂସା ରଥ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ କହିଛନ୍ତି । ସେ ଏହା ମଧ କହିଛନ୍ତି ଯେ ଯେଉଁ ଲୋକେ ନିଜର କାର୍ଯ୍ୟାଳୟରେ ଦିର୍ଘ ବର୍ଷ ଧରି ଜାତୀୟ ପତାକା ଉତ୍ତୋଳନ କରିନଥିଲେ ତ୍ରିରଙ୍ଗାକୁ ଜାତୀୟ ପତାକା ମାନ୍ୟତା ଦେବା ଉପରେ ପ୍ରଶ୍ନ କରିଥିଲେ, ଡେରିରେ ହେଲେ ମଧ ସେମାନେ ବୁଝିପାରିଛନ୍ତି ଯେ ତ୍ରିରଙ୍ଗାର ମହତ୍ୱ କେତେ । ଆଜି ସେମାନେ ବାଧ ହୋଇ ଗାନ୍ଧିଜୀ ଏବଂ ଜାତିୟ ପତାକାକୁ ସମ୍ମାନ ଦେଉଛନ୍ତି ବୋଲି ବିଧାୟକ ଶ୍ରୀ ମିଶ୍ର କହିଥିଲେ ।
ଆଜିର ଏହି ଅହିଂସା ରଥ ସ୍ୱାଗତ କରିବା ପାଇଁ ସହର ର ଅନେକ ସାମାଜିକ ସଂଗଠନ, ବୁଦ୍ଧିଜିବି, ଛାତ୍ର, ଶିକ୍ଷକ, ଗାନ୍ଧୀବାଦି ତଥା ସାମ୍ବାଦିକମାନେ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଅଧିକାରୀଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ, ଜିଲ୍ଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ ପ୍ରମୁଖ ଉପସ୍ଥିତ ରହି ଅହିଂସା ରଥକୁ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ପରିପ୍ରେକ୍ଷିରେ ଜିଲ୍ଲାର ୫ ଜଣ ବୁଣାକାରଙ୍କୁ ଅରଟ ପ୍ରଦାନ କରାଯାଇଥିଲା ।

# ଗରିବଙ୍କ ମୁଣ୍ଡ ଉପରେ ନାହିଁ କଂକ୍ରିଟ୍ ଛାତ : ୫ ବର୍ଷରେ ମିଳିଛି ୭୩୦୯ , ଅପେକ୍ଷାରେ ୭୨୮ ଜଣ

ଯଶିପୁର ,୩୦/୦୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଅନ୍ୟତମ ବୃହତ୍ ବ୍ଲକ ଭାବେ ୨୦ ପଞ୍ଚାୟତ ବିଶିଷ୍ଟ ଯଶିପୁର ବ୍ଲକ୍‌ର ଆବାସ ଘର ସମସ୍ୟା ଚିନ୍ତାଜନକ ବିଷୟ ପାଲଟିଛି । ଦୀର୍ଘବର୍ଷ ଧରି ଆବାସ ଗୃହ ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ ଏ ଯାବତ୍ ଆହୁରି ଶହଶହ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇ ପାରିନାହାନ୍ତି । ଲଘୁଚାପ ଜନିତ ଲଗାଣ ବର୍ଷା, ଅଦିନିଆ ବାତ୍ୟା କିମ୍ବା ହାତୀ ଆକ୍ରମଣର ଶିକାର ହୋଇଥିବା ଶହଶହ ବିପନ୍ନ ପରିବାରଙ୍କ ସ୍ୱଷ୍ଟ ଚିତ୍ର ଉଦାହରଣ ସାଜିଛି । ପ୍ରଧାନମନ୍ତ୍ରୀଙ୍କ ଘୋଷାଣ ମତେ ୨୦୨୨ ସୁଦ୍ଧା ସମସ୍ତ ଗ୍ରାମାଞ୍ଚଳ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆଯିବା ଘୋଷଣା ବିଫଳ ହୋଇଛି । ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର ଯୋଜନା ମଧ ଗ୍ରାମାବାସୀଙ୍କ ମରିଚିକା ପାଲଟିଛି । ୫ ବର୍ଷରେ ୭୩୦୯ ଜଣଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଥିବାବେଳେ ଆହୁରି ୭୨୮ଜଣ ପାଇବାକୁ ଅପେକ୍ଷାରେ ଥିବା ବ୍ଲକ ସୂତ୍ରରୁ ଜଣାପଡ଼ିଛି । ବ୍ଲକର ୨୦ଟି ପଞ୍ଚାୟତ ମଧ୍ୟରେ ଶିମିଳିପାଳର ଦୁର୍ଗମ ବନାଞ୍ଚଳରେ ଥିବା ୩ଟି ମୁଖ୍ୟ ପଞ୍ଚାୟତ ସମେତ ଆହୁରି ୧୦ଟି ଜନଜାତି ଅଧୁଷିତ ପଞ୍ଚାୟତ ରହିଛି । ସରକାରୀ ପରିସଂଖ୍ୟାନ ଅନୁଯାୟୀ ବିଗତ ୫ ବର୍ଷ ମଧରେ ୨୦୧୬-୧୭ ମସିହା ଆର୍ଥିକ ବର୍ଷଠାରୁ ଚଳିତ ଆର୍ଥିକ ବର୍ଷ ମଧରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୭୩୭୦ ହିତାଧିକାରୀଙ୍କ ନାମ ପଞ୍ଜୀକରଣ ହୋଇ ଥିବାବେଳେ ସେମାନଙ୍କ ମଧରୁ ୭୩୦୯ ଜଣଙ୍କ ନାମରେ ଗୃହ ମଞ୍ଜୁର ହୋଇଛି । ୬୫୮୧ ଜଣ ହିତାଧିକାରୀଙ୍କ ଗୃହ ସମ୍ପୂର୍ଣ୍ଣ ହୋଇ ଥିବାବେଳେ ଅବଶିଷ୍ଟ ଗୃହ ନିର୍ମାଣଧୀନ ରହିଛି ।
ସରକାରୀ ତଥ୍ୟ ଅନୁସାରେ ଅସ୍ତକୁମାର ପଞ୍ଚାୟତରେ ୨୭୭, ବରେହିପାଣି ପଞ୍ଚାୟତରେ ୩୨୬, ବାଉଁଶନାଳିରେ ୨୬୯, ବେଗୁନିଆରେ ୪୭୧, ଚାକିଡିରେ ୬୦, ଧଳକ୍ଷବଣିରେ ୫୮୯, ଦୁର୍ଦ୍ଧୁରାରେ ୫୧୦, ଏକତାଳିରେ ୪୭୦, ଗୁରୁଗୁଡ଼ିଆରେ ୩୪୮, ଜାମଦାସାହିରେ ୧୩୩, ଜାମୁକେଶରରେ ୨୮୫, ଯଶିପୁରରେ ୨୨୭, ମହାର୍ଦ୍ଦାପଳସାରେ ୧୪୯, ମଣନ୍ଦାରେ ୧୮୮, ମାଟିଆଗଡ଼ରେ ୩୧୩, ମଉଦିରେ ୧୮୪, ପାଣ୍ଡରେ ୮୨, ପୋଡ଼ାଗଡ଼ରେ ୪୩୧, ରୁଗୁଡ଼ିରେ ୪୭୭, ଟଙ୍ଗାବିଲାରେ ୨୪୪ ଗୃହ ସମ୍ପୂର୍ଣ୍ଣ ହୋଇଛି । ଅବଶିଷ୍ଟ ୭୨୮ ଗୃହ ସମ୍ପୂର୍ଣ୍ଣ ହୋଇ ନ ପାରି ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ରହିଛି । ଗୃହ ନିର୍ମାଣ କାର୍ଯ୍ୟ ହିତାଧିକାରୀଙ୍କ ଦ୍ୱାରା ସମ୍ପନ୍ନ ହେବାକୁ ନିୟମ ଥିବାବେଳେ କିସ୍ତି ଉଠାଇବା ବେଳେ ବିଭିନ୍ନ ସମସ୍ୟା ଅନ୍ତରାୟ ସୃଷ୍ଟି କରିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବ୍ୟତୀତ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ବିଜୁ ପକ୍କା ଘର ଯୋଜନାରେ ପାଖାପାଖି ୬୦୦ ହିତାଧିକାରୀଙ୍କୁ ଗୃହ ଯୋଗାଇ ଦିଆଯାଇଛି । ୨୦୨୦ ଓ ୨୦୨୧ ମସିହାରେ ମହାମାରୀ କରୋନା ଯୋଗୁଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନୂଆ ଗୃହ ଆଉ ମଞ୍ଜୁର ହୋଇ ପାରିନାହିଁ । ମିଳିଥିବା ସୂଚନା ଅନୁସାରେ, ଅନୁସୂଚିତ ଜାତି ଓ ଜନଜାତି ହିତାଧିକାରୀଙ୍କୁ ବାଦ୍ ଦେଇ କେବଳ ସ୍ୱତନ୍ତ୍ର ଆର୍ଥିକ ଅନଗ୍ରସର ବର୍ଗରେ ଥିବା ୩୦୪ ହିତାଧିକାରୀଙ୍କ ପାଇଁ ଗୃହ ମଞ୍ଜୁର ହୋଇଥିଲା । ସେଥିମଧ୍ୟରୁ ୧୬୮ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ନିକଟରେ ଲଗାଣ ବର୍ଷାରେ ବ୍ଲକ୍‌ର ୧୯୩ ଗୃହ ଆଂଶିକ ଭାବେ ଭାଙ୍ଗିଥିବା ନେଇ ତହସିଲ ପକ୍ଷରୁ ରାଜ୍ୟ ସରକାରଙ୍କୁ ରିପୋର୍ଟ କରାଯାଇଥିବାବେଳେ ହାତୀପଲ ୧୦ରୁ ଉର୍ଦ୍ଧ୍ୱ ଗ୍ରାମରେ ଶତାଧିକ ଗୃହ ଭାଙ୍ଗିଛନ୍ତି । ଆବାସ ଯୋଜନା ସମ୍ପର୍କରେ ପଞ୍ଚାୟତର ପୂର୍ବତନ ବ୍ଲକ ଅଧକ୍ଷ ମାନଗୋବିନ୍ଦ ନାଏକ କହିଛନ୍ତି, ତିନି ବର୍ଷ ହେଲାଣି ସରକାରଙ୍କ ପକ୍ଷରୁ ନୂତନ ଗୃହ ମଞ୍ଜୁର ହୋଇନାହିଁ । ବର୍ତ୍ତମାନ ଯୋଜନା ଅନୁଯାୟୀ ପ୍ରତି ଛାତଘର ନିର୍ମାଣ ପାଇଁ ସ୍ଥିରୀକୃତ ହୋଇଥିବା ଏକ ଲକ୍ଷ ତିରିଶ ହଜାର ଟଙ୍କା ନିଅଣ୍ଟ ହେଉଛି । ଦୁଇରୁ ଅଢେଇ ଲକ୍ଷ ଟଙ୍କା ବୃଦ୍ଧି କରିବାର ଆବଶ୍ୟକତା ରହିଛି । ଶିମିଳିପାଳର ବନାଞ୍ଚଳ ବାସିନ୍ଦାଙ୍କ ଗୁରୁତର ସମସ୍ୟାକୁ ଆଖିରେ ରଖି ଏଠାରେ ଆବାସ ଯୋଜନା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି ।

ଡକ୍ଟର ଲକ୍ଷ୍ମଣ ସାହୁ


## ଗଣଦେବତା ଶ୍ରୀଗଣେଶ ଉପାସନା

କେଉଁ ପ୍ରାଚୀନ କାଳରୁ ଧର୍ମ ମାନବ ଜୀବନର ଆତ୍ମ ବିକାଶର ସାର୍ବଭୌମ ସାରଥି ସାଜିଛି । ଚକ୍ର ବିହୀନ ରଥ ଯେପରି ଗତିହୀନ, ଅନୁରୂପ ଭାବରେ ଧର୍ମ ଓ ନୀତିର ଅଭାବରେ ଏକ ସୁସ୍ଥ ସୁନ୍ଦର ସମାଜ ଗଠନ କରିବା ଅସମ୍ଭବ । ତେଣୁ ଯୁଗ ଯୁଗ ଧରି ଭାରତ ମାଟିରେ ଧର୍ମ ପ୍ରଚାରକ ଗଣ ଧର୍ମକୁ ରକ୍ଷା କରି, ନିଜର ଜୀବନକୁ ଧନ୍ୟ ମନେ କରି ଆସିଛନ୍ତି । ପଞ୍ଚ ଦେବତାଙ୍କ ଉପାସନା ଓ ଧାର୍ମିକ ଚେତନା ସେମାନଙ୍କ ଜୀବନକୁ ପବିତ୍ର କରିଆସିଛି । ଯଥା :-

'ଗଣେ ନାରାୟଣେ ରୁଦ୍ରେ ଅମ୍ବିକେ
ଭାସ୍କରେ ତଥା
ଭିନ୍ନା ଭିନ୍ନ ନକର୍ତ୍ତବ୍ୟଂ ପଞ୍ଚଦେବ
ନମୋସ୍ତୁତେ ।'

ବିନାୟକ, ବିଷ୍ଣୁ, ଶିବ, ଶକ୍ତି ଓ ସୂର୍ଯ୍ୟ ଏହି ପଞ୍ଚ ଦେବ, ଦେବୀଙ୍କୁ ପରମ ତତ୍ତ୍ୱ ରୂପେ ଗ୍ରହଣ କରି ଉପାସନା କରାଯାଇଛି । ବିଚାର ଦୃଷ୍ଟିରୁ ପୁଣ୍ୟ ଭୂମି ଭାରତରେ ସର୍ବ ଧର୍ମ ମଧ୍ୟରେ ବୈଷ୍ଣବ, ଶୈବ, ଶାକ୍ତ, ସୌର ଓ ଗାଣପତ୍ୟ ଧର୍ମର ପ୍ରଭାବ ସର୍ବାଧିକ ପ୍ରଚଳିତ ହୋଇଆସୁଛି । ଭାରତୀୟ ସଂସ୍କୃତିର ପ୍ରବାହମାନ ଧାରାରେ ଜାତି, ଧର୍ମ, ବର୍ଣ୍ଣ, ସଂପ୍ରଦାୟ ନିର୍ବିଶେଷରେ ବିଘ୍ନରାଜ ବିନାୟକ ସର୍ବ ପୂଜ୍ୟ ଗଣ ଦେବତାର ଆସନ ଅଳଙ୍କୃତ କରି ଶ୍ରୀ ଗଣେଶ ନାମରେ ଖ୍ୟାତ ହୋଇଛନ୍ତି । ଋକ୍ ବେଦ ଦ୍ୱିତୀୟ ମଣ୍ଡଳାନୁସାରେ ଗଣନାଥ ଗଣେଶ ଉପାସନାର ପ୍ରାଚୀନତମ ନିଦର୍ଶନ ସୂଚନା ମିଳେ । ଏହି ସୂକ୍ତରେ ଶ୍ରୀ ଗଣେଶଙ୍କୁ ସର୍ବ ଦେବତା ମାନଙ୍କ ମଧ୍ୟରେ ଶ୍ରେଷ୍ଠ, କବି ମାନଙ୍କ ମଧ୍ୟରେ ବରେଣ୍ୟ ତଥା ଜ୍ୟେଷ୍ଠ ଏବଂ ଶ୍ରେଷ୍ଠ ରୂପରେ ପ୍ରତିପାଦନ କରାଯାଇଛି । ସେଭଳି ଯଜୁର୍ବେଦରେ ମଧ୍ୟ ଋକ୍ ବେଦ ସୂକ୍ତର ଏକ ଭିନ୍ନ ରୂପ ପରିଲକ୍ଷିତ ହୁଏ । ତେଣୁ ଭାରତୀୟ ଧର୍ମ ଧାରାରେ ବୈଦିକ କାଳରୁ ଶ୍ରୀଗଣପତିଙ୍କ ଉପାସନାର ଉନ୍ମେଷ ଘଟିଥିବା ଜଣାଯାଏ । ବୈଦିକ ମନ୍ତ୍ରରେ ଗଣପତିଙ୍କୁ ସର୍ବ ସିଦ୍ଧ ଦାତା, ଋଦ୍ଧି ସିଦ୍ଧି ଦାତା, ସର୍ବ ମଙ୍ଗଳ ମୟ ରୂପେ ସ୍ତୁତି କରାଯାଇଛି-:

'ଓଁ ଖର୍ବଂ ସ୍ଥୂଳତନୁଂ ଗଜେନ୍ଦ୍ର
ବଦନଂ ଲମ୍ବୋଦରଂ ସୁନ୍ଦରଂ
ପ୍ରସ୍ୟନ୍ଦନ୍ ମଦଗନ୍ଧ ଲୁବ୍ଧ ମଧୁପ
ବ୍ୟାଲୋଳ ଗଣ୍ଡ ସ୍ଥଳମ୍
ଦନ୍ତାଘାତି ବିଦାରିତାରି
ରୁଧିରୈଃ ସିନ୍ଦୁର ଶୋଭା କରଂ
ବନ୍ଦେ ଶୈଳ ସୁତା ସୁତଂ
ଗଣପତି ସିଦ୍ଧିପ୍ରଦଂ କାମଦମ୍ ।'



ସେଭଳି ସାମ ବେଦୀୟ ବିନାୟକ ସଂହିତା, ମୈତ୍ରାଣୀ ସଂହିତା, ଯଜୁର୍ବେଦୀୟ କାଣ୍ୱ ସଂହିତା ପ୍ରଭୃତିରେ ବିଘ୍ନ ବିନାଶନ ଗଣପତିଙ୍କ ମନ୍ତ୍ରର ଉଲ୍ଲେଖ ଅଛି । ଉପନିଷଦରେ ଗଣପତିଙ୍କୁ ସର୍ବ ଶକ୍ତିମାନ୍ ରୂପରେ କରାଯାଇଛି । ଉପନିଷଦ କାଳରେ ଗାୟତ୍ରୀ ମନ୍ତ୍ର ଦ୍ୱାରା ଗଣପତିଙ୍କୁ ପରଂବ୍ରହ୍ମଙ୍କର ପ୍ରତୀକ ରୂପେ ଚିହ୍ନିତ କରାଯାଇଛି । ଗଣପତି ଉପନିଷଦରେ ବ୍ରହ୍ମ ଉପାସନାର ତତ୍ତ୍ୱ ପରିଦୃଷ୍ଟ । ନିଗମ ଓ ଆଗମ ଉଭୟ ପରଂପରାରେ ଗଣପତି ଏକ ମହତ୍ତ୍ୱପୂର୍ଣ୍ଣ ଶ୍ରେଷ୍ଠ ଦେବତାର ଆସନ ଅଳଙ୍କୃତ କରି ଆସୁଛନ୍ତି । ସ୍ମୃତି ଶାସ୍ତ୍ରରେ ପ୍ରଭୁ ଗଣପତିଙ୍କୁ ହବିର୍ଭୋକ୍ତା ଯଜ୍ଞ ଦେବତା ରୂପେ ଚିତ୍ରଣ କରାଯାଇ ଗାଣପତ୍ୟାଗ୍ନିର ସଂସ୍କାର ବିଧି ଓ ହୋମ କାର୍ଯ୍ୟ ସଂପାଦନ କରାଯାଉଥିବା ବିଧି ରହିଛି ।

ଗଣପତି ଉପାସନାର ଉତ୍ତରଣ ଫଳରେ ଗାଣପତ୍ୟ ସମ୍ପ୍ରଦାୟର ଉନ୍ମେଷ ଘଟିଛି । ଯାହା ଫଳରେ ସେମାନଙ୍କ ଲେଖନୀ ଚାଳନାରେ ବିଭିନ୍ନ ସ୍ତବ, ସ୍ତୋତ୍ର, କବଚ, କୀଳକ, ପଟଳ ଓ ପୁରାଣାଦି ବର୍ଣ୍ଣିତ ହୋଇଛି । ସେ ଏକ ଦନ୍ତ, ଚତୁର୍ଭୁଜ, ପାଶ-ଅଙ୍କୁଶ ଅଭୟ ଓ ବରଦ ମୁଦ୍ରାଧାରୀ, ରକ୍ତ ବସ୍ତ୍ରଧାରୀ ରୂପେ ଚିତ୍ରିତ ହୋଇ ପୂଜା ପାଇଆସୁଛନ୍ତି । ଯଥା:- 'ଓଁ ଏକଦନ୍ତଂ ମହାକାୟଂ ଲମ୍ବୋଦରଂ ଗଜାନନଂ/ ବିଘ୍ନ ନାଶକର ଦେବଂ ହେରମ୍ବଂ ପ୍ରଣମାମ୍ୟହମ୍ ।'ସକଳ ବିଘ୍ନ ହରଣ ନିମିତ୍ତ ଭକ୍ତମାନେ ସଭକ୍ତି ପ୍ରଣାମ ପୂର୍ବକ ବିଘ୍ନେଶ୍ୱର ମହାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତି -

'ଓଁ ଲମ୍ବୋଦରଂ ପରମ ସୁନ୍ଦର ମେକ ଦନ୍ତଂ/ ରକ୍ତାମ୍ବରଂ ତ୍ରିନୟନଂ ପରମଂ ପବିତମ୍ । ଉଦ୍ୟୋତ୍ ଦିବାକାରୀ କରୋ ଜ୍ୱଳକାନ୍ତି କାନ୍ତଂ/ ବିଘ୍ନେଶ୍ୱରଂ ସକଳ ବିଘ୍ନହରଂ ନମାମି ।'

କାଳ କ୍ରମେ ଶକ୍ତି ଉପାସନା ସହିତ ଗଣପତି ପୂଜାର ମିଳନ ଘଟିଛି । ଭାରତର ବିଭିନ୍ନ ଶକ୍ତି ପୀଠ ଗୁଡ଼ିକରେ ମାତୃଗଣଙ୍କ ମଧ୍ୟରେ ଗଣପତି ଆରାଧିତ ହେଉଛନ୍ତି । ଓଡ଼ିଶାର ଗଞ୍ଜାମ ଜିଲ୍ଲା, ସାନ ଖେମୁଣ୍ଡି ଅନ୍ତର୍ଗତ କଙ୍କୋରଡାସ୍ଥ ଶକ୍ତିପୀଠ ମା' ନାରାୟଣୀଙ୍କ ସହ ଏକତ୍ର ଆସନରେ ପୂଜା ପାଉଛନ୍ତି । ସେ ବୈଦିକ ଦେବତା ଅଗ୍ରପୂଜ୍ୟ ବିଘ୍ନ ବିନାଶକାରୀ ବିନାୟକ । ସେ ଓଁକାର ରୂପୀ, ଅଖିଳ ଜଗତରେ ସେ ଜୀବ ସ୍ୱରୂପ । ସେ ବକ୍ରତୁଣ୍ଡ ଓ ସର୍ବ କାର୍ଯ୍ୟ ସିଦ୍ଧି ଦାତା ଗଣେଶ ଭାବରେ ଆରାଧିତ ହୋଇ ଆସୁଛନ୍ତି- 'ଓଁ ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟ କୋଟି ସମପ୍ରଭଃ/ ନିର୍ବିଘ୍ନଂ କୁରୁମେ ଦେବ ! ସର୍ବ କାର୍ଯ୍ୟେ ଷୁ ସର୍ବଦା ।'

ପୁରାଣ ଯୁଗ ପରେ ବୌଦ୍ଧ ମତବାଦରେ ମଧ୍ୟ ଗଣପତି ଶ୍ରେଷ୍ଠ ଦେବତାର ଆସନ ଅଳଙ୍କୃତ କରିଛନ୍ତି । ବୌଦ୍ଧମାନେ ଗଣେଶଙ୍କୁ ପ୍ରଚ୍ଛନ୍ନ ବୁଦ୍ଧ ନାମରେ ନାମିତ କରିଛନ୍ତି । ବୌଦ୍ଧ କିମ୍ବଦନ୍ତୀ ଅନୁଯାୟୀ ଭଗବାନ୍ ବୁଦ୍ଧଙ୍କର ଜନନୀ ମାୟାଦେବୀ ଗୌତମଙ୍କ ଜନ୍ମ ପୂର୍ବରୁ ଶ୍ୱେତ ହସ୍ତୀର ସ୍ୱପ୍ନ ଦେଖିଥିଲେ । ସେହି ଶ୍ୱେତ ହସ୍ତୀ ମସ୍ତକ ସହ ଆରୋଧିତ ଗଣେଶ ମୂର୍ତ୍ତିହିଁ ପ୍ରଚ୍ଛନ୍ନ ବୁଦ୍ଧ ବୋଲି ଧରାଯାଏ । ବୌଦ୍ଧ ଭିକ୍ଷୁ ଓ ଶ୍ରମଣ ଗଣ ଦକ୍ଷିଣ ପୂର୍ବ ଏସିଆରେ ଗଣପତି ଉପାସନାର ପ୍ରସାର ଘଟାଇଥିବା କଥା ପୁରାତନ ଗ୍ରନ୍ଥ ଓ ଇତିହାସରୁ ଜଣାପଡ଼େ । ଇତିହାସ ସ୍ପଷ୍ଟ ଜାପାନ୍ ଓ ଚୀନରେ ଗଣେଶଙ୍କୁ ବିନାୟକ ନାମରେ ଆରାଧନା କରାଯାଏ । ବ୍ରହ୍ମଦେଶରେ ମହାପୀନେ ରୂପେ ଗଣପତି ସୁବିଖ୍ୟାତ ହୋଇଛନ୍ତି । ଶ୍ରୀଲଙ୍କାରେ ସୁବ୍ରମଣ୍ୟମ୍ ମନ୍ଦିରରେ ସର୍ବସାଧାରଣଙ୍କ ଦ୍ୱାରା ଗଣପତିଙ୍କ ପୂଜାର୍ଚ୍ଚନା ହୋଇଥାଏ । ସେଭଳି ନେପାଳରେ ସିଂହବାହନ ହେରମ୍ବ ଗଣପତି ସର୍ବ ସିଦ୍ଧି ଦାତା ଭାବେ ପ୍ରସିଦ୍ଧ ଲାଭ କରିଛନ୍ତି । ଇତିହାସର ଗୁପ୍ତ ଯୁଗକୁ ଦୃଷ୍ଟି ଦେଲେ ଶ୍ରୀଗଣେଶଙ୍କର ପ୍ରାଧାନ୍ୟ ଅନୁଭୂତ ହୋଇ ବହୁ ମନ୍ଦିର ନିର୍ମାଣ ହେବା ସହିତ ଅନେକ ପୁରାଣ ଉପ ପୁରାଣ ରଚିତ ହୋଇଛି । ସେହି ସମୟରେ ରଚିତ 'ଗଣେଶ ପୁରାଣ'ରେ ପ୍ରଭୁଙ୍କ ଅବତାର ଲୀଳା ବର୍ଣ୍ଣିତ ହୋଇଛି । ଶ୍ରୀଗଣେଶ ପୂଜା ସର୍ବଭାରତୀୟ ପୂଜା ଭାବେ ପ୍ରସିଦ୍ଧି ଲାଭ କରିଛି । ଉତ୍କଳରେ ଗଣପତିଙ୍କ ପୂଜାର ପରମ୍ପରା ବହୁ ପ୍ରାଚୀନ । ଉତ୍କଳର ଭୌମ ଓ ସୋମ ବଂଶୀ ଶାସନ କାଳରୁ ଏହି ପର୍ବ ପାଳିତ ହେଉଥିବା ଇତିହାସ ଜଣାଯାଏ । ମାଟିର ମହାକବି ଶୂଦ୍ର ମୁନି ସାରଳା ଦାସ ସ୍ୱୀୟ ଗ୍ରନ୍ଥ 'ମହାଭାରତ'ର ବନ ପର୍ବ ପ୍ରଥମ ଖଣ୍ଡରେ ବ୍ୟାଧିର ମୁକ୍ତି ଦାତା ଭାବରେ ଶ୍ରୀଗଣେଶଙ୍କୁ ଚିତ୍ରିତ କରିଛନ୍ତି । ଏକ ଉପାଖ୍ୟାନରେ ଶ୍ରୀଗଣେଶଙ୍କ ମହିମା ରୂପ ଲାଭ କରିଛି - 'ପୁରାଣ ପ୍ରସିଦ୍ଧ ଶିବାନଦୀ କୂଳରେ ବସତି ସ୍ଥାପନ କରିଥିବା ବସୁ ନାମକ କୁମ୍ଭକାର ମାଟିରେ ଅଷ୍ଟଭୂଜ ଗଣେଶ ମୂର୍ତ୍ତି ନିର୍ମାଣ କରି ବିଧି ଅନୁସାରେ ଲଡୁ, ମୁଆଁ, ଗଜା ଆଦି ଭୋଗ ଦେଇ ଭକ୍ତିର ସହ ଗଣପତିଙ୍କୁ ପୂଜାର୍ଚ୍ଚନା କରିବାରୁ ତାଙ୍କ ଅନୁକମ୍ପାରୁ ମାତ୍ର ତିନିଦିନ ମଧ୍ୟରେ ସେ କୁଷ୍ଠ ବ୍ୟାଧିରୁ ମୁକ୍ତି ଲାଭ କଲେ । ଫଳରେ ଏକଥା ପ୍ରଚାରିତ ହେବାରୁ ସେହି ନଗ୍ରର ଲୋକ ମାନେ ଭକ୍ତି ସ୍ୱରୂପ ଶ୍ରୀଗଣନାଥଙ୍କର ପୂଜାର୍ଚ୍ଚନା କରି ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତିଲାଭ କରିଥିବା ବେଳେ ଅପୁତ୍ରିକ ମାନେ ମଧ୍ୟ ପୂଜାରାଧନା କରି ପୁତ୍ର ସନ୍ତାନ ପାଇଥିଲେ ବୋଲି ବିଶ୍ୱାସ ରହିଛି ।

ତତ୍କାଳୀନ ସମାଜରେ ଗଣପତି ଉପାସନାର ପ୍ରସାର ଘଟି ଶେଷରେ ସାର୍ବଜନୀନ ଉପାସନାରେ ପରିଣତ ହେଲା । ଫଳତଃ ସମଗ୍ର ଦେଶର ପୁର ପଲ୍ଲୀ ସହର ନଗ୍ରରେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରେ ଜନଗଣଙ୍କ ଦ୍ୱାରା ଶ୍ରୀଗଣେଶଙ୍କ ପୂଜା ମହାନନ୍ଦ ଉଲ୍ଲାସରେ ପାଳିତ ହୋଇଆସୁଛି । ପ୍ରଭୁ ଗଜାନନ ବିଘ୍ନ ନାଶକ ଓ ଅଗ୍ରପୂଜ୍ୟ ହୋଇଥିବା ହେତୁ ତାଙ୍କ ପୂଜା ପରେ ଅନ୍ୟ ଦେବ ଦେବୀଙ୍କ ପୂଜା ବ୍ରତ ବିଧି ମୁତାବକ ପାଳିତ ହୋଇଥାଏ । ଶ୍ରୀଗଣେଶ ବିଦ୍ୟା ଦାତା ଓ ସିଦ୍ଧି ଦାତା ରୂପେ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ପୂଜିତ ହୁଅନ୍ତି । ଛାତ୍ର ଛାତ୍ରୀମାନେ ଆପଣାର ବିଘ୍ନ ବିନାଶ ତଥା ସର୍ବ ମଙ୍ଗଳ ନିମିତ୍ତ ପ୍ରଭୁ ବିଘ୍ନ ବିନାଶକାରୀ ପାର୍ବତୀ ନନ୍ଦନ ଶ୍ରୀ ଗଣେଶଙ୍କୁ ପରମ ଭକ୍ତି ସହକାରେ ପୂଜା କରନ୍ତି ତାଙ୍କର ସ୍ତୁତି କରନ୍ତି:

'ଓଁ ନମୋ ଗଣେଶ ବିଘ୍ନେଶ
ଗିରିଜା ନନ୍ଦନ ପ୍ରଭୋ
ମମ ବିଘ୍ନ ବିନାଶୟ ଗଣାଧି ପତୟେ ନମଃ ।

ପ୍ରତ୍ୟେକ ମାଙ୍ଗଳିକ ଓ ଶୁଭ କାର୍ଯ୍ୟର ପ୍ରାରମ୍ଭରେ ପୂର୍ଣ୍ଣ କଳସ ସ୍ଥାପନ କରାଯାଇ ଶ୍ରୀଗଣେଶଙ୍କର ଆରାଧନା କରାଯାଏ । ଅନେକ ପୀଠ ମନ୍ଦିରରେ ଗଣେଶ ମୁଖ୍ୟ ଦେବତା ଓ ପାର୍ଶ୍ୱ ଦେବତା ରୂପେ ପୂଜା ପାଉଛନ୍ତି । କେତେକ ମନ୍ଦିରରେ ସ୍ୱତନ୍ତ୍ର ଗଣପତି ପୂଜାର ବିଧି ରହିଛି । ବିଶ୍ୱ ପ୍ରସିଦ୍ଧ ପ୍ରଭୁ ଜଗନ୍ନାଥ ଜନ୍ମ ବାସରରେ ସ୍ନାନ ବେଦୀରେ ଗଣପତି ରୂପ ଧାରଣ କରନ୍ତି । ସିଦ୍ଧ ସାଧକଗଣ ଲେଖନୀରେ 'ଗଣେଶ ବିଭୂତି', 'ଗଣେଶ ଶତନାମ', 'ସହସ୍ର ନାମ' ପ୍ରଭୃତି ରଚନାର ସୃଷ୍ଟି ଘଟିଛି । ଫଳତଃ ଗଣପତି ପୂଜାର ବ୍ୟାପକ ପ୍ରଚାର ଓ ପ୍ରସାର ଲାଭ ହୋଇଛି । ବାସ୍ତବରେ ବିଘ୍ନ ରାଜ ଗଣେଶ ସମଗ୍ର ଭାରତ ବର୍ଷର ପରମରାଧ ଦେବତା । ସେ ହିଁ ଭକ୍ତ ସେବକ ମାନଙ୍କର ଭାଗ୍ୟ ନିର୍ମାତା ଓ ମୋକ୍ଷଦାତା, ସେ ହିଁ ବିଘ୍ନ ବିନାଶ କାରୀ ଓ କୃପାମୟ ଅଟନ୍ତି । ତେଣୁ ଏ ଦୁର୍ଲଭ ମାନବ ଜନ୍ମର ସାର୍ଥକତା ଓ ମୋକ୍ଷ ନିମିତ୍ତ ଗଜାନନ ବିଘ୍ନେଶ୍ୱର ଗଣନାଥଙ୍କ ଶ୍ରୀପାଦ ପଙ୍କଜରେ ଭକ୍ତି ପୂତ ପ୍ରଣାମ ଜଣାଇ ସମର୍ପିତ ଶ୍ରଦ୍ଧାଞ୍ଜଳି-

' ଓଁ ଗଣେଶାୟ ବିଦ୍ମହେ
ଗଜାନନାୟ ଧିମହୀ
ତନ୍ନୋଗଣୋଶ ପ୍ରଚୋଦୟାତ୍
ଓଁ ଜୟ ଗଣେଶାୟ ନମଃ ।'


+ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ
ମୁଖ୍ୟ
ମହାନଦୀବିହାର ମହିଳା ସ୍ନାତକ
ମହାବିଦ୍ୟାଳୟ, କଟକ-୪
ମୋ: ୯୦୪୦ ୧୫୧୪ ୭୫




## ଆହେ ଗଜାନନ


ରମେଶ ଚନ୍ଦ୍ର ନାୟକ


ଆହେ ଗଜାନନ ମୂଷିକ ବାହନ
ପାର୍ବତୀ ନନ୍ଦନ ତୁହି
ପିତା ମହାଦେବ ଭ୍ରାତା କାର୍ତ୍ତିକେୟ
ଶାସ୍ତ୍ର ମତ ଅନୁଯାୟୀ ।

ବିଘ୍ନନାଶ ରୂପେ ସର୍ବତ୍ର ପୂଜିତ
ଆଦିଦେବ ନାମେ ଗଣ୍ୟ
ପ୍ରତି ଶୁଭକାର୍ଯ୍ୟେ ପଞ୍ଚଦେବ ମଧ୍ୟେ
ଆଗେ ହୁଅ ଆବାହନ ।

ତୁମେ ଏକଦନ୍ତ ବଡ଼ ଦୟାବନ୍ତ
ଉଦ୍ଧାର କର ସଂସାରୁ
ତୁମେ ବିଦ୍ୟାଦାତା ଜ୍ଞାନର ଦେବତା
ତୁମେ ପରା ଶ୍ରେଷ୍ଠ ଗୁରୁ ।

ତୁମେ ଅଟ ଶୁଭ ତୁମେ ଅଟ ଲାଭ
ବୁଦ୍ଧି ସିଦ୍ଧି ବିନାୟକ
ବେପାର ବଣିଜେ ତୁମ ଚିହ୍ନ ବିଜେ
ସୁଖ ଶାନ୍ତି ପ୍ରଦାୟକ ।

ମାତାଙ୍କର ପାଦେ ନୂପୁରର ଶବ୍ଦେ
ସାଧିଲ ଶିକ୍ଷା ସଙ୍ଗୀତ
ପିତାଙ୍କ ଡମ୍ବରୁ ଚାରିବେଦ ପାଠ
କରିଲ ପରା ଆୟତ ।

ଭାଦ୍ରବ ମାସରେ ଶୁକ୍ଳ ଚତୁର୍ଥୀରେ
ଶ୍ରୀଗଣେଶ ଜନ୍ମଦିନ
ହିନ୍ଦୁଧର୍ମ ଶାସ୍ତ୍ରେ ଏ ଶୁଭ ଦିନକୁ
ପାଳିଥାଉ ଦେଇ ମନ ।

ଘରେ ଘରେ ହୁଏ ଶ୍ରୀଗଣେଶ ପୂଜା
ଛାତ୍ରଛାତ୍ରୀ ବିଦ୍ୟାଳୟେ
ବହି ଖାତା ଥୋଇ ଲଡୁ ଭୋଗ ଦେଇ
ପ୍ରଣମନ୍ତି ଭକ୍ତି ଲୟେ ।


କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦



ଲଳିତ ମୋହନ ମିଶ୍ର


## ଏକ ଦନ୍ତଂ ମହାକାୟଂ

ଭାଦ୍ରବ ଶୁକ୍ଲପକ୍ଷ ଚତୁର୍ଥୀ କଥା କହିଲେ ମନେ ପଡେ ଗଣେଶ ପୂଜା କଥା । ବିଶେଷକରି ସ୍କୁଲରେ ପାଠ ପଢୁଥିଲା ବେଳେ ଏହାର ମଜା କିଛି ନିଆରା । ସେତେବେଳେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଏହି ପୂଜା କରାଯାଏ । ତେଣୁ ସବୁ ସ୍କୁଲ ବୁଲି ଆମେ ଏହାର ମଜା ନେଉ । ସେଦିନ ନୂତନ ପୋଷାକରେ ସମସ୍ତେ ସୁନ୍ଦର ଦିଶନ୍ତି । ସ୍କୁଲ ଗୁଡିକ ଏବଂ ପୂଜା ମଣ୍ଡପ ଗୁଡିକ ଆଲୋକମାଳା ଓ ତୋରଣରେ ସୁସଜ୍ଜିତ ହୋଇ ଆକର୍ଷିତ ହେଉଥାନ୍ତି । ଗଣେଶ, ଗଣପତି, ବିନାୟକ ବା ତାମିଲରେ ପିଲ୍ଲାଇୟାର ହେଉଛନ୍ତି ସବୁଠାରୁ ଅଧିକ ପୂଜା ପାଉଥିବା ହିନ୍ଦୁ ଦେବତା । ମହାଦେବ ଶିବ ଓ ଦେବୀ ପାର୍ବତୀଙ୍କର ସାନ ପୁଅ ଓ କାର୍ତ୍ତିକେୟଙ୍କର ସାନ ଭାଇ ହେଉଛନ୍ତି ଗଣ ନାଥ ଗଣେଶ । ତାଙ୍କର ବାହନ ହେଉଛନ୍ତି ମୂଷିକ । ଗଣେଶଙ୍କର ପ୍ରତିକୃତି ଭାରତ ଓ ନେପାଳରେ ସର୍ବତ୍ର ପରିଦୃଷ୍ଟ । ହିନ୍ଦୁମାନେ ଜାତି, ଭାଷା, ବର୍ଣ୍ଣ ନିର୍ବିଶେଷରେ ଗଣେଶଙ୍କୁ ପୂଜା କରିଥାନ୍ତି ।ଏପରିକି ଜୈନ, ବୌଦ୍ଧ ଧର୍ମର ତଥା ଅଣଭାରତୀୟମାନେ ମଧ୍ୟ ଗଣେଶଙ୍କୁ ଉପାସନା କରିଥାନ୍ତି । ବିଘ୍ନ ନାଶକ ରୂପେ ସେ ସର୍ବତ୍ର ପୂଜିତ ହୁଅନ୍ତି । କଳା, ବିଜ୍ଞାନ ଓ ବୁଦ୍ଧିମତ୍ତାର ଦେବତା ଓ ସଂରକ୍ଷକ ଭାବରେ ସେ ପରିଚିତ । ଆଦି ଦେବତା ହିସାବରେ ପ୍ରତ୍ୟେକ ଶୁଭ କାର୍ଯ୍ୟ, ପୂଜାପାଠ, ଲେଖାପଢ଼ା ଓ ଧାର୍ମିକ କ୍ରିୟା ଆରମ୍ଭରେ ତାଙ୍କର ଆବାହନ କରାଯାଏ । ତାଙ୍କୁ ପଞ୍ଚଦେବତା ମଧ୍ୟରୁ ଜଣେ ବୋଲି ଅଭିହିତ କରାଯାଏ ।

ଶିବ ପୁରାଣ ଅନୁଯାୟୀ ଦେବୀ ପାର୍ବତୀ ନିଜଦେହରୁ ନିର୍ଗତ ମଇଳାରୁ ଏକ ମୂର୍ତ୍ତି ଗଠନ କଲେ ଏବଂ ତାକୁ ଜୀବନ୍ୟାସ କଲେ । ପାର୍ବତୀ ଏହାଙ୍କୁ ଦ୍ୱାର ଜଗାଇଥିଲେ । ଭିତରକୁ କାହାକୁ ପ୍ରବେଶ ନ କରେଇବା ପାଇଁ ଆଦେଶ ଦେଇ ସ୍ନାନ କରିବାକୁ ଯାଇଥିଲେ । ଠିକ୍ ଏହି ସମୟରେ ମହାଦେବ ଘରକୁ ଫେରି ଭିତରକୁ ପ୍ରବେଶ କରିବାକୁ ଉଦ୍ୟତ ହେଲେ । ଶିଶୁ ବାଳକ ଗଣେଶ ସ୍ୱ ପିତାଙ୍କୁ ଚିହ୍ନି ପାରି ନ ଥିଲେ ଏବଂ ଭିତରକୁ ଛାଡ଼ି ନ ଥିଲେ । ମହାଦେବ ଯେତେ ବୁଝାଇଲେ ମଧ୍ୟ ଗଣେଶ ବୁଝି ନ ଥିଲେ । ନିଜର ଚେଷ୍ଟା ବିଫଳ ହେବା ପରେ କ୍ରୋଧର ଜର୍ଜରିତ ହୋଇ ଶିର ଛେଦନ କଲେ । ପରେ ପାର୍ବତୀଙ୍କ ନିକଟରୁ ଏହାଙ୍କର ପରିଚୟ ପାଇ ଫେରି ଆସି ଦେଖିଲା ବେଳକୁ ମୁଣ୍ଡହୀନ ଗଣ୍ଡିଟି ପଡ଼ିଅଛି । ମହାଦେବ ମୁଣ୍ଡ ଖୋଜି ନ ପାଇ ଉତ୍ତରଦିଗକୁ ମୁଣ୍ଡକରି ଶୋଇଥିବା ଗୋଟିଏ ହାତୀର ମୁଣ୍ଡକୁ କାଟି ଆଣି ଏହାଙ୍କ ଗଣ୍ଡିରେ ଯୋଡ଼ି ଜୀବନ ଦାନ କଲେ । ଏ ମହାଦେବଙ୍କ ପ୍ରମଥ ଗଣର ସେନାପତି । ପୌରାଣିକ ମତେ ଗଣେଶ ବ୍ୟାସୋକ୍ତ ମହାଭାରତର ଲେଖକ । ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ଦିନ ଗଣେଶଙ୍କର ସ୍ୱତନ୍ତ୍ର ପୂଜା ହୁଏ । ରକ୍ତ ଚନ୍ଦ୍ର, ରକ୍ତ ପୁଷ୍ପରେ ଏହାଙ୍କୁ ପୂଜା କରାଯାଏ । ଏହାଙ୍କର ଗଜମସ୍ତକ, ଏକଦନ୍ତ, ଥନ୍ତଲ ପେଟ ଓ ସାପ ପଇତା ।

ଗଣେଶ ଗଜାନନ ରୂପରେ ହିଁ ସର୍ବତ୍ର ପରିଚିତ । ବିଘ୍ନହନ୍ତା ରୂପରେ ମଧ୍ୟ ତାଙ୍କୁ ପୂଜା କରାଯାଏ । ଆଉମଧ୍ୟ ସେ ଆଦ୍ୟପୂଜିତ ଓ ବିଘ୍ନେଶ । ତା ସହିତ ସେ ହେଉଛନ୍ତି ବୁଦ୍ଧି, ବିଦ୍ୟା ବା ଜ୍ଞାନର ଦେବତା, ବିଦ୍ୟାଦାତା । ସେ ପ୍ରତ୍ୟେକ ପୂଜାର ପ୍ରାରମ୍ଭରେ ପୂଜିତ ହୁଅନ୍ତି ଓ ବିଦ୍ୟାରମ୍ଭରେ ମଧ୍ୟ ତାଙ୍କର ଆବାହନ କରାଯାଇଥାଏ । ଗଣେଶଙ୍କ ଅନ୍ୟ କେତେକ ନାମ ହେଲା : ସୁମୁଖ, ବିଘ୍ନହର୍ତ୍ତା, ବିଘ୍ନହର, ଧୂମ୍ରକେତୁ, ଗଣାଧକ୍ଷ, ବ୍ରହ୍ମଣସ୍ୱତୀ, ମୟୂରେଶ୍ୱର, ବିଘ୍ନେଶ୍ୱର ଓ ଶୂର୍ପକର୍ଣ୍ଣ ଇତ୍ୟାଦି ।

ଶାସ୍ତ୍ର ମତେ ଗଣେଶଙ୍କ ଦ୍ୱାଦଶନାମ: - ୧.ଏକଦନ୍ତ ୨.କୃଷ୍ଣପିଙ୍ଗାକ୍ଷ ୩.ଗଣପତି: ଗଣ ବା ଲୋକଙ୍କର ଦେବତା ବା ଗଣଦେବତା । ୪.ଗଜବକ୍ର: ୫.ଗଜାନନ: ଗଜ ବା ହାତୀ ମୁଣ୍ଡ ଥିବା ଦେବତା ଗଜାନନ । ଶରୀର ମଣିଷର ମସ୍ତକ ହାତୀର । ଶାସ୍ତ୍ରରେ କୁହାଯାଇଛି ଉଭୟ ମଣିଷ ଓ ହାତୀର ଆୟୁ ୧୨୦ ବର୍ଷ । ଉଭୟର ଗୁଣକୁ ଏକାଠି ହେଲେ ମଣିଷ ସଫଳ ହେବ । ତେଣୁ ଗଣେଶ ନିଜେ ଏହି ରୂପ ଧାରଣ କରିଛନ୍ତି । 'ଗ'ର ଅର୍ଥ ମୋକ୍ଷ ପ୍ରାପ୍ତି ପାଇଁ ସମାଧିରେ ଥିବା ଯୋଗୀ । 'ଜ'ର ଅର୍ଥ ଜୀବନ ପ୍ରତି ସାଂସାରିକ ଦୃଷ୍ଟିକୋଣ । ଅର୍ଥାତ୍ ସଂସାର ଭିତରେ ମୋକ୍ଷ ପ୍ରାପ୍ତ ସମ୍ଭବ କରାଇପାରନ୍ତି ଗଜାନନ । ୬.ବକ୍ରତୁଣ୍ଡ: ୭.ବିକଟ: ୮.ବିଘ୍ନରାଜେନ୍ଦ୍ର: ୯.ବିନାୟକ: ଗଣେଶଙ୍କର ଏହିନାମର ଅର୍ଥ ବିଶେଷ ନାୟକ । ଏହାର ଅନ୍ତର୍ନିହିତ ଅର୍ଥ ହେଉଛି ଯେତେବେଳେ ପ୍ରିୟବଚନ ବା ପ୍ରାର୍ଥନାଦ୍ୱାରା ଗଣେଶଙ୍କୁ ସନ୍ତୁଷ୍ଟ କରାଯାଏ ତେବେ ସେ ଭକ୍ତର ରାସ୍ତାରେ ଥିବା ସବୁ ବାଧା ଦୂର କରନ୍ତି । ଅର୍ଥାତ୍ ଭକ୍ତର ଜୀବନରେ ଥିବା ବିପର୍ଯ୍ୟୟ, ସବୁ ଅମଙ୍ଗଳ, ସବୁ ବାଧା ଦୂରେଇ ଦିଅନ୍ତି । ୧୦.ଧୂମ୍ରବର୍ଣ୍ଣ ୧୧.ଭାଲଚନ୍ଦ୍ର ୧୨.ଲମ୍ବୋଦର: ଲମ୍ବା ଉଦର ବା ବଡ଼ ପେଟ ଥିବାରୁ ତାଙ୍କୁ ଲମ୍ବୋଦର ବୋଲି କୁହାଯାଇଥାଏ । କିନ୍ତୁ ପ୍ରକୃତ ଅର୍ଥରେ ଲମ୍ବୋଦର ତାଙ୍କୁ ହିଁ କୁହାଯାଏ ଯିଏ ସବୁକିଛି ଭଲ ବିଦ୍ୟା ଗ୍ରହଣ କରିପାରନ୍ତି ଏବଂ ସାଇତି ପାରନ୍ତି ।



ଗଣେଶ ପାର୍ବତୀଙ୍କ ନୂପୂରର ଶବ୍ଦଶୁଣି ସଙ୍ଗୀତ ଶିଖୁଥିଲେ । ପିତା ଶିବଙ୍କ ଡମ୍ବରୁର ଶବ୍ଦଶୁଣି ଚାରିବେଦ ଆୟତ କରିଥିଲେ । ତାଙ୍କର ଏହି ବିଶାଳ ବିଦ୍ୟାର ଭଣ୍ଡାର ହେଉଛି ତାଙ୍କର ପେଟ । ଏହି କାରଣରୁ ତାଙ୍କ ପେଟ ଖୁବ୍ ବଡ ।

ଗଣେଶଙ୍କର ନାମ ଏକଦନ୍ତ କିପରି ହେଲା- ଦେବଙ୍କର ଦେବ ପ୍ରଭୁ ମହାଦେବ ଅଧିକାଂଶ ସମୟ ଧ୍ୟାନ ମଗ୍ନ ରୁହନ୍ତି । ଥରେ ସେ ଶ୍ରୀ ଗଣେଶ ଓ କୁମାର କାର୍ତ୍ତିକେୟଙ୍କୁ ଆଦେଶ ଦେଲେ - ମୁଁ ସମାଧି ଅବସ୍ଥାରେ ଥିବା ବେଳେ କେହି ଯେପରି ବାଧା ନ ଉପୁଜାନ୍ତି । ପିତାଙ୍କ ନିର୍ଦ୍ଦେଶ ମାନି ପୁତ୍ର ଦୁଇ ଜଣ ଦ୍ୱାର ସମ୍ମୁଖରେ ଜଗିଥାଆନ୍ତି । ପ୍ରଭୁ ଶ୍ରୀ ଗଣେଶ ଙ୍କର ମୋଦକ ବହୁତ ପସନ୍ଦ । ସେ ବସି ମୋଦକ ଖାଉଥାନ୍ତି , କାର୍ତ୍ତିକ ଦ୍ୱାର ସମ୍ମୁଖରେ ଛିଡା ହୋଇ ଥାନ୍ତି । ଏହି ସମୟରେ ମହାଦେବଙ୍କ ଦର୍ଶନ ନିମନ୍ତେ ଋଷି ପର୍ଶୁରାମ ଆସି ପହଞ୍ଚିଲେ । ଯିଏକି ସ୍ୱଭାବରେ ଅତ୍ୟନ୍ତ କ୍ରୋଧି । ପର୍ଶୁରାମ ଶ୍ରୀ ବିଷ୍ଣୁ ଙ୍କର ଷଷ୍ଠ ଅବତାର ଏବଂ ମହାଦେବଙ୍କ ପ୍ରିୟ ଶିଷ୍ୟ ମଧ୍ୟ । ପର୍ଶୁରାମଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ମହାଦେବ ତାଙ୍କୁ ନିଜ ପର୍ଶୁ ଦେଇଥିଲେ । ପ୍ରଭୁ ପର୍ଶୁରାମ ମହାଦେବ ଙ୍କ ଦର୍ଶନ ନିମନ୍ତେ ଭିତରକୁ ଯିବାକୁ ଚାହିଁଲେ ।

ଉଭୟ ଶ୍ରୀ ଗଣେଶ ଓ କାର୍ତ୍ତିକେୟ ପର୍ଶୁରାମ ଙ୍କୁ ଭିତରକୁ ଯିବାକୁ ବାରଣ କଲେ । ପର୍ଶୁରାମଙ୍କୁ ଭିତରକୁ ଯିବାକୁ ବାରଣ କରିବାରୁ ପର୍ଶୁରାମ ରାଗି ଗଲେ । ଶ୍ରୀ ଗଣେଶ ଅତ୍ୟନ୍ତ ବିନମ୍ରତା ର ସହ କହିଲେ ମହାଦେବଙ୍କ ଦର୍ଶନ ଏବେ କରି ପାରିବେ ନାହିଁ । ଶ୍ରୀଗଣେଶ ମୋଦକ ଖାଉଥିବା ହାତରେ ପର୍ଶୁରାମଙ୍କୁ ଅଟକେଇଲେ । ଏହି ଘଟଣା ରେ ପର୍ଶୁରାମ ଆହୁରି କ୍ରୋଧିତ ହୋଇ ଗଣେଶଙ୍କୁ କହିଲେ କିଏ ସେ ତୁ ବାଳକ ମୋର ରାସ୍ତା ଅବରୋଧ କରୁଛୁ । ତାହା ପୁଣି ଅଇଁଠା ହାତରେ । ତୋର ହାତର ସ୍ପର୍ଶ ରେ ମୋର ଶରୀର ଅପବିତ୍ର ହେଇ ଗଲା । ପର୍ଶୁରାମଙ୍କ କ୍ରୋଧ ଦେଖି କାର୍ତ୍ତିକେୟ କ୍ଷମା ମାଗିଲେ ଏବଂ କହିଲେ ପ୍ରଭୁ କ୍ଷମା କରନ୍ତୁ । ଆମେ ଆପଣଙ୍କୁ ଭିତରକୁ ଯିବାକୁ ଦେବୁ ନାହିଁ ।

ପର୍ଶୁରାମ କହିଲେ ! ମୁଁ ମାନ ସରୋବରରେ ସ୍ନାନ କରି ଆସେ ମୋତେ ଆଉ ତୁମେମାନେ ଅଟକେଇବାର ସାହସ କରିବ ନାହିଁ । ଏହା କହି ସ୍ନାନ ନିମନ୍ତେ ସେ ଚାଲିଗଲେ । ଗଣେଶ କାର୍ତ୍ତିକେୟଙ୍କୁ ପଚାରିଲେ ଭାଇ ! ପର୍ଶୁରାମ ଏତେ କ୍ରୋଧି କାହିଁକି ? କାର୍ତ୍ତିକେୟ କହିଲେ ପର୍ଶୁରାମଙ୍କ ଜନ୍ମ କାହାଣୀ । ସେ ଏତେ ରାଗି କାହିଁକି ତାର କାରଣ ମଧ୍ୟ କହିଲେ । ଏହି ସମୟରେ ପର୍ଶୁରାମ ସ୍ନାନ ସାରି ଆସିଲେ ପୁଣି ଭିତରକୁ ପ୍ରବେଶ କରିବାକୁ ଚାହିଁଲେ । ଏଥର ବି ବିନମ୍ରତାର ସହ ଗଣେଶ ବୁଝେଇଲେ । କିନ୍ତୁ ପର୍ଶୁରାମ କ୍ରୋଧ ବଶତଃ କିଛି ନ ବୁଝି ପର୍ଶୁଟିକୁ ଗଣେଷ ଉପରକୁ ଛାଡିଦେଲେ । ଗଣେଶ ଜାଣିଥିଲେ ସେହି ପର୍ଶୁଟିକୁ ପ୍ରଭୁ ମହାଦେବ ପର୍ଶୁରାମ ଙ୍କୁ ଦେଇଥିଲେ ତେଣୁ ସେ ସେହି ପର୍ଶୁର ମାନ ରଖିବାକୁ ଯାଇ ଗଣେଶ ନିଜ ଦାନ୍ତ ଦେଖେଇ ଦେଲେ । ପର୍ଶୁ ଚୋଟରେ ଗଣେଶଙ୍କର ଦାନ୍ତ ଅଧାରୁ ଭାଙ୍ଗି ଗଲା ଏବଂ ସେ କଷ୍ଟରେ ଚିତ୍କାର କରି ମାଙ୍କୁ ଡାକିଲେ । ଗଣେଶଙ୍କର ଚିତ୍କାର ଶୁଣି ପାର୍ବତୀ ଆସି ଦେଖିଲେ ଗଣେଶଙ୍କର ଦାନ୍ତ ଭାଙ୍ଗି ତଳେ ପଡିଛି ଏବଂ ସେ କଷ୍ଟ ପାଉଛନ୍ତି ।

ଏହା ଦେଖି ପାର୍ବତୀ ରାଗିଗଲେ ଏବଂ ପର୍ଶୁରାମଙ୍କୁ ଦଣ୍ଡ ଦେବାକୁ ସ୍ଥିର କଲେ । ଏହି ସମୟରେ ମହାଦେବ ଆସି ପହଁଚିଲେ ପାର୍ବତୀଙ୍କୁ ବୁଝେଇଲେ ପର୍ଶୁରାମ ଆମର ପୁତ୍ର ପରି ତାଙ୍କୁ କ୍ଷମା କରି ଦିଅ । ଗଣେଶ ଙ୍କ ଦାନ୍ତ ଭାଙ୍ଗିବା ପଛରେ କିଛି କାରଣ ଅଛି । ସମ୍ପୂର୍ଣ୍ଣତା ଭିତରେ ଅପୂର୍ଣ୍ଣତା କିଛି ରହିବା ନିହାତି ଦରକାର । ନଚେତ୍ ଅହଂକାର ଆସିଯିବ ମନରେ । ଗୋଟିଏ ଦାନ୍ତ ଭାଙ୍ଗି ଯାଇଥିବାରୁ ଗଣେଶଙ୍କର ଅନ୍ୟ ନାମ ଏକ ଦନ୍ତ । ଗଣେଷ ମଧ୍ୟ ପାର୍ବତୀଙ୍କୁ ବୁଝେଇଲେ ମାତା ପର୍ଶୁରାମଙ୍କୁ କ୍ଷମା କରି ଦିଅନ୍ତୁ । ପର୍ଶୁରାମ ମହାଦେବ ଆଉ ପାର୍ବତୀଙ୍କୁ କ୍ଷମା ମାଗିଲେ ଏବଂ ଗଣେଶଙ୍କୁ ଆଶୀର୍ବାଦ ଦେଲେ କହିଲେ ଏହି ଭଙ୍ଗା ଦାନ୍ତ ରେ ଦିନେ ଶ୍ରେଷ୍ଠ ଗ୍ରନ୍ଥ ରଚନା କରାଯିବ । ଯାହା ଯୁଗ ଯୁଗପାଇଁ ସମାଜକୁ ଶିକ୍ଷା ଦେଉଥିବ । ଏଥିରୁ ଆମେ ଏଇକଥା ଶିଖିଲୁ ପ୍ରତି ଘଟଣା ପଛରେ କିଛି ନା କିଛି ଗୂଢ଼ ରହସ୍ୟ ଲୁଚିକରି ରହି ଅଛି । ସମୟ ଅନୁସାରେ ସେ ସବୁ ସାମ୍ନାକୁ ଆସିବ ।

ଶ୍ରୀ ଗଣେଶ ବିଘ୍ନନାଶ, ଅଗ୍ରପୂଜ୍ୟ । ନୂତନ ଘର ପ୍ରବେଶ ହେଉ ଅବା ଶୁଭକାର୍ଯ୍ୟ, ସର୍ବ ପ୍ରଥମେ ପୂଜା ପାଆନ୍ତି ଶ୍ରୀ ଗଣେଶ । ଗଣେଶଙ୍କୁ ପୂଜା କଲେ ସବୁ କିଛି ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଶ୍ରୀ ଗଣେଶ ହେଉଛନ୍ତି ଉନ୍ନତି, ସମୃଦ୍ଧି, ଶୁଭଙ୍କର ଏବଂ ମଙ୍ଗଳକାରୀ ଦେବତା । କୁହାଯାଏ ଯେ ଯେଉଁଠାରେ ଗଣେଶଙ୍କୁ ପ୍ରତିଦିନ ପୂଜା କରାଯାଏ, ସେଠାରେ "ରିଦ୍ଧି – ସିଦ୍ଧି" ଏବଂ ଶୁଭଲାଭ ବାସ କରିଥାଏ । ଏପରି ସ୍ଥାନରେ ଅମଙ୍ଗଳକାରୀ ଘଟଣା ଦୁଃଖ ଏବଂ ଦାରିଦ୍ର୍ୟତା ଆସି ନଥାଏ । ତେଣୁ ହିନ୍ଦୁ ଧର୍ମରେ ପ୍ରତ୍ୟେକ ଘରେ ଶ୍ରୀ ଗଣେଶଙ୍କୁ ପୂଜା କରାଯାଏ । ଗଣେଶଙ୍କ ମୂର୍ତ୍ତି ବା ଫଟୋ ନିଜ ଘରେ ରଖନ୍ତି । ବାସ୍ତୁ ଶାସ୍ତ୍ର ଅନୁଯାୟୀ ବିଶ୍ୱାସ କରାଯାଏ ଯେ ଯେଉଁ ଘରର ମୁଖ୍ୟ ଦ୍ୱାରରେ ଶ୍ରୀ ଗଣେଶଙ୍କର ପ୍ରତିମା ରହିଥାଏ, ସେହି ଘରେ ଦିନକୁ ଦିନ ଉନ୍ନତି ହୋଇଥାଏ । ବାସ୍ତୁ ଶାସ୍ତ୍ରରେ ମଧ୍ୟ ପ୍ରଭୁ ଶ୍ରୀ ଗଣେଶଙ୍କ ସ୍ଥାନ ଖୁବ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଅନୁସରଣ କରି ପ୍ରଭୁଙ୍କ ପ୍ରତିମା ଠିକ ଭାବରେ ସ୍ଥାପନ କରି ପାରିଲେ ଘରକୁ ସୁଖସମୃଦ୍ଧି ଆସିଥାଏ । ପ୍ରାଚୀନ କାଳରୁ ଘରର ମୁଖ୍ୟ ଦ୍ୱାର ଉପରେ ସୁଖ, ଶାନ୍ତି ଏବଂ ସମୃଦ୍ଧତା ପାଇଁ ଗଣେଶଙ୍କ ପ୍ରତିମା ସ୍ଥାପନ କରିବାର ପରମ୍ପରା ରହିଆସିଛି । ଅନେକ ସ୍ଥାନରେ ଘରର ମୁଖ୍ୟ ଦ୍ୱାର ଉପର ମଧ୍ୟ ଭାଗରେ ଶ୍ରୀ ଗଣେଶଙ୍କ ପ୍ରତିମା ବିରାଜିତ କରି ଉଭୟ ପାର୍ଶ୍ୱରେ ଗଣେଶଜୀଙ୍କ ଦୁଇ ପତ୍ନୀଙ୍କ ନାମ "ରିଦ୍ଧି – ସିଦ୍ଧ" ସିନ୍ଦୂରରେ ଲେଖିବାର ପରମ୍ପରା ରହିଛି । ବିଶ୍ୱାସ କରାଯାଏ ଯେ ଏହା ଦ୍ୱାରା ଘରେ ଜ୍ଞାନ ଏବଂ ଧନର ଅଭାବ ରହିନଥାଏ । ଭାରତରେ ପ୍ରାୟ ସମସ୍ତ ମନ୍ଦିରରେ ମୁଖ୍ୟ ଦ୍ୱାର ଉପରେ ବାହାର ପଟକୁ ମୁହଁ କରି ଶ୍ରୀ ଗଣେଶଙ୍କ ପ୍ରତିମା ସ୍ଥାପନ କରାଯାଇ ଥିବାର ଦେଖାଯାଏ ।


+ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚନ୍ଦ୍ରଗିରି, ଗଜପତି,
ମୋ: ୯୪୩୭୯୮୫୮୬୬

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମାଗଣାର ମୋହ...

ସାମ୍ପ୍ରତିକ ସମୟରେ ସାରା ଦେଶରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ବିତର୍କଟି ଆରମ୍ଭ ହୋଇଛି, ତାହା ହେଉଛି-ନିର୍ବାଚନ ପୂର୍ବରୁ ରାଜନୀତିକ ଦଳମାନେ ସେମାନଙ୍କ ନିର୍ବାଚନ ଇସ୍ତାହାରରେ ଲୋକମାନଙ୍କୁ ମାଗଣାରେ ବିଭିନ୍ନ ଜିନିଷ ବା ଫ୍ରି ବି ଯୋଗାଇ ଦେବା ସମ୍ପର୍କରେ ପ୍ରଦାନ କରୁଥିବା ପ୍ରତିଶ୍ରୁତିର ପୂର୍ଣ୍ଣାଧିକାର ପାଇବା ଭଳି କାର୍ଯ୍ୟ। ସେମାନେ ଏ କାମ କରିବା ପୂର୍ବରୁ ସାଧାରଣ ଟିକସଦାତାମାନଙ୍କ ପାଇଁ ଏହା ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଯିବ କି ନାହିଁ ଏବଂ ସେମାନେ ପ୍ରଦାନ କରୁଥିବା ଜିନିଷଗୁଡ଼ିକର ମୂଲ୍ୟ କେତେ, ସବୁ ଲୋକଙ୍କର ସେଥିପ୍ରତି ଆଗ୍ରହ ଅଛି କି ନାହିଁ, ଜିନିଷଗୁଡ଼ିକର ସ୍ଥାୟିତ୍ୱ ଏବଂ ଏହା ଦ୍ୱାରା କକି ଲାଭ ମିଳିବ, ସେ ସମ୍ପର୍କରେ ଆଦୌ ଚିନ୍ତା କରନ୍ତି ନାହିଁ। ବରଂ ଲୋକଙ୍କୁ ମାଗଣାରେ କିଛି ଦେବାର ପ୍ରତିଶ୍ରୁତି ଦେଇ ସେମାନଙ୍କର ନିଜର ତତ୍କାଳ ଲାଭ, ଅର୍ଥାତ ଭୋଟ୍ କିପରି ମିଳିବ, ସେଇ କଥାଟି ସେମାନଙ୍କ ମୁଣ୍ଡରେ ଥାଏ। ଭୋଜନ ହେଉ କିମ୍ବା କିଛି ଦ୍ରବ୍ୟ-କିଛି ହେଲେ ମାଗଣା ନଥାଏ, ତେଣୁ ମାଗଣା ଉପହାର ବୋଲି ବସ୍ତୁତଃ କିଛି ନାହିଁ। ଏହାର ଅର୍ଥ ହେଉଛି, ଭୋଜିଭାତ ହେଉ ଅଥବା କିଛି ସାମଗ୍ରୀ, ଜଣେ କିଛି ମୂଲ୍ୟ ଦେଇ କିଣୁଛି ଏବଂ ଲୋକଙ୍କୁ ତାହା ପ୍ରଦାନ କରୁଛି। ଆଉ ସେଥିପାଇଁ କୌଣସି ବ୍ୟକ୍ତି, ଯାହା କି ଏ କ୍ଷେତ୍ରରେ ଆମେ ସମସ୍ତେ, ନାଗରିକମାନେ, ଟିକସଦାତାମାନ ଏବଂ ରାଜନେତା ଓ ରାଜନୀତିକ ଦଳମାନଙ୍କର ସବୁ କାର୍ଯ୍ୟକୁ ସହିଯାଇ ସେମାନଙ୍କୁ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରଦାନ କରୁଥିବା ଲୋକମାନେ, ସବୁ ଟିକସ ଅପେକ୍ଷା ଅଧିକ ଭୟଙ୍କର ଅଦେଖା ଟିକସ ଅର୍ଥାତ ଆମ ଉପରେ ଜୋର ଜବରଦସ୍ତ ଲଦି ଦିଆଯାଉଥିବା ମୁଦ୍ରାସ୍ଫୀତି ବାଟ ଦେଇ ତାର ମୂଲ୍ୟ ପ୍ରଦାନ କରିଥାଉ। ମଜାର କଥା ହେଉଛି- କେହି ହେଲେ ଫ୍ରିବି ବା ମାଗଣା ଉପହାର କଣ କମ୍ବା ଏହା କେଉଁପରି ଏକ ସ୍ୱଚ୍ଛ, ଅଭିଳଷିତ ଏବଂ ଗ୍ରହଣୀୟ ଜନମଙ୍ଗଳକାରୀ ସରକାରୀ ଯୋଜନାଗୁଡ଼ିକଠାରୁ ଅଲଗା, ଏଯାବତ୍ ତାର ସଂଜ୍ଞା କେହି ନିର୍ଦ୍ଧାରଣ କରିନାହାନ୍ତି। କାରଣ ନୀତିଗତ ଭାବରେ ତଥା ପଦ୍ଧତିଗତ ଭାବରେ ଉଭୟ ସମାନ- ଝିଣ୍ଟିକା ମାରି ବଣି ପୋଷିବା ବା ଏକ ବିଶାଳ ସମୁଦାୟଙ୍କ ଉପରେ ଟିକସ ଭାର ଲଦି ଅଳ୍ପ କିଛି ଲୋକଙ୍କୁ ତୁଷ୍ଟ କରିବା। ଉଲ୍ଲେଖ କରାଯାଇପାରେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁଲାଇ ୧୬ ତାରିଖରେ ନିଜର ଭାଷଣ ପ୍ରଦାନ କାଳରେ ଉଠାଇଲେ ନିର୍ବାଚନ ପୂର୍ବରୁ ରାଜନୀତିକ ଦଳମାନଙ୍କ ଦ୍ୱାରା ବିଜୟୀ ହେବାପାଇଁ ଭୋଟରମାନଙ୍କୁ ଦିଆଯାଉଥିବା ମୋଫତ ବା ମାଗଣା ଉପହାର କଥା। ଆଉ ତା' ପରଠୁ ଦେଶରେ ଏହାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା। ତେବେ ନିର୍ବାଚନ ପୂର୍ବରୁ 'ଅଯଥା ଉପହାର' ବଣ୍ଟନରୁ ରାଜନୀତିକ ଦଳମାନଙ୍କୁ ନିବୃତ୍ତ କରି ଏଇ ପ୍ରଥାକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବାପାଇଁ ନିର୍ଦ୍ଦେଶ ଦେବାକୁ ଭାରତୀୟ ଜନତା ପାର୍ଟିର ନେତା ଅଶ୍ୱିନୀ ଉପାଧ୍ୟାୟ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟରେ ଦାଖଲ କରିଥିଲେ ଏକ ଜନସ୍ୱାର୍ଥ ସମ୍ବଳିତ ନିବେଦନ। ଏହାପରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏନ୍‌ଭି ରମଣଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହି ନିବେଦନର ବିଚାର ପରି ସ୍ପଷ୍ଟ ଶବ୍ଦରେ କହିଦେଇଥିଲେ ଯେ କୋର୍ଟଏହି ବ୍ୟାପାରରେ କୌଣସି ପ୍ରକାରର ମାର୍ଗଦର୍ଶିକା ଜାରି କରିପାରିବେ ନାହିଁ, କେବଳ ଯାହା ପରାମର୍ଶ ପ୍ରଦାନ କରିପାରିବେ। କାରଣ ସୁପ୍ରିମକୋର୍ଟଙ୍କର ପ୍ରମୁଖ କାର୍ଯ୍ୟାନୁଷ୍ଠାନଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ନ୍ୟାୟ ପ୍ରଦାନ କରିବା ଏବଂ ସମ୍ବିଧାନ ଓ ଏହାର ବିଧି ବିଧାନଗୁଡ଼ିକର ତର୍ଜମା କରିବା। ତା' ସହିତ କୋର୍ଟଙ୍କ ନିକଟରେ ଆହୁରି ଅନେକ ଗଗୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଛି, ଯେଉଁଗୁଡ଼ିକର ଯଥାଶୀଘ୍ର ଏହା ସମାଧାନ କରିବା ଉଚିତ୍। ଏକ ଉଦାହରଣ ଭାବରେ ନିଆଯାଇପାରେ ବିଚାର ଅପେକ୍ଷାରେ ପଡ଼ି ରହିଥିବା ବିପୁଳ ସଂଖ୍ୟକ ମାମଲା। ତେଣୁ କୋର୍ଟ ପରାମର୍ଶ ଦେଇଛନ୍ତି ଯେ ନିର୍ବାଚନ ପୂର୍ବରୁ ଭୋଟରମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ନିମନ୍ତେ ପ୍ରଦାନ କରାଯାଉଥିବା ଉପହାର ସଂସ୍କୃତିର ବିଲୋପ ନିମନ୍ତେ ଏ ସମ୍ପର୍କରେ ଆଲୋଚନା କରିବାପାଇଁ ନୀତି ଆୟୋଗ, ଅର୍ଥ କମିଶନ, ଶାସନ ଏବଂ ବିରୋଧୀ ରାଜନୀତିକ ଦଳମାନଙ୍କର ପ୍ରତିନିଧି, ଆଇନ କମିଶନ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ତଥା ଅନ୍ୟାନ୍ୟ ହିତଧାରକମାନଙ୍କୁ ନେଇ ଏକ କମିଟି ଗଠନ କରି ଏ ବାବଦରେ ଯାହା କିଛି ନିଷ୍ପତ୍ତି ନିଆଯାଇପାରେ। ସାଧାରଣ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ଉପରୋକ୍ତ ଦୁଇଗୋଟିଯାକ ଅର୍ଥାତ ମାଗଣାରେ ପ୍ରଦାନ କରିବାକୁ ଦିଆଯାଉଥିବା ପ୍ରତିଶ୍ରୁତି ଏବଂ ଜନମଙ୍ଗଳକାରୀ କାର୍ଯ୍ୟ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ନିରୂପଣ କରିବା ନିମନ୍ତେ ଉଲ୍ଲେଖନୀୟ ନିର୍ଦ୍ଦିଷ୍ଟ ଉପାୟଟି ହେଉଛି, ଏହାର ସ୍ଥାୟିତ୍ୱ ବା ପରିପୋଷଣୀୟତା, ପରିବର୍ତ୍ତନକାରୀ ବିକାଶ ଏବଂ ମଣିଷଣ ଜୀବନ ଉପରେ ଏସବୁର ପ୍ରଭାବ।

## ମଙ୍ଗଳମୂରତୀ ବିଘ୍ନେଶ୍ୱର ଶ୍ରୀଗଣେଶ

ନଗେନ୍ଦ୍ର ନାଥ ପଟ୍ଟନାୟକ



ମଙ୍ଗଳମୂରତି ଗଣେଶ ଭାରତୀୟଙ୍କ ଜୀବନରେ ଏମିତି ପରିବ୍ୟାପ୍ତ ଯେ ତାଙ୍କ ପବିତ୍ର ନାମ ତୁଣ୍ଡରେ ନ ଧରିଲେ ମନୁଷ୍ୟ ଜୀବନରେ କୌଣସି କାର୍ଯ୍ୟର ବି ଶୁଭାରମ୍ଭ ହୋଇପାରି ନ ଥାଏ । ଶୁଭ ଓ ଧାର୍ମିକ କାର୍ଯ୍ୟରେ ତ ତାଙ୍କ ପାବନ ନାମ ସୁମରଣ-ଶ୍ରୀ ଗଣେଶ ନମଃ ଏକାନ୍ତ ଅନିବାର୍ଯ୍ୟ । ସମୟ ସ୍ରୋତ ପ୍ରବାହିତ ହେବା ସହିତ ଭାରତୀୟ ସଂସ୍କୃତି ବିଶ୍ୱର ଯୋଉଁ ସ୍ତରରେ ବ୍ୟାପିଯାଇଛି ଗଣପତି ମହାରାଜ ବି ଆର୍ବିଭାବ ହୋଇଛନ୍ତି ସେଯାଏ । ଏଣୁକରି ସମଗ୍ର ଭାରତବର୍ଷ ବ୍ୟତୀତ ତିବତ୍, ନେପାଳ, କାର୍ଲିଫନିଆ ଓ ମରୋକ୍କୋ ଆଦି ଦେଶରେ ଗଣେଶ ପ୍ରତିମା ବି ବହୁଳାଂଶରେ ଦେଖିବାକୁ ମିଳିଥାଏ ।

ଶୁଦ୍ଧପୂତ ବୈଦିକ କର୍ମକାଣ୍ଡରେ ଯଦିଓ ଗଣେଶଙ୍କ କୌଣସି ସ୍ଥାନ ନାହିଁ ତଥାପି ପୌରାଣିକ କର୍ମକାଣ୍ଡରେ ତାଙ୍କୁ ପୂଜାର୍ଚ୍ଚନା ସର୍ବପ୍ରଥମେ ସମ୍ପନ୍ନ କରାଯାଏ । ବୈଦିକ ଦେବତା ରୂପେ ତାଙ୍କ ମାନ୍ୟତାକୁ ନେଇ ବିଦ୍ୱାନମାନଙ୍କ ଭିତରେ ମତାନ୍ତର ପରିଲକ୍ଷିତ ହୋଇଥାଏ । ପଂଚମ ଶତାବ୍ଦୀ ପୂର୍ବରୁ ସାହିତ୍ୟରେ କେଉଁଠି ତାଙ୍କ ମହିମାର ବର୍ଣ୍ଣନା ଦେଖିବାକୁ ମିଳେନାହିଁ । ତେତିଶକୋଟି ଦେବଦେବୀ ,ଆଠଟି ବସୁ ,ବାର ଆଦିତ୍ୟ, ଇନ୍ଦ୍ର ,ପ୍ରଜାତି,କୋଉଠି ବି ହେଲେ ଶ୍ରୀଗଣେଶଙ୍କୁ ସାମିଲ କରାଯିବା ଦେଖାଯାଏ ନାହିଁ । ଖାଲି ସେତିକି ନୁହେଁ, ବାଲ୍ମିକୀ ରାମାୟଣ, କାଳିଦାସଙ୍କ ରଚନାକୃତୀ ,ପାଣିନି ବ୍ୟାକରଣ,ପତଂଜଳିଙ୍କ ମହାଭାଷ୍ୟ,ଓ କୌଟିଲ୍ୟ ଅର୍ଥଶାସ୍ତ୍ର,ମସ୍ତୁସ୍ମୃତି, ଶ୍ରୀମଦ ଭାଗବତଗୀତା ମଧ୍ୟରୁ କୌଣସିଟିରେ ବି ଶ୍ରୀଗଣଶଙ୍କ ଉପସ୍ଥିତି ନଥାଏ । ସେହିପରି ବୌଦ୍ଧ ଓ ଜୈନଶାସ୍ତ୍ରରେ ବି ତାଙ୍କର ଆଲୋଚନା ହୋଇନାହିଁ । ସେଥିପାଇଁ ପ୍ରଶ୍ନ ସ୍ୱତଃ ଉଙ୍କିମାରେ - ମଙ୍ଗଳମୂରତି ଶ୍ରୀଗଣେଶ ଆସିଲେ କେଉଁଠୁ ?

ତେବେ ଯେ ଯାହାହେଉ, ମହାଭାରତ ଉପରେ ଦୃକପାକ କଲେ ଜଣାଯାଏ ମହାଭାରତ ରଚନା କଲାବେଳେ ବେଦବ୍ୟାସଙ୍କୁ କାଳେ ଶ୍ରୀଗଣେଶଙ୍କ ସକ୍ରିୟ ସହଯୋଗ ମିଳିଥିଲା । ଯେହେତୁ ବ୍ୟାସ ଦଶଟି ଶ୍ଳୋକ ରଚନା କରିପାରିଛନ୍ତି ତେଣୁ ତାଙ୍କ ମନରେ ଏକ ସର୍ବଲୋକ ସୃଷ୍ଟିହେବା ଏକପ୍ରକାର ଅନିର୍ବାଯ୍ୟ । ସୁତରାଂ ତାଙ୍କ ନିଜ ମନରୁ ବି ବିଚକ୍ଷଣ ଭାବେ ଲେଖନୀ ଚାଳନା କରିବାର ଆବଶ୍ୟକତା ରହିଥିଲା । ଶ୍ରୀଗଣେଶ ଥିଲେ ଏଭଳି ଜଣେ ବିଚକ୍ଷଣ ଲେଖକ । ତାଙ୍କର ଗୋଟିଏ ସର୍ତ -ଲିଖନ କାର୍ଯ୍ୟ ନିମିଷକ ପାଇଁ ବି ଅଟକିବନି । ସେଥିପାଇଁ ବେଦବ୍ୟାସ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ ଥିଲେ । ପାଶ୍ଚତ୍ୟ ଦେଶର ବିଦ୍ୟାନଙ୍କ କଳ୍ପନାରେ ଗଣେଶ ଅଣଆର୍ଯ୍ୟଙ୍କ ଦେବତା ଏବଂ ବିଘ୍ନଶ୍ୱର ନାମ ଧାରଣ କରିଥିବାରୁ ବିଘ୍ନ ଏଡାଇବା ପାଇଁ ତାଙ୍କୁ ପୂଜନ କରଯାଏ । ଆର୍ଯ୍ୟମାନେ ବି ବିଘ୍ନଶ୍ୱରଙ୍କୁ ବିଘ୍ନହର୍ତା ରୂପେ ଗ୍ରହଣ କରନ୍ତି । ସେହିପରି ଅଣ ଆର୍ଯ୍ୟମାନେ ତାଙ୍କୁ ବିନାୟକ ରୂପେ ଆପଣାଇଛନ୍ତି । କାରଣ ସେମାନଙ୍କ ମତରେ ତାଙ୍କ ଉପରେ କେହି ନାୟକ ନାହାନ୍ତି ।

ଭାରତୀୟଙ୍କ କଳ୍ପନାର କୌଣସି ଅନ୍ତ ନାହିଁ । ସେହିପରି ଶ୍ରୀଗଣେଶଙ୍କ ଜନ୍ମବୃତାନ୍ତ ସଂପର୍କରେ ଅନେକ କଥା ପରମ୍ପରା ପ୍ରଚଳନ ବହୁବର୍ଷ ଧରି ଗଡିଆସୁଛି । ସେଥିମଧ୍ୟରୁ କେତେକ ଏହିପରି -ଥରେ ଦେବୀ ପାର୍ବତୀ ସ୍ନାନତର୍ପଣ କରିବାକୁ ଗଲାବେଳେ ଦ୍ୱାରଦେଶରେ ପ୍ରହରା ଦେବାଲାଗି ଶ୍ରୀଗଣଶଙ୍କୁ କହିଲେ । ସେ ସମୟରେ ଭଗବାନ ଶଙ୍କର ପଦାର୍ପଣ କଲେ । ଗୃହ ପ୍ରବେଶ କରିବାକୁ ବାରଣ କରିଛନ୍ତି ବୋଲି ମାତାଙ୍କ ଆଜ୍ଞା ତାଙ୍କୁ ଶୁଣାଇ ଶଙ୍କରଙ୍କୁ ରୋକିବାକୁ ଚେଷ୍ଟାକଲେ । ପରନ୍ତୁ ଭଗବାନ ଶଙ୍କର ଉତ୍‌କ୍ଷିପ୍ତ ହୋଇ ବାଳକ ଗଣେଶଙ୍କ ଉପରେ ଘନଘନ ଆକ୍ରମଣ କରିବାରେ ଲାଗିଲେ । ପିତାପୁତ୍ର ମଧ୍ୟରେ ତୁମୁଳ ଯୁଦ୍ଧ ଚାଲିଲା । ଦେବଦେବୀଗଣ ଭଗବାନ ଶଙ୍କରଙ୍କ ପକ୍ଷଭୂକ୍ତ ଥିଲେ । ପରିଶେଷରେ ଶଙ୍କର ଗଣେଶଙ୍କ ମୁଣ୍ଡକୁ ଗଣ୍ଡିରୁ ଅଲଗା କରିଦେଲେ । ପୁତ୍ର ଶୋକରେ ବିହ୍ୱଳିତ ହୋଇ ଦେବୀ ପାର୍ବତୀ ଦେବତାଙ୍କ ବିରୁଦ୍ଧରେ ଯୁଦ୍ଧ କରିଲାରୁ ଚାରିଦିଗରେ ହାହାକାର ବ୍ୟାପିଗଲା । ଦେବୀ ପାର୍ବତୀ କୋପ ସେତେବେଳେ ପ୍ରଶମିତ ହେଲା ଭଗବାନ ଶଙ୍କର ହାତୀର ମସ୍ତିଷ୍କକୁ ଆଣି ବାଳକ ଗଣେଶଙ୍କ ଗଣ୍ଡିରେ ଯୋଡିଦେଇ ତାଙ୍କୁ ଗଜବଦନ ରୂପେ ଆଖ୍ୟାଦେଲେ । ଶିବପୁରାଣରେ ଏକଥା ଆରମ୍ଭରେ କୁହାଯାଇଛି ଯେ ମାତା ପାର୍ବତୀ ସ୍ନାନ କରିବାକୁ ଇଛା ପ୍ରକଟ କରି ନିଜ ଦେହରୁ ମଇଳାରୁ ଏକ ଜୀବନ୍ତ ପ୍ରତୀମା ସୃଷ୍ଟିକଲେ ଯାହାଙ୍କ ନାମକରଣ ଗଣେଶ ରଖିଥିଲେ ।

ଅନ୍ୟ ଏକ ଆଖ୍ୟାନ ଅନୁସାରେ ଶିବ-ପାର୍ବତୀ ହସ୍ତୀ ଓ ହସ୍ତିନୀ ରୂପରେ ବନବିହାର କରିବାକୁ ବାହାରିଲା ବେଳେ ଗଜବଦନ ଭୂମିଷ୍ଠ ହେଲେ । ସେହିଭଳି ବରାହ ପୁରଣାର ବର୍ଣ୍ଣନା ଅନୁଯାୟୀ ଦୃଷ୍ଟଜନ ଦମନର ଗୁହାରି ନେଇ ଯେତେବେଳେ ଦେବଦେବୀଗଣ ଭଗବାନ ଶିବଙ୍କ ଦ୍ୱାରସ୍ଥ ହେଲେ କରୁଣାମୟ ଶିବ ଅପଲକ ନୟନରେ ଉମାଙ୍କ ଆଡେ ଚାହିଁଲେ ଏବଂ ତାଙ୍କ ମସ୍ତକରୁ ଜଣେ ପରମ ତେଜସ୍ୱୀ ବାଳକ ଜନ୍ମହେଲେ । ତାଙ୍କ ରୂପଲାବଣ୍ୟ ଏତେ ସୁନ୍ଦର କମନୀୟ ଥିଲା ଯେ ସ୍ୱର୍ଗର ଅପସରାମାନେ ବି ତାଙ୍କ ପ୍ରତି ବିମୋହିତ ହୋଇଉଠିଲେ । ଏଥିରେ କୋପାନଳ ହୋଇ ଉମା ସେମାନଙ୍କୁ ଶାପ ଦେଲେ । ଏଣେ ହସ୍ତିମସ୍ତିସ୍କରୂପୀ କେହିଜଣେ ଶସ୍ତ୍ରଧାରୀ ବିନାୟକ ତାଙ୍କ ଶରୀରରୁ ଆବିର୍ଭାବ ହେଇଥିବାରୁ ଭଗବାନ ଶଙ୍କର କ୍ରୋଧରେ ଅଗ୍ନୀଶର୍ମା ପାଲଟିଗଲେ । ସର୍ବଶେଷରେ ବ୍ରହ୍ମାଙ୍କ ବିନମ୍ର ଅନୁରୋଧକ୍ରମେ ବିନାୟକକୁ ନାୟକ ରୂପେ ସୃଷ୍ଟିକରି ଶଙ୍କର ନିଜ କ୍ରୋଧକୁ ପଶମିତ କଲେ ।

ପୁଣି ଏକ ପୌରାଣିକ ଆଖ୍ୟାନ ଅନୁସାରେ ମାଳୀ ଓ ସୁମାଳୀ ନାମକ ଦୈତ୍ୟଙ୍କ ସହତି ଘମାଘୋଟ ଯୁଦ୍ଧ କଲାବେଳେ ହଠାତ ତାଙ୍କ ତ୍ରିଶୂଳ ସୂର୍ଯ୍ୟଦେବଙ୍କୁ ଆଘାତ କଲା । ଏଥିପାଇଁ କାଶ୍ୟପ ଶିବଙ୍କୁ ଅଭିଷାପ ଦେଲେ- ତୁମ ପୁତ୍ରର ଶିର ଛେଦନ ହେବ । ତେଣୁ ଗଣେଶଙ୍କ ପାଇଁ ଏ ସଂକଟ ଉପୁଜିବା ଏକପ୍ରକାର ଅନିର୍ବାଯ୍ୟ ହୋଇଉଠିଲା ।

ବ୍ରହ୍ମବର୍ତ ପୁରାଣ ମୁତାବକ ଥରେ ପର୍ଶୁରାମ ଶିବ-ପାର୍ବତୀଙ୍କୁ ଦର୍ଶନ କରିବା ଲାଗି ପହଁଚିବାମାତ୍ରେ ଗଣେଶ ତାକୁ ରୋକିଦେଲେ । ଦୁହିଁଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ଲାଗିଲା । ସେ ଭୀଷଣ ଯୁଦ୍ଧରେ ଗଣେଶଙ୍କ ଦାନ୍ତଟିଏ ଭାଙ୍ଗିଗଲା । ତେବେ ଗଜମୁଖାକର ନାମକ ଜଣେ ଦାନବ ଦ୍ୱାରା ଗଣେଶଙ୍କ ଦାନ୍ତ ଭାଙ୍ଗିବାର ଉଲ୍ଲେଖ ରହିଛି କେତେକ କଥାରେ । ଶିବ ପାର୍ବତୀଙ୍କ ଭାଗ୍ୟରେ ସନ୍ତାନ ସୁଖ ନ ଥିଲା ବୋଲି ଉକ୍ତ ପୁରାଣରେ ବର୍ଣ୍ଣିତି । ତେଣୁ ଉମା ଶ୍ରୀକୃଷ୍ଣଙ୍କ ବ୍ରତ ନିଷ୍ଠାକାଷ୍ଠାର ସହ ପାଳନ କଲେ । ଫଳସ୍ୱରୂପ ଶ୍ରୀଗଣେଶ ଜନ୍ମହେଲେ । ଶନିଦେବଙ୍କ ଛଡା ଅନ୍ୟ ଦେବଦେବୀ ଏ ଶୁଭ ଅବସରରେ ଅଭିନନ୍ଦନ ଜଣାଇଲେ ତାଙ୍କୁ । ତେବେ ପାର୍ବତୀଙ୍କ ନିମନ୍ତ୍ରଣ ରକ୍ଷାକରି ଶେଷରେ ଶନିଦେବ ବି ପଦାର୍ପଣ କଲେ ,କିନ୍ତୁ ଦ୍ୱାରମୁହଁ ତଳେ ଛିଡାହେଲେ । ଶନିଦୃଷ୍ଟି ବାଳକ ପାଇଁ ତ ଅନିଷ୍ଟକର । ମାତା ପାର୍ବତୀ ଶନିଦେବଙ୍କ ଆଶିର୍ବାଦ ଯାଚନ କରନ୍ତେ ଶନିଦେବ ବାଳକକୁ ଅଚାନକ ଅନେଇଲେ । ଫଳରେ ତାଙ୍କ ଶିର କଟିଯାଇ ଖସିପଡିଲା । ଏଥିରେ ମର୍ମାହତ ପାର୍ବତୀଙ୍କ ବିଳାପ ଅସହ୍ୟ ହୋଇଉଠିଲା ବେଳେ ଭଗବାନ ବିଷ୍ଣୁ ପୁଷ୍ପନଦୀ ତଟରୁ ହାତୀମସ୍ତିସ୍କ ଆଣି ଶିଶୁଟିକୁ ଗଜବଦନ କରିଦେଲେ । ସ୍କନ୍ଦପୁରାଣ ଅନୁସାରେ ଗଣେଶ ଆଠମାସ ମାତୃଗର୍ଭସ୍ଥ ଥିବାବେଳେ ସିନ୍ଦୁର ନାମକ ଜଣେ ଦାନବ ତାଙ୍କ ମୁଣ୍ଡ ଛେଦନ କଲା । ତେଣୁ ସେ ଆଜନ୍ମରୁ ମସ୍ତସ୍କବିହୀନ । ନିଜେ ଗଜାସୁରକୁ ନିଧନ କରି ତାର ମସ୍ତସ୍କକୁ ନିଜ କାନ୍ଧରେ ଧାରଣ କଲେ ଏବଂ ଗଜାନନ ରୂପ ଧାରଣ କଲେ । ବିଘ୍ନେଶ୍ୱର , ବିଘ୍ନହର୍ତା, ବକ୍ରତୁଣ୍ଡ, ଦନ୍ତି , ଗଣେଶ ,ଗଳପତି, ବିନାୟକ, ଗଜବଦନ,ଗଣନାୟକ, ଗଜମୁଖ, ଭବପୁତ୍ର, ଗଜାସ୍ତ, ଗଜାନନ, ଲମ୍ବୋଦର ତଥା ଏକଦନ୍ତ ଇତ୍ୟାଦି ଗଣେଶଙ୍କ ଅନେକ ନାମ । ମହାରାଷ୍ଟ୍ରରେ ଗଣପତି ଉତ୍ସବର ଶୁଭ ଅବସରରେ ରାଜ୍ୟର କୋଣ ଅନୁକୋଣ ଗଣପତି ବପ୍ପା ମୋରିୟା ସ୍ୱରରେ ଗୁଂଜରିତ ହୋଇଉଠେ । ଗଣପତିଙ୍କ ଏ ଦୁର୍ଲଭ ରୂପକୁ ସାକ୍ଷାତ ସଂଦର୍ଶନ କରି ଲୋକମାନ୍ୟ ତିଳକ ଗଣେଶ ଉତ୍ସବକୁ ଜାତୀୟ ଉତ୍ସବ ରୂପେ ମାନ୍ୟତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ନବଚେତନାର ସଫଳ ସାଧନ ସୃଷ୍ଟି କରିଥିଲେ ।

+୯୯୯,ଜଗମୋହନ ନଗର, ଜାଗମରା, ଖଣ୍ଡଗିରି ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ଗଣେଶଙ୍କ ବାହନ

କସ୍ତୁରୀ ଚରଣ ରାଉତ



ଗଣେଶ କାହିଁକି ତାଙ୍କ ବାହନ ଭାବରେ ମୂଷାକୁ ବାଛିଲେ ସେ ବିଷୟରେ ଅନେକ ପୌରାଣିକ କାହାଣୀ ଅଛି । ଏକ କିମ୍ବଦନ୍ତୀ ଅନୁଯାୟୀ, ଗଜାମୁଖାସୁର ନାମକ ଏକ ଅସୁର ସହିତ ଗଜାନନ ଯୁଦ୍ଧ କରିଥିଲେ। ଗଜମୁଖାସୁରକୁ ବର ମିଳିଥିଲା ଯେ ସେ କୌଣସି ଅସ୍ତ୍ରରେ ମରିବ ନାହିଁ । ଏହାକୁ ମାରିବା ପାଇଁ ଗଣେଶ ତାଙ୍କର ଗୋଟିଏ ଦାନ୍ତ ଭାଙ୍ଗି ଗଜାମୁଖାସୁର ଉପରେ ଆକ୍ରମଣ କରିଥିଲେ। ଗଜମୁଖାସୁର ଏଥିରେ ଭୟଭୀତ ହୋଇ ମୂଷା ରୂପ ଧାରଣ କରି ଭୟରେ ଦଉଡ଼ି ପଳାଇବାକୁ ଲାଗିଲା। ଗଣେଶ ଜୀ ଗଜମୁଖାସୁରଙ୍କୁ ନିଜ ଫାଶରେ ବାନ୍ଧି ପକେଇଲେ । ଗଜମୁଖାସୁର ଗଣେଶଙ୍କଠାରୁ କ୍ଷମା ମାଗିବାକୁ ଲାଗିଲା । ଗଣେଶ ତାକୁ ନିଜର ବାହନ କରି ଜୀବଦାନ ଦେଇଥିଲେ।

ଗଣେଶ ପୁରାଣରେ ଆଉ ଏକ କାହାଣୀ ମଧ ଉଲ୍ଲେଖ କରାଯାଇଛି । ଯାହା ଅନୁଯାୟୀ ଦ୍ୱାପର ଯୁଗରେ ଗୋଟେ ବହୁତ ଶକ୍ତିଶାଳୀ ମୂଷା ମହର୍ଷି ପରାଶରଙ୍କ ଆଶ୍ରମକୁ ଆସି ତା'ଙ୍କୁ ହଇରାଣ କରିବା ଆରମ୍ଭ କଲା । ମୂଷାଟି ନିଜର ଉତ୍ପାତ ଯୋଗୁଁ ମହର୍ଷିଙ୍କ ଆଶ୍ରମର ସବୁ ମାଟି ପାତ୍ର ଭାଙ୍ଗିଦେଲା। ଆଶ୍ରମରେ ରଖାଯାଇଥିବା ସବୁ ଶସ୍ୟକୁ ନଷ୍ଟ କରିଦେଲା। ସେ ସାଧୁମାନଙ୍କ ପୋଷାକପତ୍ର ଏବଂ ଗ୍ରନ୍ଥଗୁଡ଼ିକୁ ମଧ କାଟି ପକାଇଲା ।

ମୂଷାଟିର ଏପରି କାର୍ଯ୍ୟରେ ଦୁଃଖିତ ହୋଇ ମହର୍ଷି ପରାଶର ଗଣେଶଙ୍କ ଶରଣ ପଶିଲେ । ଗଣେଶ ଜୀ ମହର୍ଷିଙ୍କ ଭକ୍ତିରେ ପ୍ରସନ୍ନ ହେଲେ ଏବଂ ଦୁଷ୍ଟ ମୂଷାକୁ ଧରିବା ପାଇଁ ନିଜର ଫାଶ ଫିଙ୍ଗିଲେ । ଫାଶ ମୂଷାଟିର ପିଛା କରି ପାତାଳରେ ପହଞ୍ଚିଲା ଓ ତାକୁ ବାନ୍ଧି ଆଣି ଗଣେଶଙ୍କ ପାଖରେ ହାଜର କରାଇଲା।

ସାମ୍ନାରେ ଗଣେଶ ଜୀଙ୍କୁ ଦେଖି ମୂଷା ତାଙ୍କୁ ସ୍ତୁତି କରିବାକୁ ଲାଗିଲା । ଗଣେଶ ଜୀ କହିଛନ୍ତି ଯେ ତୁ ମହର୍ଷି ପରାଶରଙ୍କୁ ବହୁତ ଅସୁବିଧାରେ ପକାଇଛୁ, କିନ୍ତୁ ବର୍ତ୍ତମାନ ମୋ ଶରଣରେ ଅଛୁ , ତେଣୁ ଯାହା ବର ମାଗୁଛୁ ମାଗ । ଗଣେଶ ଜୀଙ୍କର ଏପରି କଥା ଶୁଣି ମୂଷା ମନରେ ଅହଙ୍କାର ଜାଗି ଉଠିଲା । ସେ କହିଲା- ' ମୁଁ ଆପଣଙ୍କଠାରୁ କିଛି ଚାହେଁ ନାହିଁ । ଯଦି ଆପଣ ମୋ ଠାରୁ କିଛି ଚାହୁଁଛନ୍ତି ତେବେ ମାଗିପାରନ୍ତି । ଗଣେଶ ସ୍ମିତ ହସ ହସି ମୂଷାକୁ କହିଲେ ତୁ ମୋର ବାହନ ହୋଇଯା । ନିଜ ଅହଙ୍କାର କାରଣରୁ ମୂଷା ଗଣେଶଙ୍କର ବାହନ ହୋଇଗଲା । କିନ୍ତୁ ଗଣେଶ ଜୀ ମୂଷା ଉପରେ ଚଢ଼ିବା ମାତ୍ରେ ସେ ଗଣେଶ ଜୀଙ୍କର ଓଜନ ଦ୍ୱାରା ଚାପି ହେବାକୁ ଲାଗିଲ। । ମୂଷା ଗଣେଶ ଜୀଙ୍କୁ କହିଲା ଯେ ପ୍ରଭୁ, ମୁଁ ଆପଣଙ୍କର ଓଜନ ଦ୍ୱାରା ଚାପି ହୋଇଯାଉଛି । ନିଜ ବାହନର ଅନୁରୋଧ ଶୁଣି ଗଣେଶ ଜୀ ନିଜର ଓଜନ ହ୍ରାସ କଲେ। ସେବେଠାରୁ ମୂଷା ଗଣେଶ ଜୀଙ୍କର ଏକ ବାହନ ହୋଇ ତାଙ୍କ ସେବାରେ ନିୟୋଜିତ ଅଛନ୍ତି ।

ଗଣେଶ ପୁରାଣରେ ଏହା ମଧ ବର୍ଣ୍ଣନା କରାଯାଇଛି ଯେ ଗଣେଶଙ୍କ ବାହନ ପ୍ରତ୍ୟେକ ଯୁଗରେ ବଦଳୁଛି। ସତ୍ୟଯୁଗରେ ଗଣେଶଙ୍କ ବାହନ ସିଂହ , ତ୍ରେତୟା ଯୁଗରେ, ଗଣେଶ ଜୀଙ୍କର ବାହନ ମୟୂର ଏବଂ ବର୍ତ୍ତମାନ ଅର୍ଥାତ କଳିଯୁଗରେ ତାଙ୍କ ବାହନ ଘୋଡ଼ା।

+ସତ୍ୟବାଦୀ ହାଇସ୍କୁଲ୍, ଧଣ୍ଡାମାଳ,ବଲାଙ୍ଗିର
ମୋ.୮୯୧୭୩୯୭୩୪୮




### ବିଘ୍ନ ବିନାଶକ

ବାପିନି ସିଂ

ଦିଅ ଦିବ୍ୟଜ୍ଞାନ ଦିଅ ଶୁଭବୁଦ୍ଧି
ଆହେ ସିଦ୍ଧି ବିନାୟକ
ସଞ୍ଜ ଆଳତୀରେ ପ୍ରାର୍ଥନା ସଭାରେ
ତୁମେ ହିଁ ପ୍ରଥମ ଶ୍ଳୋକ ।
ତୁମ ଆଶିଷରୁ ବିଦ୍ୟା ମହାଧନ
ସହଜେ ଲାଭ ହୁଅଇ
ମହାଜ୍ଞାନୀ ବୋଲି ସାରା ସଂସାରରେ
ପ୍ରଶଂସା ସିଏ ଲଭଇ ।
ମୂଷିକ ବାହାନ ହେ ଗଜ ବଦନ
ତୁମେ ଦୟାର ସାଗର
ତୁମ ଆଗମନେ ହରଷିତ ମନେ
ଚାହିଁଛି ସାରା ସଂସାର ।
ସକଳ ଶକ୍ତିର ତୁମେ ହିଁ ଆଧାର
କୋଟି ସୂର୍ଯ୍ୟ ତୁମ ଜ୍ୟୋତି
ତୁମେ ମହାରଥି ଆହେ ଗଜପତି
ତୁମ ବିନୁ ନାହିଁ ଗତି ।
ହେ ଗୌରୀ ନନ୍ଦନ ବିଘ୍ନ ବିନାଶକ
ଗୁଣନିଧି ଗଜାନନ
କାର୍ତ୍ତିକେୟ ଭ୍ରାତା ପ୍ରଭୁ ଶ୍ରୀ ଗଣେଶ
ଜ୍ଞାନଦାତା ଭଗବାନ ।
ଅଗ୍ରପୂଜ୍ୟ ଦେବ ପିତା ମହାଦେବ
ମାତା ପାର୍ବତୀଙ୍କ ସୂତ
ମାତାଙ୍କ ଆଦେଶେ ରହି ଦ୍ୱାର ଦେଶେ
ପାଳିଥିଲ ତୁମେ ବ୍ରତ ।
ବୁଣ ପୁଣ୍ୟ ବୀଜ ଏ ଭବ ସଂସାରେ
ପ୍ରଭୁ ସିଦ୍ଧି ବିନାୟକ
ଅବତରି ଆସ ତୁମେ ଏ ଧରାକୁ
ସାଜି ବିଘ୍ନ ବିନାଶକ ।

+ଫକୀରମୋହନ ବିଶ୍ୱବିଦ୍ୟାଳୟ ,
ବ୍ୟାସବିହାର ,ବାଲେଶ୍ୱର
ମୋ : ୯୯୩୭୮୨୦୮୩୧

### ଅଗ୍ରପୂଜ୍ୟ ଗଣେଶ ହେ ...

ନିରଞ୍ଜନ ସାହୁ

ଜୟ ଗଣନାଥ ଜୟ ଗଜମାଥ
କୟ ଜୟ ଲମ୍ବୋଦର
ଜୟ ହେ ଗଣେଶ ଜୟ ହେ ବିଘ୍ନେଶ
ଜୟ ହେ ଅଙ୍କୁଶଧର ।

ହେ ଗଣନାୟକ ମହାବିନାୟକ
ଜୟ ସିଦ୍ଧିପ୍ରଦାୟକ
ଆହେ ଏକଦନ୍ତ ଆହେ ଜ୍ଞାନବନ୍ତ
ସକଳ ଶୁଭଦାୟକ
ଆହେ ଅଗ୍ରପୂଜ୍ୟ ସମ କୋଟିସୂର୍ଯ୍ୟ
ଦୟାବହି କୃପାକର ।

ଆହେ ମହାକାୟ ହୁଅନ୍ତୁ ସଦୟ
କଟିଯାଉ ସବୁ ରିଷ୍ଟ
ଆହେ ଗଣପତି ଫେଡନ୍ତୁ ଦୁର୍ଗତି
ପୂରଣ ହେଉ ଅଭିଷ୍ଟ
ଆହେ ପାଶଧର ସର୍ବଦୁଃଖ ହର
ସୁଖ , ଶାନ୍ତି , ଖୁସି ଭର ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩

### ହେ ବିଦ୍ୟା ଦେବତାଞ୍ଚ

ପ୍ରଦୀପ୍ତ କୁମାର ଦାସ

ହେ ବିଦ୍ୟା ଦେବତା ଜ୍ଞାନ ବୁଦ୍ଧି ଦାତା
ଗଣପତି ଗଜାନନ -
ସବୁରି ଅନ୍ତର ଉପବନୁ ନାଥ
ଭକତି କୁସୁମ ଘେନ,
ତୁମରି କରୁଣା ଲଭେ ଯିଏ ଥରେ
ହୁଏ ସେଟ୍ ଭାଗ୍ୟବାନ -
ଅର୍ଥ,ମାନ,ଯଶ ତାର ପଛେ ଧାଏଁ
ଲଭଇ ସେ ଉଚ୍ଚାସନ,
ତୁମ ପଦଧ୍ୟାୟୀ ତୁମ ନାମ ଗାଇ
କରେ ଯିଏ ଅଧ୍ୟୟନ -
ସାରା ଜୀବନ ତା ସୁଖେ ବିତିଯାଏ
ବୋଲାଏ ସେ ବିଜ୍ଞ ଜନ,
ତୁମ ମହିମାର ନାହିଁ ପଟ୍ଟାନ୍ତର
ଧନ୍ୟ ପ୍ରଭୁ ଅମ୍ବିକେୟ -
ବିଦ୍ୟା ବୁଦ୍ଧି ବଳେ ତୁମେହିଁ ତ ଦେବ
କରିଛ ଜଗତ ଜୟ -
ଧନ୍ୟ ବିଘ୍ନନାଥ ଟେକିଦିଅ ହାତ
ଝରିଯାଉ ଶୁଭାଶିଷ -
ତାହାରି ପରଶେ ଏହି ଦୁନିଆରୁ
ହେଉ ଅଜ୍ଞାନର ଶେଷ ।

+କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର- ୭୫୫୦୧୩
ମୋ - ୮୫୯୪୮୮୫୮୯୮

### ଆହେ ଗଜାନନ

ଜନ୍ମଜୟ ନାୟକ



ଆହେ ଗଜାନନ କରୁ ନିମନ୍ତ୍ରଣ
ମର୍ତ୍ତ୍ୟପୁରେ ଆସ ଚାଲି,
ତବ ଆଗମନେ ହସିବ ଧରଣୀ
ସବୁ ଦୁଃଖ ଯିବୁ ଭୁଲି ,
ନାନାରଂଗ ପୁଷ୍ପ ତୋଳି,
ମଣ୍ଡପ ସଜାଇ ତୁମକୁ ବସାଇ
ଜାଳିବୁ ଭକ୍ତି ଦୀପାଳି ।

ମୂଷିକ ବାହନେ ବସିଥିବ ତୁମେ
ଶୁଭୁଥିବ ଶଙ୍ଖ ଧ୍ୱନି,
ତୁମକୁ ଦେଖିଣ ଫେରିବନି ଆଖି
ବନ୍ଦନା ଗାଇବୁ ପୁଣି,
ନାନାବିଧ ଫଳ ଆଣି,
ଭକତି ଚିତ୍ତରେ କରି ସମର୍ପଣ
କରିବୁ ବିଦ୍ୟା ମାଗୁଣି।

ତୁମେ ଅଗ୍ରପୂଜ୍ୟ ବିଘ୍ନ ବିନାଶକ
ତୁମେ ପରା ବିଦ୍ୟାଦାତା,
ତୁମ କୃପା ଲଭି ମୂର୍ଖ ବି ପଣ୍ଡିତ
ହୁଅଇ ଜଗତଜିତା,
ନାହିଁ ମନେ ଆନ ଚିନ୍ତା
ତୁମରି ଚରଣେ ନେଉଛୁ ଶରଣ
ମୁକ୍ତି ଦିଅ ମୁକ୍ତିଦାତା ।

ହେ ଗଣାଧିପତି ଗଉରୀ ନନ୍ଦନ
ଏତିକି କରୁ ଗୁହାରି,
ଦିଅ ସତ୍ ବୁଦ୍ଧି ଦିଅ ଦିବ୍ୟଜ୍ଞାନ
ବାଧା ବିଘ୍ନ ଦୂର କରି,
ଝରୁ ଶୁଭାଶିଷ ବାରି,
ଅଜ୍ଞାନ ଅନ୍ଧାର ଦୂର ପ୍ରଭୁ କର
ଜ୍ଞାନର ଆଲୋକ ଭରି ।

+ଜଗତସିଂହପୁର
ମୋ: ୯୩୩୭୮୦୦୫୬୫

### ଆସ ହେ ପ୍ରଭୁ ଗଣପତି

ଲକ୍ଷ୍ମୀଧର ସିଂ

କୁଟା, ବାଉଁଶ ଓ ମାଟିରେ
କାରିଗର ଗଢୁଛି ତମର ପ୍ରତିମା
ନିଖୁଣ ଓ ଜୀବନ୍ତ
ନିଜକୁ ସମର୍ପଣ କରି
ମଣ୍ଡପ ମେଢ଼ ବନା ଚାଲିଛି
ଖୁବ ଯାକଯମକ କରି ସଜା ହେଉଛି
ଶରଧା ଓ ଭକ୍ତିରେ
ଆସ ହେ ପ୍ରଭୁ ଗଣପତି
ଅବତାର ଘେନ ମୃଣମୟ ମୂର୍ତ୍ତିରେ
ଆରତୀ ଘେନ
ଧୂପ ଦୀପ ନୈବେଦ୍ୟ ପୁଷ୍ପରେ
ପୁରପଲ୍ଲୀଠୁ ସହର ବଜାର
ପିଲାଠୁ ପୌଢ଼
ସବୁ ତମରି ପ୍ରତୀକ୍ଷାରେ
ଆସ ହେ ଗଜାନନ
ଗୌରୀନନ୍ଦନ ଲମ୍ବୋଦର
ଦିଅ ଦରଶନ
ଦିଅ ଆଶିଷ, ବିଘ୍ନ ନାଶ କର
ଡର ଲାଗୁଛି
ବଢ଼ି ଚାଲିଛି ପାପ ଭାର
ନିରୀହ ଜୀବନ କାନ୍ଦୁଛି
ଛଳନାର ଚକ୍ରବ୍ୟୁହରେ
ସତ୍ୟର ଚିତ୍କାର
ସହି ହୁଏନା ହୃଦୟ ଦହନ
ଆସ ହେ ପ୍ରଭୁ ବକ୍ରତୁଣ୍ଡ
ଦିଅ ବୁଦ୍ଧି ଦିଅ ବିଚାର
ଖଳ, କୁବୁଦ୍ଧି, ଦୁଷ୍କାମୀ ନାଶ କର।

+ଅଁଳାପାଳ, ଗରଡିହି, ବାଲେଶ୍ୱର
ମୋ-୬୩୭୦୦୨୬୮୦୫

# ନମୋଃ ଗଣେଶ ବିଘ୍ନେଶ...

## ଶ୍ରୀ ଗଣେଶ



**ଦିଲ୍ଲୀପ କୁମାର ସାହୁ**

ଗଣେଶ ପୂଜାରୁ ଆମ ରାଜ୍ୟ ରେ ଆରମ୍ଭ ହୁଏ ପାର୍ବଣର ଋତୁ । ଭାଦ୍ରବ, ଆଶ୍ୱିନ ଓ କାର୍ତ୍ତିକ ଏହି ତିନିମାସ ଧରି ରାଜ୍ୟରେ ପାଳିତ ହୋଇଥାଏ ଅନେକ ପର୍ବପର୍ବାଣୀ। ଦୁଇ ବର୍ଷ ଧରି କରୋନା ସଂକ୍ରମଣ ଯୋଗୁ ପାର୍ବଣ ର ରଙ୍ଗ ଫିକା ପଡ଼ିଯାଇଥିଲା । ଚଳିତ ବର୍ଷ କଟକଣା ହଟିଯାଇଥିବାରୁ ଗଣେଶ ପୂଜା ଠାରୁ ଉତ୍ସବ ମୁଖର ହୋଇଉଠିଛି ସାରା ରାଜ୍ୟ ।

ଗଣେଶ, ଗଣପତି, ବିନାୟକ ହେଉଛନ୍ତି, ସବୁଠାରୁ ଅଧିକ ଲୋକ ପୂଜା କରୁଥିବା ଦେବତା। ସେ ମହାଦେବ ଶିବ ଏବଂ ଦେବୀ ପାର୍ବତୀଙ୍କର ସାନ ପୁଅ ଓ କାର୍ତ୍ତିକେୟଙ୍କର ସାନ ଭାଇ । ତାଙ୍କର ବାହନ ମୂଷିକ । ଗଣେଶଙ୍କର ପ୍ରତିକୃତି ଭାରତ ଓ ନେପାଳରେ ସର୍ବତ୍ର ପରିଦୃଷ୍ଟ ହୁଏ। ହିନ୍ଦୁମାନେ ଜାତି, ଭାଷା, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଗଣେଶଙ୍କୁ ପୂଜା କରିଥାନ୍ତି। ଏପରିକି ଜୈନ, ବୁଦ୍ଧ ଓ କେତେକ ସ୍ଥାନରେ ଅଣଭାରତୀୟମାନେ ମଧ ଗଣେଶଙ୍କ ଉପାସନା କରିଥାନ୍ତି।

ଗଣେଶ ତାଙ୍କର ହାତୀ ମୁଣ୍ଡ ଯୋଗୁ ସହଜରେ ଜଣା ପଡ଼ନ୍ତି । ବିଘ୍ନ ନାଶକ ରୂପେ ସେ ସର୍ବତ୍ର ପୂଜିତ । କଳା, ବିଜ୍ଞାନ ଏବଂ ବୁଦ୍ଧିଦାତା ଓ ସିଦ୍ଧିଦାତା ଦେବତା ରୂପେ ସେ ପରିଚିତ । ଆଦି ଦେବତା ହିସାବରେ ପ୍ରତ୍ୟେକ ଶୁଭ କାର୍ଯ୍ୟ, ପୂଜା, ଲେଖାପଢ଼ା ଓ ଧାର୍ମିକ କାର୍ଯ୍ୟ ଆରମ୍ଭରେ ତାଙ୍କର ଆବାହନ କରାଯାଏ।

ପଦ୍ମ ପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ, ସ୍କନ୍ଦ ପୁରାଣ, ଶିବ ପୁରାଣ ଆଦିରେ ଗଣେଶଙ୍କର ଜନ୍ମ ଓ ବିଭିନ୍ନ ଲୀଳା ସମ୍ପର୍କରେ ବହୁ କାହାଣୀ ରହିଛି । ଗଣେଶ ପୁରାଣରେ, ଗଣେଶଙ୍କର ବିଭିନ୍ନ ଅବତାର ବିଷୟରେ ବିଶଦ ଭାବରେ ବର୍ଣ୍ଣନା ରହିଛି । ଭଗବାନ ବିଷ୍ଣୁ ଦୁଷ୍ଟମାନଙ୍କୁ ସଂହାର କରି ପୃଥିବୀରେ ଧର୍ମର ପ୍ରତିଷ୍ଠା ପାଇଁ ବିଭିନ୍ନ ଯୁଗରେ ଅବତାର ଗ୍ରହଣ କରିଥିଲେ । ସେହିପରି ଗଣେଶ ମଧ ଦୁଷ୍ଟ ସଂହାର କରି ପୃଥିବୀକୁ ରକ୍ଷା କରିବା ପାଇଁ ବିଭିନ୍ନ ଯୁଗରେ ଅବତାର ଗ୍ରହଣ କରିଥିବା କଥା ଗଣେଶ ପୁରାଣରେ ଉଲ୍ଲେଖ ଅଛି।

ସତ୍ୟ ଯୁଗରେ ପ୍ରଭୁ ମହୋତ୍କଟ ବିନାୟକ ରୂପରେ ଅବତାର ଗ୍ରହଣ କରିଥିଲେ। ତାଙ୍କର ବାହନ ଥିଲା ସିଂହ । ସେ ତାଙ୍କର ଦଶଭୂଜରେ ଦିବ୍ୟ ଅସ୍ତ୍ର ଧାରଣ କରି ଦେବାନ୍ତକ ଓ ନରାନ୍ତକ ନାମକ ଦୁଇ ଜଣ ଅତ୍ୟାଚାରୀ ଦୈତ୍ୟଙ୍କୁ ବଧ କରିଥିଲେ।

ତ୍ରେତୟା ଯୁଗରେ ଶ୍ରୀଗଣେଶ ମୟୂରେଶ୍ୱର ଭାବରେ ଅବତାର ନେଇଥିଲେ। ଷଡଭୂଜ ମୟୂରେଶ୍ୱର ଥିଲେ ଖୁବ୍ ରୂପବନ୍ତ । ସେ ବ୍ରହ୍ମା ପୁତ୍ରୀ ରିଦ୍ଧି ଓ ସିଦ୍ଧିଙ୍କୁ ବିବାହ କରିଥିଲେ ଏବଂ ବ୍ରହ୍ମା ବଳରେ ବଳିୟାନ ପ୍ରବଳ ପ୍ରତାପୀ ସିନ୍ଧୁ ଅସୁରକୁ ବଧ କରିଥିଲେ।

ପ୍ରଭୁ ଗଣେଶ ଦ୍ୱାପର ଯୁଗରେ ଗଜାନନ ରୂପରେ ଅବତାର ନେଇଥିଲେ। ଚତୁର୍ଭୁଜ ଗଜାନନ ସିନ୍ଦୂର ନାମକ ଅତ୍ୟାଚାରୀ ଅସୁରକୁ ବଧ କରିଥିଲେ।

କଳିଯୁଗରେ ପ୍ରଭୁଙ୍କର ଧୂମ୍ରକେତୁ ଅବତାର।

ଧୂମ ରଙ୍ଗର ଧୂମ୍ରକେତୁଙ୍କର ଦୁଇଟି ହାତ ଓ ସେ ମାନବ ଜାତିକୁ ସୁମାର୍ଗରେ ନେବାପାଇଁ ଅବତୀର୍ଣ୍ଣ।

ଗଣେଶ ଗଜାନନ ରୂପରେ ହିଁ ସର୍ବତ୍ର ପରିଚିତ। ବିଘ୍ନହନ୍ତା ରୂପରେ ମଧ ତାଙ୍କୁ ପୂଜା କରାଯାଏ। ଗଣେଶଙ୍କ ଅନ୍ୟ କେତେକ ନାମ ହେଲା ସୁମୁଖ, ବିଘ୍ନହର୍ତ୍ତା, ବିଘ୍ନହର, ଗଣାଧ୍ୟକ୍ଷ, ବ୍ରହ୍ମଣସ୍ପତୀ, ବିଘ୍ନେଶ୍ୱର ଓ ଶୂର୍ପକର୍ଣ୍ଣ ଇତ୍ୟାଦି ।

ଓଡ଼ିଶା ସମେତ ସାରା ଦେଶରେ ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ ଦିନ ଗଣେଶ ପୂଜା ଅନୁଷ୍ଠିତ ହୁଏ। ମହାରାଷ୍ଟ୍ରରର ସବୁଠାରୁ ବଡ ପର୍ବ ଗଣେଶ ଉତ୍ସବ । ସେଠାରେ ଗଣେଶଙ୍କର ପୂଜା ବଡ଼ ଧୂମଧାମରେ ପାଳନ କରାଯାଏ। ମହାରାଷ୍ଟ୍ର ବାସୀ ଅଷ୍ଟବିନାୟକଙ୍କୁ ମଧ ଉପାସନା କରନ୍ତି। ସେହି ଅଷ୍ଟବିନାୟକଙ୍କ ମନ୍ଦିରଗୁଡ଼ିକ ପୁଣେ ଆଖପାଖରେ ଅବସ୍ଥିତ। ପୁଣେ ମହାରାଷ୍ଟ୍ରର ସାଂସ୍କୃତିକ ନଗର । ଗଣେଶ ପୂଜା ସମୟରେ ତାହା ଖୁବ୍ ଉତ୍ସବମୁଖର ହୋଇଉଠେ। ଧୁମଧାମରେ ସେଠାରେ ଗଣେଶ ଉତ୍ସବ ପାଳନ କରାଯାଏ । ୧୮୯୪ ମସିହାରେ ବାଲ ଗଙ୍ଗାଧର ତିଳକ ସେଠାରେ ଶ୍ରୀଗଣେଶ ଉତ୍ସବକୁ ସାର୍ବଜନୀନ ରୂପ ଦେଇଥିଲେ, ଯାହାକି ସ୍ୱାଧୀନତା ସଂଗ୍ରାମକୁ ତ୍ୱରାନ୍ୱିତ କରିବାରେ ସହାୟକ ହୋଇଥିଲା । ସେହିଦିନଠାରୁ ଆଜିଯାଏ ସେଠାରେ ଗଣେଶ ଉତ୍ସବ ମହାସମାରୋହରେ ଆୟୋଜିତ ହୋଇଆସୁଛି ।

ଗଣେଶ ପୂଜା ଆମ ରାଜ୍ୟର ପୁର ପଲ୍ଲୀ ସହର ବଜାର ସବୁଠାରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୁଏ। ଭୁବନେଶ୍ୱରରୁ ଭବାନୀପାଟଣା, ଶ୍ରୀକ୍ଷେତ୍ର ପୁରୀ ରୁ ଇସ୍ପାତ ନଗରୀ ରାଉରକେଲା, କଟକରୁ କୋରାପୁଟ ସବୁଠାରେ ଗଣେଶ ପୂଜାରୁ ଆରମ୍ଭ ହୁଏ ପାର୍ବଣର ଋତୁ । ପାର୍ବଣ ଋତୁର ଏହି ପ୍ରଥମ ପର୍ବକୁ ସମସ୍ତେ ଧୂମ୍‌ଧାମ୍‌ରେ ପାଳନ କରିଥାନ୍ତି । ରାଜ୍ୟର ଜଟଣୀ, ତାଳଚେର, ଅନୁଗୁଳ ଆଦି ସହରରେ ଗଣେଶ ଉତ୍ସବର ରହିଛି ସ୍ୱତନ୍ତ୍ରତା । ସେଠାରେ ବଡବଡ ମଣ୍ଡପରେ ବିଶାଳକାୟ ମୂର୍ତ୍ତି ମାନ ପ୍ରତିଷ୍ଠା କରାଯାଇ ଗଜାନନଙ୍କର ପୂଜାର୍ଚ୍ଚନା ମହାସମାରୋହରେ କରାଯାଇଥାଏ । ସ୍ଥାନେ ସ୍ଥାନେ ଗଣେଶ ଉତ୍ସବ ସମୟରେ ମୀନାବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଚ ଗୀତର ମଧ ଆୟୋଜନ କରାଯାଏ ।

ଶ୍ରୀକ୍ଷେତ୍ର ପୁରୀର ଗଣେଶ ପୂଜାର ରହିଛି ସ୍ୱତନ୍ତ୍ରତା । ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଅସ୍ଥାୟୀ ମଣ୍ଡପମାନ ପ୍ରତିଷ୍ଠା କରାଯାଇ ଶ୍ରୀଗଣେଶଙ୍କ ପୂଜା କରାଯାଏ । ସେଠାରେ ଶ୍ରୀଗଣେଶଙ୍କ ବିଭିନ୍ନ ଅବତାର ଓ ଲିଳାକୁ ନେଇ ମୂର୍ତ୍ତମାନ ସ୍ଥାପନ କରାଯାଇଥାଏ । ତେଣୁ ସର୍ବତ୍ର ଚତୁର୍ଭୁଜ ଗଣେଶ ପୂଜିତ ହେଉଥିବାବେଳେ ପୁରୀରେ ଷଡଭୂଜ, ଅଷ୍ଟଭୂଜ ଓ ଦଶଭୂଜ ଗଣେଶ ପୂଜା ପାଇଥାନ୍ତି ।



ରାଜଧାନୀ ଭୁବନେଶ୍ୱର ନିକଟବର୍ତ୍ତୀ ଜଟଣୀ ସହରରେ ଗଣେଶ ଉତ୍ସବ ପ୍ରାୟ ଦୁଇ ସପ୍ତାହ ଧରି ଆୟୋଜିତ ହୋଇଥାଏ । ସହରରେ ତିନିଶହରୁ ଅଧିକ ମଣ୍ଡପରେ ପୂଜା ପାଆନ୍ତି ସିଦ୍ଧିଦାତା ଗଣେଶ । ସେହି ସମୟରେ ସାରା ସହର ହୋଇଉଠେ ଉତ୍ସବ ମୁଖର । ବଡବଡ ତୋରଣ ସହିତ ରଙ୍ଗ ବେରଙ୍ଗର ଆଲୋକରେ ଝଲମଲ ହୋଉଥାଏ ସହର । ସଞ୍ଜ ନଇଁ ଆସିଲେ ପୂଜା ମଣ୍ଡପ ନିକଟରେ ବେଶ୍ ଗହଳି ଦେଖିବାକୁ ମିଳେ । ଲୋକମାନେ ପରିବାର ସହ ପୂଜା ଦେଖିଆସନ୍ତି, ବୁଲାବୁଲି, କିଣାକିଣି ଓ ଖିଆପିଆର ମଜା ଉଠାନ୍ତି ।

ଓଡିଶାର ସାଂସ୍କୃତିକ ପ୍ରାଣ କେନ୍ଦ୍ର କଟକ ସହରରେ ଗଣେଶ ଚତୁର୍ଥୀ ଠାରୁ କାର୍ତ୍ତିକେୟଙ୍କ ଭଷାଣୀ ପର୍ଯ୍ୟନ୍ତ ଲାଗିରହେ ପୂଜା ପାର୍ବଣ । ପାର୍ବଣ ଋତୁର ଆଦ୍ୟ ପର୍ବ ଭାବରେ ସହରରେ ଗଣେଶପୂଜା ମହାସମାରୋହରେ ଆୟୋଜିତ ହୋଇଥାଏ ।

ରାଜ୍ୟର ଅନ୍ୟତମ ଶିଳ୍ପ ନଗରୀ ଅନୁଗୋଳ ଓ ତାଳଚେରର ଗଣେଶ ଉତ୍ସବ ଗଣେଶ ଯାତ୍ରା ଭାବରେ ଖ୍ୟାତ । ଏହି ସମୟରେ ଦୁଇ ସହର ଜାକଜମକରେ ଆୟୋଜନ କରିଥାନ୍ତି ସିଦ୍ଧିଦାତାଙ୍କ ପୂଜାର୍ଚ୍ଚନା ।

ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଗଣେଶ ଉତ୍ସବ ପାଇଁ ଅନୁଷ୍ଠାନ ଅନୁଷ୍ଠାନ ମଧ୍ୟରେ ପ୍ରତିଯୋଗିତା ହେଉଥିବା ପରି ମନେହୁଏ । ସହର ସାରା ଆକାଶ ଛୁଆଁ ତୋରଣ ଓ ବିରାଟକାୟ ଗଣେଶ ମୂର୍ତ୍ତି ଶ୍ରଦ୍ଧାଳୁମାନଙ୍କ ଦୃଷ୍ଟିକୁ ବେଶ୍ ଆକର୍ଷିତ କରିଥାଏ । କେଉଁଠି ୩୦ଫୁଟର ମୂର୍ତ୍ତି ତ କେଉଁଠି ମୂର୍ତ୍ତିର ଉଚ୍ଚତା ୫୦ଫୁଟ । ତାସହିତ ଅତ୍ୟାଧୁନିକ ସାଜସଜ୍ଜା ମଧ ଦର୍ଶକଙ୍କୁ ଖୁବ୍ ଆହ୍ଲାଦିତ କରିଥାଏ ।

ଦୁଇ ବର୍ଷ ପରେ ଆନନ୍ଦ ଉଦ୍ଦୀପନା ସହ ପାଳିତ ହେଉଛି ପାର୍ବଣ ଋତୁର ଆଦ୍ୟ ପର୍ବ ଗଣେଶ ପୂଜା ।

ସେଥିପାଇଁ ଆବାଳବୃଦ୍ଧବନିତାଙ୍କ ମନରେ ଭରିଯାଇଛି ଅପୂର୍ବ ଉନ୍ମାଦନା । ପ୍ରଭୁ ଶ୍ରୀଗଣେଶ ବିଘ୍ନହନ୍ତା । ସାରା ବିଶ୍ୱରୁ ସବୁ ବାଧା ବିଘ୍ନକୁ ହଟେଇ ମଣିଷ ଜାତି ପାଇଁ ସୁଖଶାନ୍ତି ଆଣିଦିଅନ୍ତୁ ତାଙ୍କ ପାଖରେ ଏତିକି ପ୍ରାର୍ଥନା।

♥ ଶଙ୍କରପୁର, ଚାରବାଟିଆ, ଚୌଦ୍ୱାର, କଟକ

## ଜୟ ହେ ଗଜାନନ

**ସୁନୀଲ କୁମାର ପ୍ରଧାନ**

ଗଉରୀ ନନ୍ଦନ ନାମ କୁ ବହିଣ
ଅଗ୍ରେ ସଦା ପୂଜା ପାଅ
ମହା ଜ୍ଞାନି ବିଘ୍ନ ନାଶକ ପ୍ରଭୁ
ତୁମରି ଆଶିଷ ଦିଅ ।

ଶୁଭ କାମରେ ତୁମ ନାମ ନେଇ
ସଫଳ ହୁଅଇ କାର୍ଯ୍ୟ
ତୁମ ନାମ ନେଲେ ବାଧା ନ ଆସଇ
ମନରେ ରଖଇ ଧର୍ଯ୍ୟ ।

ରିଦ୍ଧି ସିଦ୍ଧି ବର ହୋଇ ତୁମେ ପ୍ରଭୁ
ବିଘ୍ନ ରୁ କରୁଛ ପାର
ମୁର୍ଖ କୁ ପଣ୍ଡିତ ପରିଣତ କରି
କାମନାକୁ ଦୂର କର ।

ଗଜାନନ ନାମକୁ ବହୀ
ଅଗ୍ର ପୂଜା ପାଉଛ ରହି
ତୁମ ନାମ ଡାକୁ ଥାଇ
କରୁଣା କରନ୍ତୁ ସାଇଁ ।

ଭାଦ୍ରବରେ ତୁମ ପର୍ବ
ବରଷକୁ ଆସେ ଦେଖ
ସବୁ ସ୍ଥାନେ ପୂଜା ପାଅ
ନାମ ସିଦ୍ଧି ବିନାୟକ ।

ଜୟ ପ୍ରଭୁ ଗଜାନନ
ଡାକୁ ଅଛି ତୁମ ନାମ
ବିଦ୍ୟା ବୁଦ୍ଧି ଦିଅ ପ୍ରଭୁ
କରୁଅଛି ନମ ନମ ।

ଗାଁ ଗଣ୍ଡା ଆଜି ପଡେ ଚଞ୍ଚଳ
ମେଢ଼ ସଦା ଲାଗି ରହେ
ପିଲାମାନେ ନୂଆଁ ଜାମା ପିନ୍ଧି କରି
ଖୁସି ଆନନ୍ଦ ଭରେ ।

ବିଦ୍ୟାଦାତା ପ୍ରଭୁ ବିନାୟକ ପାଖେ
କରଯୋଡ଼ି କରେ ବିନତୀ
ଯାହା ଲେଖି ଦେଲି ଅଜ୍ଞାନ ଛଳରେ
କରୁଛି କୋଟି ପ୍ରଣତି ।

♥ ଝାଟିପଦର, ପାଲୁର, ଗଞ୍ଜାମ



## ବାଧା ବିଘ୍ନର କର ପ୍ରଭୁ ଅନ୍ତ

**ସସ୍ମିତା ଦାସ**

ହେ ଅଗ୍ରପୂଜ୍ୟ ବିନାୟକ
ତୁମେ କୋଟି ସୂର୍ଯ୍ୟଙ୍କ ପ୍ରଭାରେ ଦୀପ୍ତିମନ୍ତ...
ତୁମେ ପୁଣି ଗଜାନନ ବକ୍ରତୁଣ୍ଡ ଏକଦନ୍ତ,
ତୁମେ ପ୍ରଭୁ ଗଣଙ୍କର ନାଥ ଶ୍ରୀଗଣେଶ
ପୁଣି ନର ନାରୀଙ୍କର ପ୍ରିୟ ଦେବତା...
ସେମାନଙ୍କ ଶ୍ରଦ୍ଧା ଭକ୍ତି ଆଉ ବିଶ୍ୱାସ -
ପ୍ରତିଟି ଧାର୍ମିକ ଆଉ ମାଙ୍ଗଳିକ କାର୍ଯ୍ୟାରମ୍ଭେ
ସର୍ବାଗ୍ରେ କରାଯାଏ ତୁମ ଆବାହନ...
ତୁମେ ହିଁ ବୁଦ୍ଧି - ଜ୍ଞାନ - ବିଦ୍ୟାର
ପରିବ୍ୟାପ୍ତ ସତ୍ତା
ତୁମେ ଶ୍ରେଷ୍ଠ ସଂରକ୍ଷକ
ପ୍ରଜ୍ଞା ରାଜ୍ୟର ଜୀବନ୍ତ କଳା ଆଉ ବିଜ୍ଞାନ,
ତୁମେ ବ୍ୟାସକୃତ ମହାଭାରତର ଲେଖକ...
ଅତି ଚମତ୍କାର ତୁମ କଳେବର
ବିଶାଳ ଥନ୍ତଲ ପେଟ ସାଙ୍ଗକୁ ଗଜର ମସ୍ତକ
ସ୍କନ୍ଧେ ପୁଣି ସୁଶୋଭିତ ସର୍ପ ଉପବିତ...
ବାହନ ତୁମର କ୍ଷୁଦ୍ର ମୂଷିକ...
ତଥାପି ପ୍ରଭୁ ତୁମେ ନିଜ ଗୁଣରେ ବେଶ୍ ସ୍ୱତନ୍ତ୍ର
ତମେ ବକ୍ରତୁଣ୍ଡ ହୋଇ ମଧ
ଲମ୍ବୋଦର ଧାରଣ କରି ମଧ
ତମେ ଦେବ ଦେବ ମହାଦେବ ଓ
ଦେବୀ ପାର୍ବତୀଙ୍କ ପ୍ରତିଭାଦୀପ୍ତ
ଯଶସ୍ୱୀ ସୁପୁତ୍ର ଦୟାବନ୍ତ ଶ୍ରୀଗଣେଶ
ଘେନା କରି କୋଟି ଦଣ୍ଡବତ
ହେ ବିଘ୍ନେଶ୍ୱର
ସର୍ବ ବାଧା ବିଘ୍ନର କର ପ୍ରଭୁ ଅନ୍ତ।

♥ ୩ ସ୍ନାତକ, ଦ୍ୱିତୀୟ ବର୍ଷ, ଓଡ଼ିଆ (ସମ୍ମାନ) ଛାତ୍ରୀ, ଯୁଣଭଦ୍ରା ମହାବିଦ୍ୟାଳୟ, ବିତନା, ପ୍ରୀତିପୁର, ଯାଜପୁର

## ହେବରେ ଜଗତଜିତା

**ନୀଳମଣି ଚାନ୍ଦ**

ସରିତରେ କେତେ ବାଲୁକା ରାଶିରେ
ସାଗରରେ କେତେ ପାଣି
ଦୂର ନୀଳ ନଭେ ଅଛି କେତେ ତାରା
ଏ ଯାଏଁ ପାରିନି ଜାଣି।

ବୋଉକୁ କହିଲି, ସେ କହିଲା ଧନ
ମନ ଦେଇ ପାଠ ପଢ
ଆଜି ତାରା ସମ ହୋଇଛୁ ସାନରେ
କାଲି ହୋଇଯିବୁ ବଡ଼।

ବିଦ୍ୟାର ଦୀପାଳି, ଅଜ୍ଞାନ ତିମିର
ପାରେ ଏକା ଦୂର କରି
ଦୁନିଆରେ ନାହିଁ ହେବାକୁ କିଏରେ
ବିଦ୍ୱାନର ସାଥେ ସରି।

ଜାଣୁ ବିଦ୍ୟାଦାତା ପୂଜ୍ୟ ଗଜାନନ
ଗଉରୀ ନନ୍ଦନ ସିଏ
ସେ ସଦା କରନ୍ତି ବିଦ୍ୟାଟି ପ୍ରଦାନ
ମନ ଦେଇ ପଢ଼େ ଯିଏ।

ବିଦ୍ୟା ମହାଧନ କର ଉପାର୍ଜନ
ହେବୁ ତୁ ଜଗତଜିତା
କହିବେ ସଭିଏଁ ବିଦ୍ୟାସାଗରରେ
ମନେରଖ ଦୀପା, ସ୍ମିତା।

♥ ୨୭, ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

## ଲୋକନାଥ ମହାପାତ୍ର

## ବିଘ୍ନରାଜ ଗଣେଶ ଓ ମୂଷିକ ପ୍ରସଙ୍ଗ

ଗଣେଶଙ୍କ ପବିତ୍ର ପର୍ବ ଗଣେଶ ପୂଜା ଆମ ହିନ୍ଦୁମାନଙ୍କର ଏକ ଗଣପର୍ବ । ସେ ବିଦ୍ୟାଦାତା ଏବଂ ସବୁ ଦେବତାଙ୍କ ମଧରେ ଅଗ୍ରପୂଜ । ହିନ୍ଦୁ ପୁରାଣ ମାନଙ୍କରେ ଗଣେଶଙ୍କ ବିଷୟରେ ଅନେକ ରୋଚକ କଥା ବର୍ଣ୍ଣିତ ହୋଇଛି ଯେମିତି ଗଣେଶ ହସ୍ତୀମୁଖଧାରୀ ତେଣୁ ତାଙ୍କୁ ଗଜାନନ ବୋଲି ମଧ କୁହାଯାଏ । ଅନେକ ପୁରାଣରେ ଗଣେଶଙ୍କୁ ମୂଷିକ ବାହନ ଗଜାନନ ରୂପେ ମଧ ବର୍ଣ୍ଣନା କରାଯାଇଛି । ଗଣେଶଙ୍କ ବିଶାଳ ଆକାରକୁ ଦେଖିଲେ ତାଙ୍କର ମୂଷାକୁ ବାହନ କରିବା କଥା ଅନେକଙ୍କୁ ବିଚିତ୍ର ଲାଗିପାରେ କିନ୍ତୁ ଯେତେବେଳେ ଆମେ ଏହା ପଛରେ ଥିବା ଗୂଢ ତତ୍ତ୍ୱକୁ ବୁଝିବା ସେତେବେଳେ ହିନ୍ଦୁ ଧର୍ମ ଭିତରେ ଲୁଚି ରହିଥିବା ମହାନ ଦର୍ଶନ ପ୍ରତି ଆମର ଶ୍ରଦ୍ଧା ଆହୁରି ବଢିଯିବ ।

ପ୍ରଥମତଃ ଆମେ ଯଦି ଦେଖିବା ଗଣେଶ ମୂଷା ଭଳି ଏକ କ୍ଷୁଦ୍ର ଜୀବକୁ ତାଙ୍କ ବାହନ ରୂପେ ଗ୍ରହଣ କରି ସଂସାରର ସମସ୍ତ ପ୍ରାଣୀଙ୍କୁ ମହତ୍ତ୍ୱ ଦେବାର ବାର୍ତ୍ତା ଦେଇଛନ୍ତି । ବିଜ୍ଞାନ ଅନୁଯାୟୀ ପ୍ରକୃତିର କୌଣସି ପ୍ରାଣୀ ନିତାନ୍ତ ଅନାବଶ୍ୟକ ନୁହନ୍ତି । କାରଣ ଖାଦ୍ୟ ଶୃଙ୍ଖଳା ସିଦ୍ଧାନ୍ତ ଅନୁଯାୟୀ ସଂସାରର ସମସ୍ତ ପ୍ରାଣୀ ସୂକ୍ଷ୍ମ ଅଣୁଜୀବଠୁ ଅରମ୍ଭ କରି ବିଶାଳ ହାତୀ ପର୍ଯ୍ୟନ୍ତ ନିଜର ଅସ୍ତିତ୍ୱ ପାଇଁ ପରସ୍ପର ଉପରେ ନିର୍ଭରଶୀଳ । ଅର୍ଥାତ୍ ଜଣକର ଅସ୍ତିତ୍ୱ ଅନ୍ୟଜଣଙ୍କର ଅସ୍ତିତ୍ୱ ଉପରେ ନିର୍ଭର କରେ ଯେପରି ସିଂହ ମାନଙ୍କ ଅସ୍ତିତ୍ୱ ଅରଣ୍ୟରେ ଥିବା ହରିଣ ତଥା ଅନ୍ୟ ପ୍ରାଣୂ ଉପରେ ନିର୍ଭର କରେ । ତେଣୁ ପ୍ରକୃତିରେ ପ୍ରତ୍ୟେକ ଜୀବଙ୍କ ଉପାଦେୟତା ରହିଛି । ମଶା ଭଳି ଅନିଷ୍ଟକାରୀ ତଥା ଅଦରକାରୀ ବିବେଚିତ ପ୍ରାଣୀଙ୍କ ପ୍ରକୃତି ପାଇଁ କି ଉପାଦେୟତା ରହିଛି ଜାଣିବା ପାଇଁ କିଛି ବୈଜ୍ଞାନିକଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣା ଯାଇଛି ଯେ ମଶାଙ୍କ ଉତ୍ପାତ ଯୋଗୁଁ ପ୍ରକୃତିର ସୁରକ୍ଷାକବଚ ରୂପେ ବିବେଚିତ ହେଉଥିବା ଅରଣ୍ୟ ଆଜି ମଧ ଅନେକ ସ୍ଥାନରେ ବଞ୍ଚି ରହିଛି । କାରଣ ଆଧୁନିକ ଅସ୍ତ୍ରଶସ୍ତ୍ରରେ ବଳିୟାନ ମଣିଷ ପାଇଁ ଆଜି ଜଙ୍ଗଲର କୌଣସି ହିଂସ୍ର ଜନ୍ତୁ ବାଧକ ନୁହନ୍ତି । ତେଣୁ ମଶା ଯଦି ନ ଥାନ୍ତେ ତା ହେଲେ କେବେ ଠାରୁ ପୃଥିବୀରୁ ଜଙ୍ଗଲ ଲୋପ ପାଇସାରନ୍ତାଣି । ତେଣୁ ପ୍ରକୃତିରେ କୌଣସି ପ୍ରାଣୀଙ୍କୁ ଅଦରକାରୀ ଭାବିବା ମଣିଷର ଅଜ୍ଞତାକୁ ହିଁ ସୂଚାଇଥାଏ ଯେହେତୁ ଆଜି ମଧ ମଣିଷ ପ୍ରକୃତି ମଧରେ ଲୁଚି ରହିଥିବା ସମସ୍ତ ରହସ୍ୟକୁ ଭେଦ କରିବାରେ ଅସମର୍ଥ ଏବଂ ଏହା ହିଁ ମଣିଷକୁ ଇଶ୍ୱରଙ୍କ ଉପରେ ବିଶ୍ୱାସ କରିବା ପାଇଁ ବାଧ କରିଥାଏ । ଏ ପରିପ୍ରେକ୍ଷୀରେ ପୁରଣ ବର୍ଣ୍ଣିତ ଗଣେଶଙ୍କ ମୂଷିକ ବାହନ ଉପାଖ୍ୟାନ ଆମକୁ ସଂସାରର ସମସ୍ତ ଜୀବଜନ୍ତୁଙ୍କୁ ମହତ୍ତ୍ୱ ଦେବାର ମହତ ବାର୍ତ୍ତା ବହନ କରିଥାଏ । ଏହାକୁ ସମସ୍ତେ ଉପଲବ୍ଧି କରିପାରିଲେ ପ୍ରକୃତିର ସୁରକ୍ଷା ସହ ମାନବ ଜାତିର ଭବିଷ୍ୟତ ମଧ ସୁରକ୍ଷିତ ହୋଇ ପାରିବ ।

ଦ୍ୱିତୀୟତଃ ମୂଷା ଭଳି ଏକ କ୍ଷୁଦ୍ର ପ୍ରାଣୀକୁ ନିଜର ବାହନ ରୂପେ ଗ୍ରହଣ କରି ଗଣେଶ ଯେଉଁ ଉଦାରତାର ପରିଚୟ ଦେଇଛନ୍ତି ତାହା ସମସ୍ତଙ୍କ ପାଇଁ ପ୍ରେରଣାଦାୟକ । ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ତଥା ଏକ ଉତ୍ତମ ସାମାଜିକ ଜୀବନ ବ୍ୟତୀତ କରିବା ପାଇଁ ସମସ୍ତଙ୍କୁ ସମ୍ମାନ ଦେବା ସହ ସମସ୍ତଙ୍କ ସହ ଉଦାରତାପୂର୍ଣ୍ଣ ବ୍ୟବହାର ଏକାନ୍ତ ପ୍ରୟୋଜନୀୟ । ଗଣେଶଙ୍କ ମୂଷିକ ବାହନ ପ୍ରସଙ୍ଗରୁ ଏକଥା ମଧ ଶିକ୍ଷା ମିଳେ ।

ତୃତୀୟତଃ ମୂଷିକ ଅନ୍ଧକାର ତଥା ଚଞ୍ଚଳତାର ପ୍ରତୀକ । ମନୁଷ୍ୟର ମନ ମଧ ଖୁବ୍ ଚଞ୍ଚଳ । ମନକୁ ଆୟତ୍ତ ନ କଲା ଯାଏ ଏକାଗ୍ରତା ସମ୍ଭବ ନୁହେଁ ଏବଂ ଏକାଗ୍ରତା ବିନା ମଣିଷ କୌଣସି ବିଷୟରେ ଉତ୍ତମ ଜ୍ଞାନ ଲାଭ କରିବା ସମ୍ଭବ ନୁହେଁ । ଜ୍ଞାନ ଦ୍ୱାରା ହିଁ ମଣିଷ ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଜୀବନରେ ସଫଳତା ଏବଂ ସମ୍ମାନ ପ୍ରାପ୍ତ କରିପାରେ । ଗଣେଶ ମୂଷିକକୁ



ବାହନ କରି ଏହି ବାର୍ତ୍ତା ଦେଇଛନ୍ତି ଯେ ମୂଷା ରୂପକ ଚଞ୍ଚଳ ମନକୁ ଆୟତ୍ତ କରି ତାକୁ ଉଚିତ ଦିଗରେ ଲଗାଇ ପାରିଲେ ମଣିଷ ଜୀବନ ସାର୍ଥକ ହୋଇପାରିବ ।

ଚତୁର୍ଥତଃ ମୂଷା ଜିନିଷପତ୍ର ନଷ୍ଟ କରି ଅନ୍ୟର କ୍ଷତି କରିଥାଏ । ତେଣୁ ମୂଷାକୁ ଦୁଷ୍ଟ ବା ଖଳ ପ୍ରବୃତ୍ତିର ପ୍ରତୀକ ଭାବେ ଗ୍ରହଣ କରାଯାଏ । ମୂଷିକକୁ ବାହନ କରି ଗଣେଶ ମନୁଷ୍ୟକୁ ନିଜ ମଧରେ ଥିବା ଦୁଷ୍ଟ ଆସୁରିକ ପ୍ରବୃତ୍ତିଗୁଡିକୁ ନିୟନ୍ତ୍ରଣ କରିବା ପାଇଁ ସନ୍ଦେଶ ଦେଇଛନ୍ତି ଯାହାଦ୍ୱାରା ତାହା ସମାଜର ଅନ୍ୟ ଲୋକଙ୍କ ପାଇଁ କ୍ଷତିର କାରଣ ହେବ ନାହିଁ ।

ତେଣୁ ଗଣେଶଙ୍କ ମୂଷିକ ପ୍ରସଙ୍ଗକୁ କେବଳ ଏକ ରୋଚକପୂର୍ଣ୍ଣ ପ୍ରସଙ୍ଗ ରୂପେ ଗ୍ରହଣ ନ କରି ଉପରୋକ୍ତ କଥାଗୁଡିକୁ ଉପଲବ୍ଧି କରି ଜୀବନରେ ଲଗାଇ ପାରିଲେ ନିଶ୍ଚିତ ରୂପେ ଆମର ଓ ସମାଜର କଲ୍ୟାଣ ହୋଇପାରିବ । ଆଗାମୀ ସଂଖ୍ୟାରେ ଆମେ ଆଉ ଗୋଟିଏ ପୌରାଣିକ ପ୍ରସଙ୍ଗ ଓ ସେଥିରେ ଲୁଚି ରହିଥିବା ଗୂଢ ତତ୍ତ୍ୱ ବିଷୟରେ ଆଲୋଚନା କରିବା ।

♥ ବ୍ରହ୍ମପୁର

## ଆହେ ଗଣେଶ

**ଦିନେଶ ମେହେର**

ଅଗ୍ରପୂଜ୍ୟ ଆହେ ଗୌରୀ ନନ୍ଦନ
ବିଘ୍ନ ହର ଆହେ ବିଘ୍ନ ନାଶନ।
ତୁମ ଚରଣେ ମୋର ଦଣ୍ଡବତ
ବଳ ବୁଦ୍ଧି ବିଦ୍ୟା ଦିଅ ଆହେ ଏକଦନ୍ତ।

ବିକଟ ତୁମେ ଆହେ କୃଷ୍ଣପିଙ୍ଗାକ୍ଷ
ଧୁମ୍ରବର୍ଣ୍ଣ ପ୍ରଭୁ ଲମ୍ବୋଦର।

ଭାଦ୍ରବ ଶୁକ୍ଳ ଚତୁର୍ଥୀ ତିଥେ
କର ତୁମେ ଧରାବତରଣ,
ଆଦିଦେବ ରୂପେ ପୂଜା କରେ
ତୁମକୁ ଏହି ଅବନୀ ଭୂଇଁ କୋଟି ପ୍ରାଣ।

ସତ୍ୟ ଯୁଗେ ତୁମେ ପ୍ରଭୁ ଅଦିତି ନନ୍ଦନ
ମହଙ୍କତ ବିନାୟକ ରୂପେ କଲ,
ଦେବାନ୍ତକ ନରାନ୍ତକ ତାରଣ।

ତ୍ରେତୟା ଯୁଗେ ଉମା ଗର୍ଭେ ଜନ୍ମି
ଗଣେଶ ରୂପେ ଜନ୍ମିସିନ୍ଧୁ କୁ ତାରିଲ,
ବ୍ରହ୍ମା ପ୍ରିୟପାତ୍ର ସାଜି,
ବ୍ରହ୍ମା ପ୍ରସନ୍ନେ ବ୍ରହ୍ମାପୁତ୍ରୀ ରିଦ୍ଧି ସିଦ୍ଧି କୁ
ନିଜ ଅର୍ଦ୍ଧାଙ୍ଗିନୀ ସଜେଇଲ।

ଦ୍ୱାପର ଯୁଗେ ତୁମେ ଥିଲ ପାର୍ବତୀ ପୁତ୍ର
ଅଗ୍ରପୂଜ୍ୟ ଭାବେ ପାଇଥିଲ ପୂଜା
ବୁଦ୍ଧି ବଳେ ତୁମେ ଯେ ଅନନ୍ୟ
ଆହେ ପ୍ରଭୁ ମୋଦକରାଜା।

କଳିଯୁଗେ ତୁମେ ପ୍ରଭୁ
ଧୂମକେତୁ ନାମେ କରିବ ମହୀବତରଣ
ତୁମ ଅବତାର ସମ୍ବନ୍ଧେ
କହୁଥାଏ ନିତି ଭବିଷ୍ୟ ପୁରାଣ।

ଆହେ ଦ୍ୱୈତ ମସ୍ତକ ପ୍ରଭୁ
ଶଙ୍କର ପ୍ରିୟ ଗଣେଶ
ତୁମ ଆଶିଷ ଲଭିଲେ ଥରେ
ଧନ୍ୟ ହେଇଯିବ ଦିନେଶ।

♥ ପଳାସ, କଳାହାଣ୍ଡି

## ଗଣେଶ ପୂଜା

**ଈଶ୍ୱର ଚନ୍ଦ୍ର ମଙ୍ଗରାଜ**

ଅଗ୍ରେପୂଜା ଗଜାନନ
ତୁହିତ ମାତା ଆଜ୍ଞା ପାଳନ
ମାଆ ପାର୍ବତୀ ନନ୍ଦନ
ଅଗ୍ରେ ପୂଜେ ତ ବିଶ୍ୱ ଜନ
ପାଇବାକୁ ଦିବ୍ୟ ଜ୍ଞାନ ।
ପିତାଙ୍କ ପରୀକ୍ଷା ଉତ୍ତୀର୍ଣ୍ଣ
ଯାହାର ମୂଷିକ ବାହାନ
କାର୍ତ୍ତିକ ମୟୂର ପିଠି ବସିଣ
ପୃଥିବୀ କଲେ ଭ୍ରମଣ
ବୁଦ୍ଧି ଆଗେ ବଳ ହୀନ
ହୋଇଛି ଏହା ପ୍ରମାଣ।
କେତେ ଦିନ ପ୍ରଭୂ ଆଉ ଏ
ସୁନାର ପୃଥିବୀ ହେବ ହାହାକାର,
ମଣିଷ ରକ୍ତ ଶୋଷିବ
ମଣିଷ ଦେଖି ଦିବା ସ୍ୱପ୍ନ,
ଗଢ଼ିବାକୁ ଧନ ମାନ
ବୁଦ୍ଧି ବିବେକ ବିକିଣ
ତାଂକୁ ସତ୍ ବୁଦ୍ଧି ଗଜ ବଦନ ।

♥ ଖୋର୍ଦ୍ଧା, ମୋ: ୭୯୭୮୭୩୦୨୧୭

## ହେ ବିଘ୍ନେଶ

**ନୂତନ କୁମାର ବେହେରା**

ହେ ବିଘ୍ନେଶ ଗଜାନନ ଶ୍ରୀଗଣେଶ,
ପାର୍ବତୀ ନନ୍ଦନ କର ବିଘ୍ନ ନାଶ।
ଶରଣେ ତୁମର କରୁଛି ପ୍ରାର୍ଥନା,
ପୂର୍ଣ୍ଣକର ହେ ମୋର ମନସ୍କାମନା।
ତୁମେ ବିଦ୍ୟାପତି ତୁମେ ଗଣନାଥ,
ଅଜ୍ଞାନ ଅନ୍ଧାରେ ଦେଖାଅ ସୁପଥ।
ଜ୍ଞାନହୀନ ଜନ ମୁହିଁ ଯେ ଅଜ୍ଞାନ,
ବିଦ୍ୟା ବୁଦ୍ଧି ଜ୍ଞାନ କରେ ହେ ପ୍ରଦାନ।
କରୁଣା କରି ଦିଅ ତୁମ ଆଶିଷ,
ହେ ବିଘ୍ନେଶ ଗଜାନନ ଶ୍ରୀଗଣେଶ।
କୃପାରେ ତୁମ ମୁରୁଖ ଯେ ପଣ୍ଡିତ,
ଜ୍ଞାନାଲୋକେ ଉଜ୍ଜ୍ୱଳ କର ଜଗତ।
କପାଳେ ଚର୍ଚ୍ଚିତ ସିନ୍ଦୁର ଚନ୍ଦନ,
ସୁନ୍ଦର ମନୋହର ଗଜ ବଦନ।
ତୁମେ ଶିଳଶୈଳ ସୁତାଙ୍କ କୁମର,
ବିଶ୍ୱ ବ୍ରହ୍ମାଣ୍ଡରେ ଅନନ୍ୟ ଠାକୁର।
ମୂଷିକ ବାହନେ ଭ୍ରମୁଛ ସଂସାର,
ଜ୍ଞାନ ଗାରିମାରେ ତୁମେ ଯେ ସାଗର।
ତୁମେ ଅଗ୍ରପୂଜ୍ୟ ଦେବ ତିନି ପୁରେ,
ଭାବ ଭକ୍ତି ଥାଉ ମୋର ତୁମଠାରେ।
ଅନ୍ତରରୁ ଅନ୍ତର କର ମୋ ବିଘ୍ନ,
ଅଭୟ ଦେଇ ମୋତେ ରଖ ନିର୍ବିଘ୍ନ।
ଜ୍ଞାନର ବାରି ଧାରା କର ବର୍ଷଣ,
ହେ ବିଘ୍ନେଶ ଗଜାନନ ଶ୍ରୀଗଣେଶ।
ସଭିଙ୍କର କର ହେ ତୁମେ କଲ୍ୟାଣ
ବନ୍ଦନା କରେ ତୁମର ଶ୍ରୀଚରଣ।
ଜ୍ଞାନ ବିନା ଅନ୍ଧ ପ୍ରାୟେ ମୁଢ଼ଜନ,
ଗର୍ବ ଅହଂକାରେ ବିତାଏ ସେ ଦିନ।
ହଜିଯାଏ ସୁଖ ଶାନ୍ତି ଏ ଦୁନିଆଁରୁ,
ଆଶଙ୍କା ଦୂରେଇ ଦିଅ ଏ ମନରୁ।
ରଖ ବାରେ ମୋର ଭରସା ବିଶ୍ୱାସ,
ହେ ବିଘ୍ନେଶ ଗଜାନନ ଶ୍ରୀଗଣେଶ।

♥ କୋହି, ମୟୂରଭଞ୍ଜ

# ନମୋଃ ଗଣେଶ ବିଘ୍ନେଶ...



## ଅଗ୍ରପୂଜ୍ୟ ଗଣେଶ

ରମାକାନ୍ତ ଦାସ

ଜୟପ୍ରଭୁ ଗଜାନନ ହରଗଉରି ନନ୍ଦନ
ଜ୍ଞାନଦାତା, ବୁଦ୍ଧିଦାତା ପ୍ରଭୁ ବିଘ୍ନବିନାଶନ ।

ଅଗ୍ରପୂଜ୍ୟ ଅଟ ତୁମ୍ଭେ ଅଟ ବିଦ୍ୟାଦାତା
ଦୁଃଖର ହରତା ତୁମ୍ଭେ ସୁଖର କରତା ।

ତୁମ୍ଭେ ବିଦ୍ୟାଧର ତୁମ୍ଭେ ବିଦ୍ୟାର ଭଣ୍ଡାର
ଶୁଭ ଲାଭଙ୍କ ପିଅର ଆହେ ଲମ୍ବୋଦର ।

ସର୍ବ ମଙ୍ଗଳ ଆହେ ଆରାଧ୍ୟ ଦେବତା
ନମଃନମଃ ଗଜାନନ ରିଦ୍ଧି ସିଦ୍ଧି ଦାତା ।

ଅଜ୍ଞାନ ତିମୀର ନାଶ ହେ ଗଜାନନ
ମଙ୍ଗଳ ଦାୟକ ହେ ବିଘ୍ନ ବିନାଶନ ।

ତୁମ୍ଭ କୃପାବଳେ ହୁଏ ଜ୍ଞାନର ଉଦୟ
ସିଦ୍ଧି ବିନାୟକ ବକ୍ରତୁଣ୍ଡ ମହାକାୟ ।

ମଙ୍ଗଳ ମୁରତି ଜୟଜୟ ବିଘ୍ନହର୍ତ୍ତା
ବିଘ୍ନରାଜ ସିଦ୍ଧିକର୍ତ୍ତା ଲମ୍ବୋଦର ଜ୍ଞାନଦାତା ।

ଜୟଜୟ ଗୌରୀସୂତ ଜୟ ଶ୍ରୀଗଣେଶ
ପ୍ରଣୀପାତ ଘେନ ପ୍ରଭୁ ଦିଅ ହେ ଆଶିଷ ।

♥ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ-୯୬୬୮୮୧୫୩୬୯

## ଓଁ ଗଣେଶାୟ ନମଃ

ସୁଭାଷ ଚନ୍ଦ୍ର ଭୂତିଆ

ନମୋ ନମୋ ଗଣେଶ
ବିଦ୍ୟା ଦାତା ବିଘ୍ନେଶ
କରୁଣା କର ହୋଇ ତୋଷ
ଅଜ୍ଞାନ ପରାହତ
ପାଇ ତୁମ ଆଶିଷ
ପାପ ଯେ ଅକ୍ଳେଶରେ ନାଶ ।
ତୁମରି ଆଗମନେ
ଆନନ୍ଦ ଆସେ ମନେ
ଉତ୍ସବ ମୁଖରିତ ଧରା
ସଂଚାରି ଉଠେ ଆଶା
ପ୍ରେମ ପୁଲକ ନିଶା
ନବୀନ ଜ୍ୟୋତିର ପସରା ।
ଅଗ୍ରପୂଜ୍ୟ ହେ ନାଥ
ଅଗ୍ରଗତିର ପଥ
ଦର୍ଶନେ ମିଳେ କୋଟି ପୁଣ୍ୟ
ଶୁଭ ଲାଭ ଯେ ସିଦ୍ଧି
କୋଟି ଲାବନ୍ୟ ନିଧି
ଦେବତା ଗଣେ ଅଗ୍ରଗଣ୍ୟ ।
ଅଧମ କରେ ପୂଜା
ଉଡିବ ତୁମ ଧ୍ୱଜା
ତ୍ରୈଲୋକ ହୋଇବ ଉଶ୍ୱାସ
ତୁଟିବ ଦୁଃଖ କଷ୍ଟ
କଳୁଷ ହେବ ନଷ୍ଟ
ହୃଦୟେ ରହିଛି ବିଶ୍ୱାସ ।

♥ଡିହଡୋଳ, ଢେଙ୍କାନାଳ

# 'ଚାନ୍ଦା' ବିହୀନ ପର୍ବପର୍ବାଣୀ କ'ଣ ସମ୍ଭବ ନୁହେଁ ?



ବିଷ୍ଣୁ ପ୍ରସାଦ ଦାସ

ବିଘ୍ନ ବିନାଶନ ଗଣପତିଙ୍କ ପୂଜାରୁ ହିନ୍ଦୁ ଧର୍ମାବଲମ୍ବୀ ମାନଙ୍କ ପୂଜା ପାର୍ବଣ ଆରମ୍ଭ ହୋଇଯାଏ ଓ ସରସ୍ୱତୀ ପୂଜା ପରେ ସମାପ୍ତ ହୁଏ । ଏହା ମଧ୍ୟରେ ଦୁର୍ଗାପୂଜା, କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ଖୁବ ଜାକଜମକରେ ହୁଏ । ବାର ମାସରେ ତେର ପର୍ବ, ବିଭିନ୍ନ ବର୍ଗର ଆବଓଳ ବୃଦ୍ଧବନିତଓ ଏହି ପର୍ବ ପର୍ବାଣୀକୁ ମନଭରି ଉପଭୋଗ କରନ୍ତି । ବର୍ତ୍ତମାନ ଯୁଗରେ ପୂଜା ଖାଲି ଭକ୍ତି ପାଇଁ ହେଉନାହିଁ, ଏଥିରେ ଶକ୍ତି ଓ ପ୍ରତିଯୋଗିତା ଭରି ରହିଛି । କିଏ କେତେ ବଡ଼ ମୂର୍ତ୍ତି କରିପାରିବେ କେତେବଡ଼ ପେଣ୍ଡାଲ ହେବ, କେତେ ସାଜସଜ୍ଜାରେ ଖର୍ଚ୍ଚ ହେବ, କେତେ ଟଙ୍କା ଖାଇବା ପିଇବା ରେ ଖର୍ଚ୍ଚ ହେବ, ବିସର୍ଜନ ଓ ଶୋଭାଯାତ୍ରାରେ କେତେ ଖର୍ଚ୍ଚ ହେବ ଇତ୍ୟାଦି । ହାତଗଣତି ଜାଗାରେ ନିଷ୍ଠାର ସହିତ ପୂଜାର୍ଚ୍ଚନା କରାଯାଏ । ପୂଜଓସ୍ଥାନରେ କାନ ଫଟା କର୍କଶ ସଂଗୀତ ଭକ୍ତଙ୍କୁ ଭକ୍ତି ଭାବନା ଠାରୁ ଦୂରେଇନିଏ ଆଉ ବିସର୍ଜନ କଥା ନ' କହିଲେ ଭଲ, ବିଭିନ୍ନ ପ୍ରକାର ହିନ୍ଦି ଚଳଚିତ୍ରର ସଙ୍ଗୀତ ସହିତ ଅର୍ଦ୍ଧ ଉଲଗ୍ନ ନୃତ୍ୟକୁ ବି ଆମେ ଉପଭୋଗ କରୁ (ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ) । ଆମ ସଂସ୍କାର, ପରମ୍ପରା ଓ ସଂସ୍କୃତିକୁ ଆମେ ପୋଡି ଖାଇ ସାରିଲୁଣି , ଅର୍ଧ ଉଲଗ୍ନ ନାରୀ ବାଦ୍ୟର ତାଳେ ତାଳେ ନୃତ୍ୟ କରୁଥିବା ଦୃଶ୍ୟକୁ ଉପଭୋଗ କରି ମସଗୁଲ ହେଉଥିବା ଯୁବକ ଯୁବତୀ ଭୁଲି ଯାଇଥାନ୍ତି ଯେ, ସେମାନେ ମୂର୍ତ୍ତି ବିସର୍ଜନ ପାଇଁ ଆସିଛନ୍ତି ଓ ମନେହୁଏ ଏହି ସମୟରେ ଦେବ /ଦେବୀ ବିସର୍ଜନ ଗୌଣ ଆଉ ମଉଜ ମଜଲିସ କରିବା ଟା ମୁଖ୍ୟ ବିଷୟ ଓ ଆମ ସମାଜର ନୂତନ ପିଢିଙ୍କ ମାନସିକତା ବଦଳି କେଉଁଠି ପହଞ୍ଚିଲାଣି ତାହା ଅନୁମେୟ, ହୁଏତ ଏଥିପାଇଁ ଆମେ ଦାୟୀ ଓ ପ୍ରଶାସନ ଖାଲି ଦେଖୁଛି କିନ୍ତୁ ନାଚାର । କିଛି ପୂଜାମଣ୍ଡପ କୋଟି କୋଟି ଟଙ୍କାର ମାଲିକ, ଏହି ଆୟ ସ୍ଥଳ ବିଶେଷରେ ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରର ତେଣୁ ଖର୍ଚ୍ଚ ମଧ୍ୟ କିଛି କମ ନୁହେଁ । ସର୍ବସାଧାରଣଙ୍କ ଟଙ୍କା ତେଣୁ ଏହା ସରକାରଙ୍କ ତରଫରୁ ଅଡିଟ ହେବଓ ଉଚିତ, ପ୍ରତିଯୋଗିତା ଦୌଡ଼ରେ ନ'ଯାଇ ଯଦି ଆୟ ହୋଇଥିବା ବଳକା ଟଙ୍କାକୁ କୌଣସି ଜନହିତକର କାର୍ଯ୍ୟରେ ବିନିଯୋଗ କରାଯାଇ ପାରନ୍ତା ତେବେ କିଛି ଅସହାୟ ଲୋକଙ୍କ ଉନ୍ନତି ସହିତ ଦେଶର ତଥା ଜାତିର ମଧ୍ୟ ଉନ୍ନତି ହୁଅନ୍ତା । କଥାରେ ଅଛି ମାନବ ସେବା ମାଧବ ସେବା ସହିତ ସମାନ ଓ ଆଶାର ଶେଷ ନାହିଁ କି କଳ୍ପନାର ବିକଳ୍ପ ନାହିଁ ଓ କୋଟି କୋଟି ଟଙ୍କା ସର୍ବସାଧାରଣଙ୍କ ଠାରୁ ଆୟ କରୁଥିବା ମଣ୍ଡପ / ସଂସ୍ଥା ମାନେ ଭବିଷ୍ୟତ ପାଇଁ ନିଜର ଖର୍ଚ୍ଚର ଆକଳନ କରି ଏପରି ଜାଗାରେ ଟଙ୍କା ନିୟୋଜିତ କରନ୍ତୁ ବା ସ୍ଥାବର ସମ୍ପତ୍ତି ଠାକୁରଙ୍କ ନାମରେ ରଖିଦିଅନ୍ତୁ ଯେଉଁଠାରୁ କି ପ୍ରତିବର୍ଷ ଆୟ ଆସିବ ଆଉ ପୂଜା ଖର୍ଚ୍ଚ ଆପେ ଆପେ ହୋଇଯିବ, ଯଦି ବଳକା କିଛି ରହେ ତେବେ ତା'ର ସତ ବିନିଯୋଗ ହେବା ଉଚିତ ଓ ଚାନ୍ଦା ଆଦାୟ ଦ୍ୱାରା ହୁଏତ ଧର୍ମାନୁଷ୍ଠାନ ମାନଙ୍କର ଗଛିତ ସମ୍ପତ୍ତି ବୃଦ୍ଧି ହେଉଛି କିନ୍ତୁ ଏହାର ସୁବିନିଯୋଗ ନ'ହେବା କାରଣରୁ ଦେଶର ପ୍ରଭୁତ୍ୱ ଆର୍ଥିକ ମାନ୍ଦା ଅବସ୍ଥା ପରୋକ୍ଷ ଭାବେ ଆସିଯାଉଛି ଓ ଖାଲି ଧର୍ମାନୁଷ୍ଠାନ ଗୁଡିକ କଥା କୁହାଯାଉନାହିଁ , ଯେଉଁଠି ସମ୍ପତ୍ତି ଠୁଳ ହୋଇ ରହିଛି ସେ ସବୁର ସୁବିନିଯୋଗ ହେବା ଜରୁରୀ ଓ ଆନ୍ତର୍ଜାତିକ ବଜ଼ାରରେ ଭାରତୀୟ ମୁଦ୍ରାର ମୂଲ୍ୟ ଦିନକୁ ଦିନ କମିବାରେ ଲାଗିଛି , ଠିକ ଅଛି ଭାଇ ! ଧର୍ମ ଆଉ ଧର୍ମ ସଂସ୍ଥା ସହିତ ଯୋଡିହୋଇ ରହିଥିବା ଟ୍ରଷ୍ଟ ମାନେ ଗଛିତ ଥିବା ସମ୍ପତ୍ତିର ସୁବିନିଯୋଗ କରିବା ଉଚିତ ବୋଲି ମୋର ମନେ ହୁଏ ଓ ଯୁଗ ଯୁଗ ଧରି ସମ୍ପତ୍ତି ବଢ଼ିଚାଲିଲେ ଏହାର ପରିଣାମ କଣ ହେବ ? ପୂଜା ମଣ୍ଡପ ଗୁଡିକ ସ୍ୱାବଲମ୍ବୀ ହେବା ଜରୁରୀ, ପ୍ରତି ପୂଜା ସମୟରେ 'ଚାନ୍ଦା' ପାଇଁ ଜୁଲମ ଆଉ ଯୁକ୍ତିତର୍କ ଠାରୁ ଆରମ୍ଭ କରି ହାତାହାତି ହେବାର ବି ନଜିର ରହିଛି ଓ ସାରା ପୃଥିବୀରେ ଯେତେ ବଡ଼ ବଡ଼ ମନ୍ଦିର, ମସଜିଦ, ଗୀର୍ଜା, ଭାଟିକାନ ସହର ସମେତ ଅନ୍ୟାନ୍ୟ ଧର୍ମାନୁଷ୍ଠାନ ଅଛି ସେଠାରେ ଲକ୍ଷ ଲକ୍ଷ କୋଟି ଟଙ୍କାର ସୁନା ଓ ସମ୍ପତ୍ତି ଗଛିତ ଅଛି, କୁହନ୍ତୁତ' ଏହାର ସୁବିନିଯୋଗ ହେବା ଉଚିତ ନା' ଖାଲି ଟ୍ରେଜେରୀରେ ରଖିବା ଉଚିତ ? ? ଏମାର ମଠରୁ କୁଇଣ୍ଟଓଲ କୁଇଣ୍ଟାଲ ରୂପା ବାହାରିଲା ତା'ର କ'ଣ କିଛି ଉପଯୋଗ ହେଉଛି କି ? ସାଧାରଣ ଜନତା ଯେତେବେଳେ ଦରଦାମ ନିୟନ୍ତ୍ରଣ ନ'ହେବା କାରଣରୁ ଡହଳ ବିକଳରେ ଜୀବନ ଜୀବିକା ପାଇଁ ସଂଗ୍ରାମ କରୁଛନ୍ତି ଠିକ ସେହି ସମୟରେ ଟ୍ରେଜେରି ଭରି ସମ୍ପତ୍ତି ଗଛିତ ରଖିବାର ମାନେ କ'ଣ ଧର୍ମ ? ଏହା କେବଳ ଆମ ସହର, ଆମ ରାଜ୍ୟ କଥା ନୁହେଁ ଏହା ସାରା ଭାରତବର୍ଷର ତଥା ପୃଥିବୀର ଏକ ସମସ୍ୟା ଓ ଅଧକାଂଶ ପୂଜାମଣ୍ଡପ ମାନେ ମଧ ଜୁଲମ କରି ବାସିନ୍ଦାଙ୍କ ଠାରୁ ଚାନ୍ଦା ନିଅନ୍ତି ଓ ମହାରାଷ୍ଟ୍ରରେ ଗୋଟିଏ ଗୋଟିଏ ଗଣେଶ ମଣ୍ଡପ କୋଟି କୋଟି ଟଙ୍କା ଆୟ କରନ୍ତି, ଲାଲବାଗ ଗଣେଶ ମଣ୍ଡପର ଆୟ ସବୁଠାରୁ ବେଶୀ, ଏକ ଅସୁସ୍ଥ ବାତାବରଣ ଓ ମାନବିକତା ବିହୀନ ଭକ୍ତିର ମାନେ କିଛି ହୁଏନା ଓ ଶାନ୍ତି ଆଉ ସମାଜର କଲ୍ୟାଣ ନିମନ୍ତେ ଧର୍ମ ଆଉ ପୂଜା/ ଉପାସନା କରିବାର ପ୍ରାଧାନ୍ୟ ରହିଛି କିନ୍ତୁ ବର୍ତ୍ତମାନ ଶକ୍ତି, ପ୍ରତିଯୋଗିତା ଓ ପରାକ୍ରମ ଦେଖାଇବାର ବେଳ ଆସିଛି ବୋଧ ହୁଏ ଓ ସମୟ କହିବି କେଉଁଟା ଠିକ ଆଉ କେଉଁଟା ଭୁଲ ଓ ସରକାର ନିୟମ କରିଦେଲେ କେହି 'ଦାଦା ବଟି' ମାଗିପାରିବେ ନାହିଁ , ଖୁବ ଭଲ, ତେବେ ଏଇ 'ଦାଦାବଟି' କ'ଣ ବନ୍ଦ ହୋଇଗଲା ? ଛୁରୀ , ଚାକୁ ଛାଡି ଏବେ ବିହାରର ମୁଙ୍ଗେର ଜିଲ୍ଲାରୁ ଅପରାଧୀ ମାନେ ଦେଶୀ ପିସ୍ତଲ ରଖି ବୁଲୁଛନ୍ତି, ଆପଣ ମୁଣ୍ଡ ଝାଳ ତୁଣ୍ଡରେ ମାରି ଉପାର୍ଜନ କରିଥିବା ଆୟକୁ ଆଖି ପିଛୁଳାକେ ପିସ୍ତଲ ଦେଖାଇ ନେଇଯିବେ ଓ 'ଚାନ୍ଦା' ଏକ ଶବ୍ଦ ଯାହାର ବହୁଳ ବ୍ୟବହାର ଦେଖିବାକୁ ମିଳେ, ବଂଚିବାକୁ ହେଲେ ସରକାରୀ ଟିକସ (ଚାନ୍ଦା) ଦିଅ, ବେସରକାରୀ 'ଚାନ୍ଦା' ଦିଅ, କାମ କରିବାକୁ ହାତଗୁଂଜା (ଚାନ୍ଦା) ଦିଅ, ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯାହା ଯାହା କରିବ ସେଥିପାଇଁ 'ଚାନ୍ଦା' ଅନିବାର୍ଯ୍ୟ ଓ ପୂଜା 'ଚାନ୍ଦା' ସେଥିମଧ୍ୟରୁ ଗୋଟିଏ ଉଦାହରଣ ମାତ୍ର ଓ ମାନବସେବା ଭଗବାନଙ୍କ ସେବା ସହିତ ସମାନ । ପ୍ରତି ପୂଜାମଣ୍ଡପ ଯଦି ନିଜ ସ୍ଥାନରେ , ଅନାଥଙ୍କ ପାଇଁ ଆବାସ, ନିରାଶ୍ରୟୟ ପିଲାଙ୍କ ପାଇଁ ସ୍କୁଲ, ଗରିବଙ୍କ ପାଇଁ ମାଗଣା ଚିକତ୍ସା ବ୍ୟବସ୍ଥା କରିପାରନ୍ତେ, ଛୋଟ କୁଟୀର ଶିଳ୍ପ ଦ୍ୱାରା ବି କିଛି ବେକାର ଲୋକଙ୍କୁ କର୍ମଯୋଗଣ ସମ୍ଭବ ହୋଇପାରନ୍ତା, ପୂଜାମଣ୍ଡପର କର୍ମକର୍ତ୍ତାଙ୍କୁ ବିନମ୍ର ଅନୁରୋଧ ଜୋର ଜୁଲମ କରି ଚାନ୍ଦା ଆଦାୟକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ , ଜନତା ସ୍ୱତ୍ୱ ପ୍ରବୃତ୍ତ ହୋଇ ନିଜର ସକ୍ଷମ ଅନୁଯାଇ ଯେତିକି ଦାନ ଦେଉଛନ୍ତି ସେତିକିରେ ସନ୍ତୁଷ୍ଟ ହୋଇ ଆୟ କୁ ଦେଖି ବ୍ୟୟ କରିବାର ନିଷ୍ପତ୍ତିନେବା ଶୁଭଙ୍କର , ମାନବିକତା ଭୁଲି ଯିବା ଆଦୌ ସମାଜ ପାଇଁ ମଙ୍ଗଳକର ସାବ୍ୟସ୍ତ ହେବନାହିଁ ଓ କାହାରି ଧର୍ମ ଭଓବନଓରେ ଆଘାତ ଦେବା ବା ଧର୍ମ ଦ୍ରୋହୀ ମନୋଭାବ ଏହି ଲେଖାର ଉଦେଶ୍ୟ ନୁହେଁ , ଏହା କେବଳ ସଚେତନତା ପାଇଁ ଉଦିଷ୍ଟ , ଯଦି କୌଣସି ବ୍ୟକ୍ତି ବିଶେଷଙ୍କୁ ଦୁଃଖ ଦେବାପରି କିଛି ଲେଖା ଥାଏ ତେବେ କ୍ଷମା ଦେବାକୁ ବିନମ୍ର ଅନୁରୋଧ ।

♥ସ୍ନେହ କୁଟୀର,ଝାଞ୍ଜିରୀ ମଙ୍ଗଳ
କଟକ -୭୫୩୦୦୯
ମୋ: ୯୯୩୭୧୭୪୦୯୭

# ଅଗ୍ରେ ପୂଜିତ ଦେବ



ଜୟଶ୍ରୀ ପଟ୍ଟନାୟକ



ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟୀ ସମପ୍ରଭଃ
ନିର୍ବିଘ୍ନଂ କୁରୁ ମେ ଦେବ ସର୍ବକାର୍ଯ୍ୟେସୁ ସର୍ବଦା ।

ଭାରତୀୟ ସଂସ୍କୃତିରେ ପ୍ରତ୍ୟେକ ରାଜ୍ୟରେ ଋତୁ ଅନୁସାରେ ପର୍ବପର୍ବାଣୀ ପାଳନ କରିଥାନ୍ତି । ସଂସ୍କୃତି ଓ ମୂଲ୍ୟବୋଧକୁ ସମ୍ମାନ ଜଣାଇ ଆମ ଦେଶରେ ଅନୁଷ୍ଠିତ ହୁଏ ଜାତୀୟ ପର୍ବ ସ୍ୱାଧୀନତା ଦିବସ, ଗାନ୍ଧି ଜୟନ୍ତୀ, ଗଣତନ୍ତ୍ର ଦିବସ ଇତ୍ୟାଦି । ଏଗୁଡିକୁ ବାଦ୍‌ଦେଲେ ଆମର ଧର୍ମ, ସଂସ୍କୃତି ପରମ୍ପରାରେ ପାଳିତ ହୁଏ ଅନେକ ପର୍ବପର୍ବାଣୀ ଯାହା ଜୀବନକୁ କରିଥାଏ ସରସ, ସୁନ୍ଦର ଏବଂ ମଧୁମୟ । କ୍ଳାନ୍ତ, ଅବସାଦ ମନରେ ଉତ୍ସାହ ଜଗାଇଥାଏ । ସେହିପରି ଏକ ଗଣପର୍ବ ହେଲା ଗଣେଶ ପୂଜା । ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଏହା ଏକ ସାର୍ବଜନୀନ ପୂଜା । ଏହି ପୂଜା ଲୋକ ମାନଙ୍କର ଆଧାତ୍ମିକ ଚେତନାକୁ ଜାଗ୍ରତ କରାଏ, ମନରେ ନୂତନ ଉନ୍ମାଦନା ଜଗାଏ । ସମାଜରେ ଲୋକ ମାନଙ୍କ ମଧ୍ୟରେ ସଦ୍ଭାବନା, ପାରସ୍ପରିକ ସହଯୋଗ, ଭାବର ଆଦାନ ପ୍ରଦାନ ବଢ଼ାଏ । କର୍ମକ୍ଳାନ୍ତ ଜୀବନରେ ଆଣିଥାଏ ଉତ୍ସାହ ଓ ଆନନ୍ଦ ।

ଆମ ଦେଶର ଚାରିଆଡେ ଋତୁ ଅନୁସାରେ ଭିନ୍ନ ଭିନ୍ନ ଧରଣର ପର୍ବ ହୋଇଥାଏ ଆସାମରେ ବିହୁ, କେରଳରେ ଓନାମ, ପଂଜାବରେ ବୈଶାଖି, ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶରେ ପୋଙ୍ଗଲ ଇତ୍ୟାଦି । ସାରା ଭାରତର ଲୋକମାନେ କିନ୍ତୁ ଗଣେଶଙ୍କୁ ପୂଜା କରିଥାନ୍ତି । ଶ୍ରୀ ସିଦ୍ଧି ବୁଦ୍ଧି ଦାତା ଓ ବିଦ୍ୟାର ଦେବତା ରୂପେ ଗଣେଶ ବୈଦିକ ଧର୍ମରୁ ଅଗ୍ର ଦେବତାଙ୍କ ସ୍ଥାନରେ ଅଧିଷ୍ଠିତ । ତେଣୁ ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟର ଶୁଭାରମ୍ଭକୁ ଶ୍ରୀ ଗଣେଶ ବୋଲି କୁହାଯାଏ । ବୈଦିକ ଧର୍ମର ଯେ କୌଣସି ପୂଜାବିଧିରେ ଗଣେଶଙ୍କୁ ଅବାହନ କରାଯାଏ । ଗଣେଶ ପଞ୍ଚ ମହାଭୂତର ଅଧିଷ୍ଠାତା ଯଥାକ୍ରମେ କ୍ଷିତି(ଈଶ), ଶିବ,ଆପ୍ (ଗଣେଶ), ତେଜଃ(ଦୁର୍ଗା), ମରୁତ(ସୂର୍ଯ୍ୟ), ବ୍ୟୋମ(ବିଷ୍ଣୁ) । ଯଜୁର୍ବେଦରେ ଗଣେଶଙ୍କୁ ସ୍ତୁତି କରାଯାଇ କୁହାଯାଇଛି- ଗଣାନାଂ ତ୍ୱା ଗଣପତିଂ ହବାମହେ, ପ୍ରିୟାଣାଂ ତ୍ୱା ପ୍ରିୟପତିଂ ହବାମହେ, ନିଧିନାଂ ତ୍ୱା ନିଧିପତିଂ ହବାମହେ । କୃଷ୍ଣ ଯଜୁର୍ବେଦର ତୈତ୍ତିରିୟ ସଂହିତା ମନ୍ତ୍ରରେ ତତ୍ ପୁରୁଷାୟ ବିଦ୍ମହେ ବକ୍ରତୁଣ୍ଡାୟ ଧିମହି ତନ୍ନୋଦନ୍ତୀ ପ୍ରଚୋୟାତ୍ ବୋଲି ସ୍ତୁତି କରାଯାଇଅଛି ।

ହିନ୍ଦୁ ଶାସ୍ତ୍ରାନୁଯାୟୀ ଗଣେଶଙ୍କ ଜନ୍ମ ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ । ହିନ୍ଦୁ ଶାସ୍ତ୍ରରେ ଗଣେଶଙ୍କୁ ଅଗ୍ରପୂଜ୍ୟ ଦେବତା ଆଦୌ ପୂଜ୍ୟୋ ବିନାୟକଃ ଏହି ଉକ୍ତି ଅନୁସାରେ ସମସ୍ତ ଶୁଭ ଓ ମାଙ୍ଗଳିକ କାର୍ଯ୍ୟର ପ୍ରାରମ୍ଭରେ ଗଣେଶଙ୍କ ପୂଜା କରାଯାଏ । ସମସ୍ତ କାମରେ ବିଘ୍ନ ନ ଘଟିବା ପାଇଁ ଗଣେଶଙ୍କୁ ପ୍ରାର୍ଥନା କରାଯାଏ । ଇହଲୋକ, ପରଲୋକ ସର୍ବତ୍ର ସଫଳତା ପାଇବା ନିମନ୍ତେ ଏକ ମାତ୍ର ଉପାୟ ଗଜାନନ, ଗଣପତି, ସିଦ୍ଧିଦାତା, ଲମ୍ବୋଦର, ଏକଦନ୍ତ, ବିଘ୍ନ ବିନାଶକ ଗଣେଶଙ୍କ ଉପାସନା କରିବା । ତେଣୁ କୁହାଯାଇଛି- ଯଦି ଅନନ୍ତ କୋଟୀ ବ୍ରହ୍ମାଣ୍ଡ ନାୟକ ପରାପ୍ତର ବ୍ରହ୍ମ ଭଗବାନ ଶ୍ରୀ ଗଣେଶ ପ୍ରସନ୍ନ ହୁଅନ୍ତି ତେବେ ସମସ୍ତ କାର୍ଯ୍ୟ ଅଚିରେ ସଫଳ ହେବ । ଏହି ଗଣେଶ ପୂଜା କେବଳ ଭାରତରେ ନାହିଁ ଚୀନ, ଜାପାନ, ବାଲି, ନେପାଳ, ତିବତ, ଭୁଟାନ,ବ୍ରହ୍ମଦେଶ ,ଆଫଗାନିସ୍ଥାନ, ଜାଭା, ସୁମାତ୍ରା, ଶ୍ରୀଲଙ୍କାରେ ବି ପୂଜା କରାଯାଏ ।

ମନରେ ପ୍ରଶ୍ନ ଉଠେ ଯେ ଗଣେଶଙ୍କୁ କାହିଁକି ଅଗ୍ରପୂଜ୍ୟ ଦେବତା କହିବା ? ଗଣେଶ ପାର୍ବତୀଙ୍କ ପୁତ୍ର । ଭଗବାନ ଶିବଙ୍କ ଅର୍ଦ୍ଧାଙ୍ଗିନୀ ପାର୍ବତୀ ଶିବଙ୍କୁ ପାଇବା ନିମନ୍ତେ ଗୁମ୍ଫା ଭିତରେ ତପସ୍ୟାରତ ହେବା ପୂର୍ବରୁ ପୁତ୍ର ଗଣେଶଙ୍କୁ ଗୁମ୍ଫା ଦ୍ୱାରରେ ଜଗାଇ, କାହାରିକୁ ଗୁମ୍ଫା ଭିତରକୁ ପ୍ରବେଶ କରେଇ ନ ଦେବା ପାଇଁ ଆଦେଶ ଦେଇଥିଲେ । ଗଣେଶ ମାତାଙ୍କ ଆଦେଶକୁ ପାଳନ କରିବା ନିମନ୍ତେ ଗୁମ୍ଫା ଦ୍ୱାରରେ ଜଗି ରହିଲେ । ଗୁମ୍ଫା ଭିତରକୁ ଶିବଙ୍କ ଅନୁଚର ମାନେ ପ୍ରବେଶ କରିବାକୁ ଉଦ୍ୟତ ହୁଅନ୍ତେ ଗଣେଶ ସେମାନଙ୍କୁ ଯୁଦ୍ଧରେ ପରାଜିତ କଲେ ଏହା ଶୁଣି ଦେବ ଦେବ ମହାଦେବ କ୍ରୁଧିତ ହୋଇ ଗଣେଶଙ୍କ ସହ ଲଢ଼େଇ କରି ତାଙ୍କୁ ପରାଜିତ କରି ଶିରଚ୍ଛେଦ କଲେ । ଗୁମ୍ଫା ଭିତରେ ପାର୍ବତୀ ଶିବଙ୍କ ମୁହଁରୁ ପୁତ୍ରର ନିଧନ କଥା ଶୁଣି ଅତ୍ୟନ୍ତ ମର୍ମାହତ ହୋଇ ରୋଦନ କରିବାରୁ ଉତର ଦିଗକୁ ମୁଣ୍ଡ କରି ଶୋଇଥିବା ହସ୍ତୀର ଶିର ଛେଦନ କରି ଗଣେଶଙ୍କ ଦେହରେ ସଂଯୁକ୍ତ କରିବାରୁ ଗଣେଶ ପୁନର୍ଜନ୍ମ ଲାଭ କଲେ । ଗଜାନନ ଯୋଗୁଁ ପାର୍ବତୀଙ୍କର ସନ୍ତୋଷ ବିଧାନ ପାଇଁ ଶିବ ତାଙ୍କୁ ବର ପ୍ରଦାନ କରି କହିଥିଲେ ଯେ ସେ ମହାଜ୍ଞାନୀ, ମହା ପଣ୍ଡିତ, ଜ୍ଞାନ, ବୁଦ୍ଧି, ସିଦ୍ଧିର ଦାତା । ସବୁ ଦେବତାଙ୍କ ଆଶିର୍ବାଦରୁ ଏ ମାନସ ପୁତ୍ର ଗଣେଶ ନାମରେ ବିଶ୍ୱବିଖ୍ୟାତ ହେବ । ସେ ଦେବଗଣ, ଆର୍ଯ୍ୟ, ଅନାର୍ଯ୍ୟ, ସବୁ ଦେବତାଙ୍କ ଆଗରୁ ପୂଜା ହେବ । ସବୁ ବିଘ୍ନ ସେ ଦୂର କରିବ । ସବୁ ଠାରୁ ଜ୍ଞାନୀ ସେ ହେବ ।

କେହି କେହି କହନ୍ତି ପାର୍ବତୀଙ୍କ ମଳୁଖରୁ ଗଣେଶଙ୍କ ଜାତ । ପାର୍ବତୀ ସ୍ନାନ କରୁଥିବା ସମୟରେ ହଳଦୀରେ ପିତୁଳା ଗଢ଼ି ବିଷ୍ଣୁ ମନ୍ତ୍ରରେ ଜୀବନ୍ୟାସ ଦେଇଥିଲେ । ଆଉ ଏକ ସମୟରେ ଭଗବାନ ପର୍ଶୁରାମଙ୍କ ସହିତ ଗଣେଶଙ୍କର ପ୍ରଚଣ୍ଡ ଯୁଦ୍ଧ ହୋଇଥିଲା । ଗଣେଶ ସୁରକ୍ଷା ଦାୟିତ୍ୱରେ ଥିବା ବେଳେ ସେ ଭଗବାନ ପର୍ଶୁରାମଙ୍କୁ ପ୍ରବେଶ ପାଇଁ ପଥରୋଧ କରିଥିଲେ । ଫଳରେ ଭୟଙ୍କର ଯୁଦ୍ଧରେ ହାରି ଶ୍ରୀ ଗଣେଶ ଏକଦନ୍ତ ହେଲେ । ପରବର୍ତ୍ତୀ ସମୟରେ ପର୍ଶୁରାମ ଏବଂ ଗଣେଶଙ୍କ ଭିତରେ ସୁସମ୍ପର୍କ ସ୍ଥାପିତ ହୋଇଥିଲା । ଅନେକ ଦେଶ ଓ ଧର୍ମରେ ଗଣେଶଙ୍କ ଉପାସନା କରାଯାଏ । ବୌଦ୍ଧ ଧର୍ମରେ ଶ୍ୱେତହସ୍ତୀକୁ ପବିତ୍ର କୁହାଯାଇଛି । ଶୈବ, ଶାକ୍ତ, ବୈଷ୍ଣବ ଧର୍ମାବଲମ୍ବୀ ମାନେ ଗଣେଶଙ୍କୁ ସର୍ବ ପ୍ରଥମ ଦେବତା ବୋଲି ମାନି ଆସିଛନ୍ତି ।

ଗଣେଶଙ୍କ ଅଷ୍ଟ ଅବତାର :

୧,ବକ୍ରତୁଣ୍ଡ : ଭଗବାନ ଗଣେଶ ବକ୍ରତୁଣ୍ଡ ରୂପରେ ମତ୍ସରାସୁରଙ୍କୁ ହରାଇଲେ ।

୨. ଏକଦନ୍ତ: ଏକଦା ପରଶୁରାମ ଶିବ ପାର୍ବତୀଙ୍କ ଦର୍ଶନାର୍ଥେ କୈଳାଶ ପର୍ବତକୁ ଆସିଥିଲେ । କୈଳାଶ ପର୍ବତରେ ଶିବ ପାର୍ବତୀ ଶୟନରତ ଥିଲେ ବାହାରେ ଗଣେଶ ଥିଲେ ଏବଂ ସେ ପରଶୁରାମଙ୍କୁ ଭିତରକୁ ଯିବାକୁ ବାରଣ କରିବାରୁ ପର୍ଶୁରାମଙ୍କ ମନରେ କ୍ରୋଧ ଜାତ ହେଲା । ସେ ଫାର୍ଶାରେ ଗଣେଶଙ୍କ ଦାନ୍ତ ଭାଙ୍ଗି ଦେବାରୁ ଗଣେଶ ଏକଦନ୍ତ ହେଲେ । ଏଣୁ ଗଣେଶଙ୍କ ହାତୀ ପରି ଗୋଟିଏ ଦାନ୍ତ ଥିବାରୁ ତାଙ୍କୁ ଏକଦନ୍ତ କୁହାଯାଏ ।

୩. ଗଜାନନ: ହାତୀ ଶୁଣ୍ଢ ପରି ମସ୍ତକ ଥିବାରୁ ତାଙ୍କୁ ଗଜାନନ କୁହାଯାଏ ।

୪. ଲମ୍ବୋଦର: ତାଙ୍କର ହାତୀ ଥୋଡ ପାହାର ପରି ମୁହଁ, ଲମ୍ବା ଉଦର ହେତୁ ଲମ୍ବୋଦର କୁହାଯାଏ ।

୫. ବିକଟ: ମୟୂର ବାହାନ ବିକଟ ରୂପରେ ପ୍ରକଟ ହୋଇ ଗଣେଶ କାମାସୁରର ଦାଉରୁ ସଂସାରକୁ ମୁକ୍ତ କରିଥିଲେ ।

୬, ବିଘ୍ନରାଜ: ସେ ସର୍ବ ବିଘ୍ନକୁ ହରଣ କରନ୍ତି ବୋଲି ବିଘ୍ନରାଜ ଅଟନ୍ତି । ସେ ବିଘ୍ନ ବିନାଶକ ଭାବରେ ପୂଜିତ, ଆରାଧିତ । ଶ୍ରୀ ଗଣେଶଙ୍କୁ ପୂଜାର୍ଚ୍ଚନା କଲେ ସମସ୍ତ ପ୍ରକାର ବିଘ୍ନ ଦୂର ହୋଇଥାଏ ।

୭. ଖର୍ବକାୟ: ତାଙ୍କର ଶରୀର ଅତ୍ୟୁଚ୍ଚ । ତାଙ୍କ ମସ୍ତକ ଗଜ ମସ୍ତକ । ସୁତରାଂ ଏକ ଅଦ୍ଭୁତ ଶରୀର । ପୃଥୁଳ ଉଦର । ଉପର ଦୁଇ ହସ୍ତରେ ପାଶ, ଅଙ୍କୁଶ ଧାରଣ କରିଛନ୍ତି ତଳ ବାମ ହସ୍ତରେ ମୋଦକ ଥାଳି ବା ଲଡୁ ଏବଂ ଦକ୍ଷିଣ ହସ୍ତରେ ଅଭୟ ମୁଦ୍ରା ଶୋଭା ପାଉଛି ।

୮. ଧୂମ୍ରବର୍ଣ୍ଣ : ଅଗ୍ରପୂଜ୍ୟ ଗଣେଶଙ୍କ ବର୍ଣ୍ଣ ଧୂମ୍ରବର୍ଣ୍ଣ । ମା ପାର୍ବତୀ ତାଙ୍କୁ ହଳଦୀ ମଳୁଖରୁ ସୃଷ୍ଟି କରିଥିଲେ ।

ଏହାଛଡା ଗଣେଶଙ୍କୁ ବିନାୟକ, ସୁମୁଖ, ଭାଲଚନ୍ଦ୍ର, ସିଦ୍ଧି ବିନାୟକ ପ୍ରଭୃତି ଅନେକ ନାମରେ ନାମିତ କରାଯାଇଛି ।

ପ୍ରବାଦ ଅଛି ଏହି ଗଣେଶ ଚତୁର୍ଥୀ ଦିନ ଚନ୍ଦ୍ର ଦର୍ଶନ ବର୍ଜନୀୟ । ଏହିଦିନ ଶ୍ରୀକୃଷ୍ଣ ସୂର୍ଯ୍ୟକାନ୍ତ ମଣି ଚୋରୀ କରିଥିବାର ମିଛ ଅଭିଯୋଗ କରାଯାଇଥିଲା । ଦିନେ ଚନ୍ଦ୍ରମା ନିଜ ସୌନ୍ଦର୍ଯ୍ୟରେ ଅଭିମାନ କରି ଗଣେଶଙ୍କୁ ଉପହାସ କଲେ । ନିଜର ତିରସ୍କାର ସହି ନ ପାରି ଗଣେଶ ଅଭିଶାପ ଦେଲେ ଯେ ଆଜିଠୁ ତୁମ ଉପରେ କଳାର କଳଙ୍କ ପଡିବ ଏବଂ ଆଜି ଯିଏ ତୁମକୁ ଦେଖିବ ସେ ବି କଳଙ୍କର ଶିକାର ହେବ । ଚନ୍ଦ୍ରମା ନିଜ ଭୁଲ ବୁଝି ପାରି କ୍ଷମା ପ୍ରାର୍ଥନା କଲେ । ଗଣେଶ କହିଲେ ଆଗରୁ ତୁମେ ସୂର୍ଯ୍ୟଙ୍କର ପ୍ରକାଶରେ ଗୋଟିଏ ମାସରେ ଗୋଟିଏ ଥର ପୂର୍ଣ୍ଣତା ପ୍ରାପ୍ତି କରୁଥିଲ ମୋର ଏହି ଅଭିଶାପ ଫଳରେ କେବଳ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ପାଇଁ ଏହିଦିନ ତୁମର କମ୍ ଆଲୋକ ରହିବ । ଚତୁର୍ଥୀ ତିଥିର ସ୍ୱାମୀ କେବଳ ଗଣପତି ଅଟନ୍ତି ସେଦିନଠାରୁ ଚନ୍ଦ୍ର ଦର୍ଶନ ବର୍ଜନୀୟ ହୋଇଛି । ଆମ ଦେଶରେ ସମସ୍ତ ଧାର୍ମିକ କାମର ଆରମ୍ଭରେ ଗଣେଶଙ୍କ ପୂଜା କରାଯାଏ । ଗଣେଶ ବିଦ୍ୟାଦାତା, ବୁଦ୍ଧିଦାତା ସମଗ୍ର ବିଘ୍ନ ବିନାଶକାରୀ ।

ବିଦ୍ୟାରମ୍ଭେ ବିବାହେ ଚ ପ୍ରବେଶେ ନିର୍ଗମେ ତଥା
ସଂଗ୍ରାମେ ସଂକଟେ,
ଚୈବ ବିଘ୍ନସ୍ତସ୍ୟ ନଜାୟତେ

ଓଡିଶାର ସମସ୍ତ ତୀର୍ଥସ୍ଥଳୀର ମନ୍ଦିର ମାନଙ୍କରେ ଗଣେଶ ମୂର୍ତ୍ତି ଅଗ୍ରେ ପୂଜା ପାଉଛି । ଇତିହାସ କହେ କାଞ୍ଚିବିଜୟ କରି ଗଜପତି ପୁରୁଷୋତମ ଦେବ କାଞ୍ଚିରାଜାଙ୍କ ଇଷ୍ଟଦେବ ଗଣେଶ ମୂର୍ତ୍ତି ଅଣାଇ ଶ୍ରୀ ମନ୍ଦିରରେ ଅଧିଷ୍ଠିତ କରାଇଥିଲେ । ସାମାଜିକ ମୂଲ୍ୟବୋଧ ଅନୁସାରେ ଗଣେଶ ପୂଜା ଏକ ସାର୍ବଜନୀନ ପୂଜା । ହିନ୍ଦୁଙ୍କର ପଂଚଦେବତା ମଧ୍ୟରେ ଗଣେଶ, ରୁଦ୍ର, ଅମ୍ବିକା, ନାରାୟଣ, ସୂର୍ଯ୍ୟ ଚିର ବନ୍ଦନୀୟ । ଜ୍ୟେଷ୍ଠ ପୂର୍ଣ୍ଣିମା ବା ସ୍ନାନ ପୂର୍ଣ୍ଣିମାରେ ଶ୍ରୀ ଜୀଉଙ୍କର ଗଜବେଶ ବା ଗଣେଶ ବେଶ ହୁଏ । ଆମ ସଂସ୍କୃତିରେ ଗାଣପତ୍ୟମାନେ ଶ୍ରୀ ଜୀଉ ଙ୍କୁ ଗଣେଶ ରୂପରେ ଆରାଧନା କରନ୍ତି । ପରମ୍ପରା ଅନୁସାରେ ପୁରୀର ରାଘବଦାସ ମଠ ଓ ଗୋପାଳ ତୀର୍ଥ ମଠ ଶ୍ରୀ ଗଣେଶ ବେଶର ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଇଥାନ୍ତି । ମହାରାଷ୍ଟ୍ରର ମୁମ୍ବାଇ ସହର ଗଣେଶ ପୂଜା ପାଇଁ ପ୍ରସିଦ୍ଧ । ଏହି ପୂଜା ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀ ଠାରୁ ଆରମ୍ଭ ହୋଇ ଚତୁର୍ଦ୍ଦଶୀ ଯାଏଁ ଚାଲେ ପୂର୍ଣ୍ଣିମା ଦିନ ଠାକୁର ବିସର୍ଜନ ହୋଇ ପାଣିରେ ପଡନ୍ତି । ଓଡିଶାର ଯାଜପୁର ଜିଲ୍ଲାର ଧାନମଣ୍ଡଳ ଷ୍ଟେସନ ନିକଟବର୍ତ୍ତୀ ମହାବୀଣା ମନ୍ଦିରର ଅଧିନାୟକ ହେଉଛନ୍ତି ମହାବିନାୟକ । ଚଣ୍ଡିଖୋଲ ନିକଟରେ ଅବସ୍ଥିତ ମହାବିନାୟକ ହେଉଛନ୍ତି ହିନ୍ଦୁ ପଂଚ ଦେବତାଙ୍କ ସାଙ୍କେତିକ ପୀଠ । ଜଗନ୍ନାଥ ତତ୍ୱାଧିକାରୀଙ୍କ ମତରେ ଗାଣପତ୍ୟ, ଶାକ୍ତ, ଶୈବ, ବିଷ୍ଣୁ ଏବଂ ସୂର୍ଯ୍ୟଙ୍କ କ୍ଷେତ୍ର ରୂପେ କୋଣାର୍କ ପୁରୀ, ବିରଜା(ଯାଜପୁର), ଲିଙ୍ଗରାଜ(ଭୁବନେଶ୍ୱର) ପ୍ରସିଦ୍ଧ । ଗଣେଶ ବିଦ୍ୟା ବୁଦ୍ଧିର ଦେବତା ହୋଇଥିବାରୁ ବିଦ୍ୟାର୍ଥୀ ମାନଙ୍କର ଲେଖା ପଢ଼ା ଭଲ ହୁଏ ।

ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ଖୁବ୍ ଧୂମ୍‌ଧାମରେ ଏହି ପୂଜା ପାଳନ କରାଯାଏ । ଏହିଦିନ ପିଲାମାନେ ସକାଳୁ ଗାଧୋାଇ ପାଧୋଇ ଫୁଲ ତୋଳି,ଗଣେଶ ମୂର୍ତ୍ତି କିଣି, ରଙ୍ଗୀନ ବାନା କାଗଜରେ ସ୍କୁଲ ମାନଙ୍କୁ ସଜେଇଥାନ୍ତି । ସହର, ଗାଁ ରେ ଲୋକମାନେ ଚାନ୍ଦା ଆଦାୟ କରି ବଡ ବଡ ତୋରଣରେ ପୂଜା ମଣ୍ଡପ ମାନଙ୍କୁ ସଜେଇଥାନ୍ତି । ବଡ ବଡ ମେଢ଼ ମାନ ଜରି କାଗଜରେ ସଜା ଯାଇଥାଏ ପୂଜା ମଣ୍ଡପକୁ ବିଜୁଳି ଆଲୁଅରେ ଝଲସା ଯାଇଥାଏ । ଏହି ଦିନ ବିଦ୍ୟାର୍ଥୀ ମାନେ ନୂଆ ଲୁଗା ପିନ୍ଧି ଗଣେଶଙ୍କୁ ପୂଜା କରନ୍ତି । ଘଂଟ ଘଂଟା ଶଙ୍ଖ ବାଜେ । ଧୂପଦୀପର ସୁଗନ୍ଧରେ ବାତାବରଣ ମହକି ଉଠେ । ବିଦ୍ୟାର୍ଥୀ ମାନେ ଗଣେଶ ବନ୍ଦନା ଗାଇ ପୁଷ୍ପାଞ୍ଜଳୀ ପ୍ରଦାନ କରନ୍ତି । ପ୍ରସାଦ ଖାଆନ୍ତି । ପ୍ରାୟ ସବୁ ବିଦ୍ୟାଳୟ ମାନଙ୍କରେ ଭୋଜିର ଆୟୋଜନ ହୋଇଥାଏ । ମାନ୍ୟଗଣ ବ୍ୟକ୍ତିଙ୍କୁ ଅତିଥି କରି ଡକା ଯାଇଥାଏ । ପରଦିନ ଗଣେଶ ମୂର୍ତ୍ତି ବିସର୍ଜନ କରାଯାଏ । ଏହି ପୂଜା ବିଦ୍ୟାର୍ଥୀଙ୍କ ମନରେ ପବିତ୍ରତା, ଭକ୍ତିଭାବନା ଆଣିଥାଏ । ଗଣେଶ ଗଣ ମାନଙ୍କର ପତି ଗଣପତି । ଗଣ କହିଲେ ଆର୍ଯ୍ୟ ଅନାର୍ଯ୍ୟ ସମସ୍ତଙ୍କୁ ବୁଝାଏ । ଜ୍ଞାନ, ବୁଦ୍ଧି ଓ ପାଠ ପାଇଁ ସେ ପୂଜିତ ହୁଅନ୍ତି । ତାଙ୍କର ବାହାନ ମୂଷିକ । ଗଜମସ୍ତକ ଏବଂ ମୂଷିକ ବାହାନ ସୂଚାଇ ଦିଏ ଯେ ଗଣଙ୍କର ପ୍ରଭୁ ଗଣନାଥ ବଡସାନ ଭେଦ ନ ରଖି ସମସ୍ତଙ୍କୁ ଆଦର କରନ୍ତି । ଦାକ୍ଷିଣାତ୍ୟର ଅଧିକାଂଶ ଲୋକ ଗଣେଶଙ୍କ ଭକ୍ତ । ଓଡିଶାର ମୁଖ୍ୟ ପୂଜା ଗଣେଶ ପୂଜା । ପୂଜା ପୂର୍ବରୁ ପେଣ୍ଡାଲ ମାନଙ୍କୁ ଆଲୋକ ମାଳାରେ ସଜାଯାଏ ମାଟିର ମୃଣ୍ମୟ ମୂର୍ତ୍ତି ପୂଜା ହୁଏ । ମୀନାବଜାର ବସେ । ଯାତ୍ରା ହୁଏ । ବଡ ଧୁମ ଧାମରେ ପାଳିତ ହୁଏ ଚାରିଆଡେ ଦୋକାନ ବଜାର ବସେ । ବିଭିନ୍ନ ପ୍ରକାରର ଚଟପଟିଆ ଖାଦ୍ୟ ପଦାର୍ଥ ମିଳେ । ଏହି ପୂଜା କେଉଁଠି ତିନିଦିନ, ପାଂଚଦିନ, ସାତ ଦିନ ହୋଇ ପାଣିରେ ବିସର୍ଜନ କରାଯାଏ ତ ପୀଠ ମାନଙ୍କରେ ଦଶ ଦିନ ପାଳିତ ହୋଇ ଅନନ୍ତ ଚତୁର୍ଦ୍ଦଶୀରେ ବିସର୍ଜନ କରାଯାଏ । ମରାଠା ଛତ୍ରପତି ଶିବାଜୀଙ୍କ ସମୟରୁ ମହାରାଷ୍ଟ୍ରରେ ଗଣେଶ ପୂଜା ହୋଇ ଆସୁଅଛି । ଏହି ପୂଜା ବାଲ ଗଙ୍ଗାଧର ତିଲକ ଆରମ୍ଭ କରି ସବୁ ଜନସାଧାରଣଙ୍କ ମନରେ ଦେଶ ପ୍ରତି ଐକ୍ୟ, ସଂହତି ପ୍ରତିଷ୍ଠା କରିପାରିଥିଲେ । ମୂର୍ତ୍ତି ବିସର୍ଜନ ସମୟରେ ନଦୀ ପାଣି ଦୂଷିତ ହୋଇଥାଏ ମୂର୍ତ୍ତି ଗୁଡିକରେ ଲାଗିଥିବା ବିଭିନ୍ନ କିସମର ରଙ୍ଗ ଓ ପାଣିରେ ବିସର୍ଜିତ ହୋଇଥିବା ମୂର୍ତ୍ତି ଏବଂ ନଡା ଯୋଗୁଁ ପରିବେଶ ଦୂଷିତ ହୋଇଥାଏ । ଏହି ପାଣି ପିଇବା ଦ୍ୱାରା ଶରୀର ରୋଗଗ୍ରସ୍ତ ହୋଇଥାଏ । ତେଣୁ ଆସନ୍ତୁ ଏଥିପ୍ରତି ଦୃଷ୍ଟି ଦେବା । ପ୍ରାକୃତିକ ରଙ୍ଗରେ ମୂର୍ତ୍ତି ଗଢ଼ିବା ଏବଂ ବଜାରରେ ମିଳୁଥିବା ଚଟପଟିଆ ଖାଦ୍ୟ ପ୍ରତି ଦୃଷ୍ଟି ଦେଇ, ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୋଇ ପୂଜାର ଭରପୁର ମଜା ମିଳି ମିଶି ନେବା ।

୨୦୧୯ ଶେଷଭାଗରେ କୋଭିଡ଼-୧୯ ବା କରୋନା ଭୂତାଣୁ ବିଶ୍ୱର ପ୍ରାୟ ସମସ୍ତ ଦେଶକୁ ଗ୍ରାସ କରି ଏକ ମହାମାରୀରେ ପରିଣତ ହୋଇ ସମସ୍ତ ସୁଖ, ଶାନ୍ତି, ରୋଜଗାର, ବନ୍ଧୁତା ଛଡ଼େଇ ନେଇଛି । ଆମ ଜୀବନ କାଳରେ କୋଭିଡ଼ -୧୯ ସବୁଠାରୁ ବଡ଼ ସଂକ୍ରମିତ ମହାମାରୀ । ହାତଧୋଇବା, ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ଆମ ଜୀବନର ଅବିଚ୍ଛନ୍ନ ଅଙ୍ଗ ହୋଇଯାଇଛି । ଦୁଇବର୍ଷ ପରେ ମହାମାରୀରୁ ଟିକିଏ ଆଶ୍ୱସ୍ତ ହେବାପରେ ଏବର୍ଷ ଏହି ସାର୍ବଜନୀନ ପୂଜାକୁ ଆଡମ୍ବର ସହକାରେ ମଣ୍ଡପ ମାନଙ୍କରେ ପାଳନ କରିବାର ସମୟ ଆସିଛି । ପରିବେଶ ଯେପରି ଦୂଷିତ ନ ହୁଏ ସେଥିପ୍ରତି ଦୃଷ୍ଟି ରଖି ପର୍ବପର୍ବାଣିକୁ ପାଳନ କରି ପାର୍ବଣ ଋତୁକୁ ଆମେ ଉତ୍ସବ ମୁଖର କରି ପାରିବା ।

♥ଗଙ୍ଗନଗର, ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

# ଦୁଇ ହାତୀଙ୍କ ମୃତ୍ୟୁ ଘଟଣା : ରେଞ୍ଜ୍ ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ନିଲମ୍ବିତ

କେନ୍ଦୁଝର, ୩୦/୦୮ (ନି.ପ୍ର): ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦୁଇ ମାଇ ହାତୀଙ୍କ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସଦର ରେଞ୍ଜ୍ ଫରେଷ୍ଟର ପ୍ରଦୀପ ବାରିକ ଓ ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । କାର୍ଯ୍ୟରେ ଅବହେଳା ଅଭିଯୋଗରେ ଦୁହିଁଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି ଆରସିସିଏଫ । ଏଥି ସହିତ ବିଦ୍ୟୁତ ବିଭାଗକୁ କାରଣ ଦର୍ଶାଅ ନୋଟିସ୍ ଜାରୀ କରିଛି ବନ ବିଭାଗ ।

ପ୍ରକାଶ ଥାଉକି, ଗତ ୨୫ ତାରିଖରେ ବିଦ୍ୟୁତ ତାର ଲାଗି ସମ୍ପୃକ୍ତ ଦୁଇ ମାଇ ହାତୀଙ୍କ ମୃତ୍ୟୁ ଘଟିଥିଲା । କେନ୍ଦୁଝର ସଦର ରେଞ୍ଜ୍ ଅନ୍ତର୍ଗତ ଯୋଡ଼ିଆ କୃଷି ବିଜ୍ଞାନ କେନ୍ଦ୍ର ଫାର୍ମ ଭିତରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦୁଇ ହାତୀଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତଦନ୍ତ କରିଥିଲେ ।


## ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର

ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ ୨୦୨୨ ପାଳନ ଅବସରରେ ଜଳେଶ୍ୱର ପୌର ପରିଷଦ ଜଳେଶ୍ୱରବାସୀଙ୍କୁ ସ୍ୱାଗତ ଜଣାଉଅଛି ।

ସ୍ୱଚ୍ଛ ସହର ସୁସ୍ଥ ସହର

୧. ପଲିଥିନ, ପ୍ଲାଷ୍ଟିକ କପ, ପ୍ଲାଷ୍ଟିକ୍ ବୋତଲ, ଥର୍ମୋକୋଲ ଆଦି ବ୍ୟବହାର ବନ୍ଦ କରନ୍ତୁ ।
୨. ନିଜ ଘରେ ଓଦା ବର୍ଜ୍ୟବସ୍ତୁ ଏବଂ ଶୁଖିଲା ବର୍ଜ୍ୟବସ୍ତୁକୁ ଅଲଗା ଅଲଗା ରଖି ପୌର ସଂସ୍ଥା ଦ୍ୱାରା ନିୟୋଜିତ କର୍ମଚାରୀଙ୍କୁ ନିୟମିତ ଦିଅନ୍ତୁ ।
୩. ଆବର୍ଜନାକୁ ଏଣେତେଣେ ନପକାଇ ଡଷ୍ଟବିନରେ ପକାନ୍ତୁ ।
୪. ବାହାରକୁ ମଳତ୍ୟାଗ କରିବା ନିମନ୍ତେ ଯାଆନ୍ତୁ ନାହିଁ ଏବଂ ଅନ୍ୟମାନଙ୍କୁ ମଳତ୍ୟାଗ କରିବା ପାଇଁ ବାହାରକୁ ଯିବାରୁ ନିବୃତ ରଖନ୍ତୁ ।
୫. ନାଳରେ ଅଳିଆ ଆବର୍ଜନା ପକାଇ ପାଣି ନିଷ୍କାସନର ଗତିପଥକୁ ଅବରୋଧ କରନ୍ତୁ ନାହିଁ ।
୬. ରାସ୍ତାରେ ବାଲି, ଇଟା, ଚିପ୍ସ ଇତ୍ୟାଦି ପକାଇ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
୭. ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ ।
୮. ଘର ନିର୍ମାଣ ପୂର୍ବରୁ ପରିଷଦରୁ ଘରର ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
୯. ପରିବେଶକୁ ସବୁଜ ସୁନ୍ଦର ପାଇଁ ବୃକ୍ଷ ରୋପଣ କରନ୍ତୁ ।

କାର୍ଯ୍ୟନିର୍ବାହୀ ଅଧିକାରୀ, ଜଳେଶ୍ୱର ପୌର ପରିଷଦ
ନଗରପାଳ, ଜଳେଶ୍ୱର ପୌର ପରିଷଦ
ଉପନଗରପାଳ, ଜଳେଶ୍ୱର ପୌର ପରିଷଦ
ସମସ୍ତ ପରିଷଦବୃନ୍ଦ, ଜଳେଶ୍ୱର ପୌର ପରିଷଦ



## Berhampur Municipal Corporation

ବ୍ରହ୍ମପୁର ମହାନଗର ନିଗମ

### ସର୍ବସାଧାରଣଙ୍କ ସକାଶେ ଜରୁରୀ ପରାମର୍ଶ

**Do**

(୧) ଆପଣଙ୍କ ଘର/ ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁକୁ ସାଗୁଆ ରଙ୍ଗର ଡଷ୍ଟବିନରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁକୁ ନୀଳ ରଙ୍ଗର ଡଷ୍ଟବିନରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ପ୍ରଦତ୍ତ ଆବର୍ଜନା ସଂଗ୍ରହ କରି ଯାନରେ ପକାନ୍ତୁ ।
(୨) ପ୍ରାଧିକୃତ ବ୍ୟକ୍ତିଙ୍କୁ କିମ୍ବା ଆମ ସହର ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ପ୍ରଦାନ କରନ୍ତୁ ।
(୩) ପ୍ଲାଷ୍ଟିକ୍ ବହନ ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ ଇତ୍ୟାଦି ବ୍ୟବହାରକୁ କମ୍ କରନ୍ତୁ ।
(୪) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ ।
(୫) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ତିନି ବର୍ଷରେ ଥରେ ସଫା କରନ୍ତୁ ।
(୬) ଅତି କମ୍‌ରେ ନିଜର ୫ମିଟର ପରିସର ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ ।

**Don't Do**

(୧) ଗୋଟିଏ ଡଷ୍ଟବିନ୍‌ରେ ଅଳିଆ ମିଶ୍ରଣ କରନ୍ତୁ ନାହିଁ ।
(୨) ପରିମଳ ବର୍ଜ୍ୟବସ୍ତୁ ଏବଂ ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁକୁ ଅନ୍ୟ ବର୍ଜ୍ୟବସ୍ତୁ ସହିତ ମିଶ୍ରଣ କରନ୍ତୁ ନାହିଁ ।
(୩) ବାଲକୋନି/ ଝରକାରୁ ଅଳିଆ ପକାନ୍ତୁ ନାହିଁ ।
(୪) ଶୌଚାଳୟକୁ ନାଳ ସହ ସଂଯୋଗ କରନ୍ତୁ ନାହିଁ ।
(୫) ନିଜର ୫ ମିଟର ପରିସରକୁ ଅପରିଷ୍କାର କରନ୍ତୁ ନାହିଁ ।

ବ୍ରହ୍ମପୁର ମହାନଗର ନିଗମ ତରଫରୁ ଅଖିଳ ଭାରତ ସ୍ୱୟତ୍ତ ଶାସସନ ଦିବସ ଉପଲକ୍ଷେ ବ୍ରହ୍ମପୁର ସହରବାସୀଙ୍କୁ ଶୁଭେଚ୍ଛା

ଶ୍ରୀ ଜେ. ସୋନାଲ, ଭା.ପ୍ର.ସେ, କମିଶନର, ବ୍ରହ୍ମପୁର ମହାନଗର ନିଗମ
ଶ୍ରୀମତୀ ସଂଘମିତ୍ରା ଦଳେଇ, ମେୟର, ବ୍ରହ୍ମପୁର ମହାନଗର ନିଗମ
ଶ୍ରୀ ଇ. ବିବେକ୍ ରେଡ୍ଡୀ, ଡେପୁଟି ମେୟର
ଓ
ସମସ୍ତ କର୍ପୋରେଟର ବୃନ୍ଦ
ବ୍ରହ୍ମପୁର ମହାନଗର ନିଗମ



## ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ
## ୪୯ତମ ସ୍ୱାୟତ୍ତ ଶାସନ ଦିବସ

ସ୍ୱାୟତ ଶାସନ ଦିବସ ତା: ୩୧.୦୮.୨୦୨୨ରିଖ ପାଳନ ଉପଲକ୍ଷେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଉଦଳା ପରିଷଦ ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପବିତ୍ର ଦିବସ ଅବସରରେ ପରିଷଦବାସୀଙ୍କ ଅକୁଣ୍ଠ ସହଯୋଗ କାମନା କରି ସହରବାସୀଙ୍କୁ ପୌରସେବା ଯୋଗାଇ ଦେବାପାଇଁ ଆମ୍ଭେ ସଂକଳ୍ପ ବଧ ।

୧. ପୌର ସମ୍ପତ୍ତି ଆପଣମାନଙ୍କ ସମ୍ପତ୍ତି, ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ଆପଣମାନଙ୍କର ।
୨. ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ନିଜ ଘରେ ବାହାରୁଥିବା ଅଳିଆ ଓଦା ଓ ଶୁଖିଲା ଭାବେ ଅଲଗା ଅଲଗା କରି ସଫେଇ କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।
୩. କଠିନ ବର୍ଜ୍ୟବସ୍ତୁ ପାଇଁ ବ୍ୟବହାରିକ ଧାର୍ଯ୍ୟ ଟିକସ ସ୍ୱଚ୍ଛ ସାଥୀମାନଙ୍କୁ ଠିକ୍ ସମୟରେ ପ୍ରଦାନ କରନ୍ତୁ ।
୪. ନିୟମିତ ଧାର୍ଯ୍ୟ ଟିକସ ଦେଇ ପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
୫. ପଲିଥିନ ବ୍ୟବହାର ନକରି ପ୍ରଦୂଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ ।
୬. ବିବାହ ପଞ୍ଜୀକରଣ ବାଧ୍ୟତାମୂଳକ ଭାବେ କରାନ୍ତୁ ।
୭. ବାହାରେ ମଳତ୍ୟାଗ ନକରି ନିଜସ୍ୱ ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ ।
୮. ଗୃହ ନିର୍ମାଣ ପୂର୍ବରୁ ପୌରପାଳିକା ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
୯. ଭୋଟର ପରିଚୟ ପତ୍ର ସହ ଆଧାର ପରିଚୟ ପତ୍ରର ସଂଯୋଗ ବାଧ୍ୟତାମୂଳକ ।

ବିଦ୍ୟାଧର ଦଣ୍ଡପାଟ, ନିର୍ବାହୀ ଅଧିକାରୀ
ଲିଲି ଭୋଳ, ଉପ-ନଗରପାଳ
ପ୍ରମିଳା ପଣ୍ଡା, ନଗରପାଳ

ଓ ପରିଷଦର ସମସ୍ତ କାଉନସିଲର ବୃନ୍ଦ ଏବଂ କର୍ମଚାରୀଗଣ


# ରାଜଧାନୀରେ ୪୭ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୩୦/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ମଙ୍ଗଳବାର ମୋଟ ୪୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୬୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୪ ହଜାର ୯୯୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୨ ହଜାର ୭୮୧ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୯୯୦ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୪୪ ପଜିଟିଭ୍ ଚିହ୍ନଟ ହୋଇଥିଲେ ।


ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ
ବାଲେଶ୍ୱର ପୌରପାଳିକା
ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି
ତା.୩୧.୦୮.୨୦୨୨ ରିଖ (ବୁଧବାର)
ବାଲେଶ୍ୱର ସହରର ସର୍ବାଙ୍ଗୀନ ବିକାଶ ଆମର ଲକ୍ଷ୍ୟ

୧. ପୌରସମ୍ପତ୍ତି ଆପଣମାନଙ୍କ ସମ୍ପତ୍ତି ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର ।
୨. ରାସ୍ତା ବା ଡ୍ରେନ୍‌ରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
୩. ସରକାରୀ ଜମି କିମ୍ବା ରାସ୍ତା ଅବରୋଧ କରି ସର୍ବସାଧାରଣ ଯାତାୟତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ ।
୪. ସର୍ବସାଧାରଣ ସ୍ଥାନରେ ବା ରାସ୍ତା ଘାଟରେ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟତରେ ଓ ଚଳପ୍ରଚଳରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ ।
୫. ଗୃହନିର୍ମାଣ ପୂର୍ବରୁ ପୌରପାଳିକାରୁ ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
୬. ଜଳ ନିଷ୍କାସନ ଡ୍ରେନ୍‌ରେ କରନ୍ତୁ ଓ ରାସ୍ତାକୁ ସଫା ରଖନ୍ତୁ ।
୭. ନିୟମିତ ଘର ଟିକସ ଦୋକାନ ଲାଇସେନ୍ସ ଫି ଓ ପୌରପାଳିକା ଦୋକାନ ଗୃହ ଭଡ଼ା ପଇଠ କରି ପୌରପାଳିକା ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
୮. ପଲିଥିନ ଓ ଥରମକୁଲ ବ୍ୟବହାର ନ କରି ପରିବେଶ ମୁକ୍ତ କରନ୍ତୁ ।
୯. ନିଜ ବାସଗୃହ ପରିସରକୁ ସଫା ରଖି ଡେଙ୍ଗୁ ଚିକନଗୁନିଆ ଆଦି ରୋଗ ପ୍ରତି ସତର୍କ ରୁହନ୍ତୁ ।
୧୦. ବ୍ୟବସାୟ ପ୍ରତିଷ୍ଠାନ ଓ ବାସଗୃହମାନଙ୍କରୁ ବାହାରୁଥିବା ନିର୍ଗତ ଓଦା ଅଳିଆ ଓ ସୁଖା ଅଳିଆ ଏଣେ ତେଣେ ନ ପକାଇ ପ୍ରତ୍ୟେକ ୱାର୍ଡ଼କୁ ଯାଉଥିବା ସ୍ୱଚ୍ଛ ସବାରୀ ଗାଡ଼ିରେ ଓଦା ଓଳିଆ ଓ ଶୁଖା ଅଳିଆକୁ ପକାନ୍ତୁ ।
୧୧. ବାଲେଶ୍ୱର ପୌରପାଳିକା ଅଞ୍ଚଳକୁ ଆବର୍ଜନା ମୁକ୍ତ କରନ୍ତୁ ।
୧୨. ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ/ଅନୁଷ୍ଠାନ ପରିସର ୫ ମିଟର ପରିଧୀରେ ନିଜେ ପରିଷ୍କାର କରନ୍ତୁ । ଅନ୍ୟଥା ଆର୍ଥିକ ଦଣ୍ଡ ପ୍ରତି ସତର୍କ ରୁହନ୍ତୁ ।

ଆପଣଙ୍କ ନିରନ୍ତର ସେବାରେ ବାଲେଶ୍ୱର ପୌରପାଳିକା

ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ ଓ ପ୍ର.ସେ (ବରିଷ୍ଠ), ଉପଜିଲ୍ଲପାଳ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା
ସବିତା ସାହୁ, ଅଧ୍ୟକ୍ଷା, ବାଲେଶ୍ୱର ପୌରପାଳିକା
ଶ୍ରୀ କୈଳାଶ ଚନ୍ଦ୍ର ସେଠୀ, (ଉପାଧ୍ୟକ୍ଷ)
ଓ ସମସ୍ତ ପାରିଷଦ ବୃନ୍ଦ
ବାଲେଶ୍ୱର ପୌରପାଳିକା

OIPR : 13154/11/0012/2223



## ବାରିପଦା ପୌରପାଳିକା

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୨ ଅବସରରେ ବାରିପଦା ବାସୀଙ୍କୁ ପୌରପରିଷଦର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ଆମ ବାରିପଦା ସ୍ୱଚ୍ଛ ସୁନ୍ଦର ବାରିପଦା

ଏ ସହରର ସର୍ବାଙ୍ଗୀନ ଉନ୍ନତି ଓ ସୁନ୍ଦର ପରିବେଶ ନିମନ୍ତେ ଆପଣମାନଙ୍କ ସହାଯ୍ୟ ଓ ସହଯୋଗ ଏକାନ୍ତ କାମ୍ୟ



ଅନନ୍ୟା ଦାସ, ଭା.ପ୍ର.ସେ
ଉପ-ଜିଲ୍ଲାପାଳ, ବାରିପଦା ତଥା ନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା



କୃଷ୍ଣାନନ୍ଦ ମହାନ୍ତି
ନଗରପାଳ
ବାରିପଦା ପୌରପାଳିକା



ସୀମା ଦାସ,
ଉପ-ନଗରପାଳ,
ବାରିପଦା ପୌରପାଳିକା
ଓ ସମସ୍ତ କାଉନ୍‌ସିଲର ବୃନ୍ଦ



## ରାଉରକେଲା ମହାନଗର ନିଗମ
ରାଉରକେଲା

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା
ସ୍ୱଚ୍ଛ, ସୁସ୍ଥ ଓ ପ୍ଲାଷ୍ଟିକମୁକ୍ତ ରାଉରକେଲା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ

◆ ରାଉରକେଲା ସ୍ୱଚ୍ଛ ସର୍ବେକ୍ଷଣରେ ଦେଶର ୫୭ନଂ ସ୍ଥାନରେ ରହିବା ସହ ODF++ ମାନ୍ୟତା ଓ Garbage Free City ର୍‍ୟାଙ୍କିଙ୍ଗ୍‌ରେ ୱାନ୍ ଷ୍ଟାର୍ ପାଇଛି ।
◆ ଗୃହ ତଥା ବ୍ୟବସାୟିକ ପ୍ରତିଷ୍ଠାନର ଆବର୍ଜନାକୁ ପୃଥକ କରି ଓଦା ଆବର୍ଜନାକୁ ସବୁଜ ରଙ୍ଗର ଡଷ୍ଟବିନ ଓ ଶୁଖିଲା ଆବର୍ଜନାକୁ ନୀଳ ରଙ୍ଗର ଡଷ୍ଟବିନରେ ପକାନ୍ତୁ ଏବଂ ନିଗମ ଦ୍ୱାରା ନିୟୋଜିତ ସଫେଇ କର୍ମଚାରୀଙ୍କୁ ହିଁ ପ୍ରଦାନ କରନ୍ତୁ ।
◆ ଯେକୌଣସି ପ୍ରକାର, ଆକାର ତଥା ମୋଟେଇ ବିଶିଷ୍ଟ ପ୍ଲାଷ୍ଟିକ/ପଲିଥିନ କ୍ୟାରିବ୍ୟାଗ ଏବଂ ନିଷିଦ୍ଧ ପ୍ଲାଷ୍ଟିକ ତଥା ଥର୍ମୋକୁଲ ନିର୍ମିତ କପ, ଗ୍ଲାସ, ପ୍ଲେଟ ଏବଂ ସାଜସଜ୍ଜା ସାମଗ୍ରୀର ବ୍ୟବହାରକୁ ମହାନଗର ନିଗମ ଅଞ୍ଚଳରେ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ନିୟମ ଉଲଙ୍ଘନକାରୀଙ୍କ ନିମନ୍ତେ ଜୋରିମାନା ବ୍ୟବସ୍ଥା ରହିଛି, ତେଣୁ ଏହାର ବ୍ୟବହାରରୁ ଦୂରେଇ ରୁହନ୍ତୁ । ପଲିଥିନ ବର୍ଜନ କରି ପରିବେଶକୁ ନିରାପଦ ରଖନ୍ତୁ ।
◆ ମହାନଗର ନିଗମ ସମ୍ପର୍କିତ ଯେକୌଣସି ଅଭିଯୋଗ ତଥା ସ୍ୱଚ୍ଛତା, କୋଭିଡ, ଟାକ୍ସ, ବିବାହ ପଞ୍ଜିକରଣ, ଷ୍ଟ୍ରିଟ ଲାଇଟ, ଗୃହ ନକ୍ସା ଅନୁମୋଦନ (Building Plan Approval), ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାର୍କ, ରାସ୍ତା, ଡ୍ରେନ, ପେନସନ, ପାଇଖାନା ଟାଙ୍କି ସଫେଇ ଇତ୍ୟାଦି ସମ୍ପର୍କରେ ନିଗମର ଟୋଲ ଫ୍ରି ନମ୍ବର 1800-345-7468 ରେ ଜଣାନ୍ତୁ । ସେହିପରି ସ୍ୱଚ୍ଛତା ସମ୍ପର୍କିତ ଯେକୌଣସି ଅଭିଯୋଗକୁ ସ୍ୱଚ୍ଛତା (Swachhata MOHUA)ଆପ୍ ଜରିଆରେ ଜଣାନ୍ତୁ । ଏହାଦ୍ୱାରା ଆପଣଙ୍କ ସମସ୍ୟାର ସମାଧାନ ଶୀଘ୍ର ସମ୍ଭବ ହୋଇପାରିବ ।
◆ ହୋଲଡିଂ ଟିକସକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ପୈଠ କରନ୍ତୁ ।
◆ ରାଉରକେଲା ମହାନଗର ଅଞ୍ଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସହଭାଗୀ ହୁଅନ୍ତୁ ଏବଂ ସରକାରୀ ସମ୍ପତ୍ତିର ସଠିକ ରକ୍ଷଣାବେକ୍ଷଣ କରନ୍ତୁ ।

ଶୁଭଙ୍କର ମହାପାତ୍ର
ଆୟୁକ୍ତ
ରାଉରକେଲା ମହାନଗର ନିଗମ

ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ । ନିଜକୁ ଓ ଅନ୍ୟମାନଙ୍କୁ କରୋନା ସଂକ୍ରମଣରୁ ସୁରକ୍ଷିତ ରଖନ୍ତୁ ।


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପ୍ରଧାନମନ୍ତ୍ରୀଙ୍କ ତଦନ୍ତରେ.....

ସିବିଆଇର ଏକାଧିକ ଟିମ ସିସୋଦିଆଙ୍କ ଘର ସମେତ ନୂଆ ଅବକାରୀ ନୀତି ଦୁର୍ନୀତି ଘଟଣାର ୧୪ ଅଭିଯୁକ୍ତଙ୍କ ୩୧ଟି ସ୍ଥାନରେ ପ୍ରାୟ ୧୫ ଘଣ୍ଟା କାଳ ରେଡ କରିଥିଲେ। ହେଲେ ରେଡରୁ କ'ଣ ମିଳିଲା, ସେକଥା ଜଣାପଡ଼ିନି। ଏବେ ପୁଣି ସିସୋଦିଆଙ୍କ ଲକର ଯାଞ୍ଚ କରିଛି ସିବିଆଇ। ଏହାକୁ ଆଧାର କରି ଗତକାଲି ସିସୋଦିଆ କହିଥିଲେ ଯେ ଲକରରୁ ସେମାନଙ୍କୁ କିଛି ମିଳିବ ନାହିଁ। ଆସନ୍ତାକାଲି(ମଙ୍ଗଳବାର) ସିବିଆଇ ଆମ ବ୍ୟାଙ୍କ ଲକର ଯାଞ୍ଚ କରିପାରେ। ଅଗଷ୍ଟ ୧୯ରେ ମୋ ଘରେ ୧୪ ଘଣ୍ଟା ରେଡ ହୋଇଥିବା ବେଳେ କିଛି ବି ମିଳି ନଥିଲା। ଏବେ ଲକରରୁ ମଧ୍ୟ କିଛି ମିଳିବ ନାହିଁ। ସିବିଆଇକୁ ସ୍ୱାଗତ। ମୋ ପରିବାର ଓ ମୁଁ ସିବିଆଇକୁ ତଦନ୍ତରେ ସବୁ ପ୍ରକାରର ସହଯୋଗ କରିବୁ ବୋଲି ସେ କହିଥିଲେ।

# ଜି.ଏସ୍.ଟି କମିଶନର ଭାବେ ଦାୟିତ୍ୱ ନେଲେ ସଂଜୟ ସିଂହ

ଭୁବନେଶ୍ୱର,୩୦/୦୮ (ନି.ପ୍ର): ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ବାଣିଜ୍ୟ କର ତଥା ଜି.ଏସ୍.ଟି କମିଶନର ଭାବେ ମଙ୍ଗଳବାର ଅପରାହ୍ନରେ କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି । ବାଣିଜ୍ୟ କର ଭବନ କାର୍ଯ୍ୟାଳୟରେ ଶ୍ରୀ ସିଂହ ପହଂଚିବା ପରେ ସେଠାରେ ସ୍ୱତନ୍ତ୍ର ଆୟୁକ୍ତ ମାନଭଞ୍ଜନ ଆଚାର୍ଯ୍ୟ ଏବଂ କୁଞ୍ଜ ବିହାରୀ ପଣ୍ଡା, ଅତିରିକ୍ତ ଆୟୁକ୍ତ ଶ୍ରୀମତୀ ବନିତା ଦାସ, ସଦାଶିବ ପଣ୍ଡା, ଦୀପଙ୍କର ସାହୁ ଏବଂ ନିହାର ରଞ୍ଜନ ନାୟକଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କୁ ସ୍ୱାଗତ ଜଣାଇଥିଲେ । ଶ୍ରୀ ସିଂହ ବିଭାଗୀୟ କାର୍ଯ୍ୟପଦ୍ଧତି ସମ୍ବନ୍ଧରେ ପଚାରି ବୁଝିଥିଲେ । ପରେ ପରେ ଶ୍ରୀ ସିଂହ ଅଧିକାରୀମାନଙ୍କ ସହ ଏକ ବୈଠକରେ ମିଳିତ ହୋଇଥିଲେ । ବାଣିଜ୍ୟକର ତଥା ଦ୍ରବ୍ୟ ଓ ସେବାକର ବିଭାଗୀୟ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ଏହାର ସୁଫଳ ଯେପରି ଉପଭୋକ୍ତାମାନେ ପାଇପାରବେ ସେ ଦିଗରେ ଯନିବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ଦ୍ରବ୍ୟ ଓ ସେବାକର କ୍ଷେତ୍ରରେ ପ୍ରବର୍ତ୍ତିତ ହେଉଥିବା ସଂସ୍କାର ପ୍ରକ୍ରିୟାକୁ ଦୃଷ୍ଟିରେ ରଖି କାର୍ଯ୍ୟାନ୍ୱୟନ କଲେ ସୁଫଳ ମିଳିପାରିବ ବୋଲି ସେ ପ୍ରକାଶ କରିଥିଲେ । ବିଭାଗକୁ ଅଧିକ କ୍ରିୟାଶୀଳ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ସୂଚନାଯୋଗ୍ୟ ଯେ ଏହି ଅତିରିକ୍ତ ଦାୟିତ୍ୱ ସହ ଶ୍ରୀ ସିଂହ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଏବଂ ସ୍ମାର୍ଟ ସିଟିର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି ।

# ଛାତ୍ର ବିଜେଡି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ

ନୀଳଗିରି, ୩୦/୦୮ (ନି.ପ୍ର): ବିଜୁ ଜନତା ଦଳର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ନୀଳଗିରିର ଛତ୍ରପୁର କସ୍ତୁରବା ଗାନ୍ଧୀ ସ୍କୁଲ ପରିସରରେ ଏକ ମାଗଣା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବାଲେଶ୍ୱର ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ଇଂ. ରବିନ୍ଦ୍ର କୁମାର ଜେନା ଶୁଭଉଦ୍‌ଘାଟନ କରିଛନ୍ତି । ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବିଜେଡି ନେତା ସନ୍ତୋଷ ଖଟୁଆ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ସୁବର୍ଣ୍ଣମଞ୍ଜରୀ ସିଂ, ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୀମନଦାସ ମହାପାତ୍ର, ବ୍ଲକ ସଭାପତି ବିଜୟ ଲେଙ୍କା, ଜନଜାତି ମୋର୍ଚ୍ଚା ସଭାପତି ଶରତ ଦାସ , ସ୍ଥାନୀୟ ସରପଂଚ, ସମିତିସଭ୍ୟ ଏବଂ ବହୁ ବିଜେଡି କର୍ମୀ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ବ୍ଲକ ଛାତ୍ରବିଜେଡି ସଭାପତି ଫ୍ରାନସିସ ବେକନ ସ ଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ମୋଟ ୩୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି ।

# ବାରିପଦାରେ କବ ଗାରମେଂଟ ଶୋରୁମ ଉଦ୍‌ଘାଟିତ



ବାରିପଦା, ୩୦/୦୮ (ନି.ପ୍ର): ଆଜି ବାରିପଦା କଲେଜ ରୋଡ ମସଜିଦ ନିକଟରେ କବ ଗାରମେଂଟ ସୋରୁମକୁ ମୁଖ୍ୟ ଅତିଥି ଭାବରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗ ଦେଇ ଫିତାକାଟି ଉଦଘାଟନ କରିଥିବାର ଜଣା ଯାଇଛି । ଏହି ଅବସର ରେ କବ ଗାରମେଂଟର ଡିଜିଏମ ମହସିନ ସେକ ଯୋଗ ଦେଇ ଏହା ଓଡିଶାର ୧୦ ନମ୍ବର ସୋରୁମ ହୋଇଥିବା ବେଳେ, ଆସନ୍ତା ମାର୍ଚ୍ଚ ସୁଦ୍ଧା ୪୦ ଟି ସୋରୁମ ଓଡିଶାର ବିଭିନ୍ନ ସହରରେ ଖୋଲିବାର ଯୋଜନା ରହିଥିବାର କହିଛନ୍ତି । ସୋରୁମ ଉଦଘାଟନ ଏବଂ ଗଣେଷପୂଜା ଉପଲକ୍ଷେ ଆକର୍ଷଣୀୟ ଅଫର ଥିବାରୁ ପ୍ରଥମ ଦିନରୁ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳିଛି । ଏହି ଉଦଘାଟନ ଉତ୍ସବ ଅବସର ରେ ସୋରୁମ ର ପ୍ରପାଇଟର ଶ୍ରଦ୍ଧାନନ୍ଦ ତ୍ରିପାଠୀ ଏବଂ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଜିଲ୍ଲା ପାଚିକା ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ୩୦/୦୮ (ନି.ପ୍ର): କେନ୍ଦ୍ରାପଡ଼ା ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ପକ୍ଷରୁ ଏକ ୧୩ ଦଫା ଦାବିପତ୍ର ସ୍କୁଲ ଓ ଗଣଶିକ୍ଷା ବିଭାଗମନ୍ତ୍ରୀଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଛି। ମଙ୍ଗଳବାର ଜିଲ୍ଲାର ପାଚିକାମାନେ ସେମାନଙ୍କର ବାକି ଅର୍ଥ ପ୍ରଦାନ, ଦରମା ବୃଦ୍ଧି, ବର୍ଷକୁ ୧୨ ମାସର ପାରିଶ୍ରମିକ ମିଳିବା, କାମ କରିପାରୁ ଥିବା ସିଏସସିମାନଙ୍କୁ ବାହାର କରାନଯିବା, ସର୍ବନିମ୍ନ ପେନଶନ ପ୍ରଦାନ କରାଯିବା, ନୂଆ ନିଯୁକ୍ତି ପାଚିକାମାନଙ୍କୁ ୧୫ ଦିନ ମଧ୍ୟରେ ନାମ ପଞ୍ଜିକରଣ କରାଯିବା ଆଦି ୧୩ ଦଫା ଦାବିଗୁଡ଼ିକ ରହିଛି। ଏଆଇଟିୟୁସିର ନେତା ରମଣୀ ରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ସୁହାନା ବେଗମ, ଲକ୍ଷ୍ମୀପ୍ରିୟା ମଣ୍ଡଳ, ସୁମିତ୍ରା ଦାସ, ନୟନା କର, ଗୌତମ ସ୍ୱାଇଁ, ଗଜେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାରେ 'ଅହିଂସା ରଥ

ଭୁବନେଶ୍ୱର,୩୦/୦୮ (ନି.ପ୍ର): ଆଜାଦି କା ଅମୃତ ମହୋତ୍ସବ ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କ ବୀର ଗାଥାକୁ ମନେ ପକାଇବା ପାଇଁ ସାରା ରାଜ୍ୟରେ ଅହିଂସା ରଥ ପରିକ୍ରମା କରୁଛି । ଆଜି ଏହି କ୍ରମରେ ବଲାଙ୍ଗୀରର ସଲେପାଲି ଚୌକ ଜରସିଂଘା ମଲିପଡ଼ା ଉଚ୍ଚ ବିଦ୍ୟାଳୟଠାରେ ବିଡ଼ିଓ ରାମଦତ୍ତ ଭୋଇ, ଅକ୍ଷ ଦୟାନିଧି ଖମାରି, ତହସିଲଦାର ଜୁଗଳ କିଶୋର ବିଶ୍ୱାଳ, ସରପଂଚ ଏବଂ ପଂଚାୟତ ସମିତି ସଭ୍ୟମାନେ ଅହିଂସା ରଥକୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ସ୍କୁଲ ଛାତ୍ରୀମାନଙ୍କ ହାତରେ ଜାତୀୟ ପତାକା ଶୋଭା ପାଇବା ସହ ଦେଶାତ୍ମବୋଧକ ସଂଗୀତ ଗାନ ମାଧ୍ୟମରେ ସମଗ୍ର ପରିବେଶ ଉତ୍ସବ ମୁଖରିତ ହୋଇଥିଲା । ପରେ ଅଗଲପୁର ବ୍ଲକ୍ ର ଭରସୁଜାଠାରେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ଦେବକୀ ସାହୁ, ପଂଚାୟତ ସମିତି ସଭ୍ୟବୃନ୍ଦ ଏବଂ ଅଗଲପୁର ବିଡ଼ିଓଙ୍କ ଉପସ୍ଥିତିରେ ଅହିଂସା ରଥକୁ ସ୍ୱାଗତ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଦେଓଗାଁ ବ୍ଲକ୍ ସଦର ମହକୁମା ଏବଂ ଦେଓଗାଁ ୫-'ଟି' ଉଚ୍ଚ ବିଦ୍ୟାଳୟଠାରେ ରଥ ପହଂଚିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଜାତୀୟ ପତାକା ଶୋଭା ପାଇବା ସହ ଭାରତମାତା କି ଜୟ ଏବଂ ବନ୍ଦେ ମାତରମ୍ ଜୟଧ୍ୱନି ମାଧ୍ୟମରେ ବାତାବରଣ ମୁଖରିତ ହୋଇଥିଲା । ବଲାଙ୍ଗୀରର ଚନ୍ଦନଭଟି ବ୍ଲକଠାରେ ପଞ୍ଚାୟତ ସମିତି ଅକ୍ଷ ଶ୍ରୀମତୀ ସରିତା ବାଗ୍, ପଞ୍ଚାୟତ ସମିତି ସଭ୍ୟବୃନ୍ଦ, ବିଡ଼ିଓ ଏବଂ ଜନସାଧାରଣ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ସଇଁତଳା ବ୍ଲକଠାରେ ରଥ ପରିକ୍ରମା କରିଥିଲା । ବଲାଙ୍ଗୀର ବ୍ଲକ୍ ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପଥରଚେପା ଏବଂ ବଲାଙ୍ଗୀର ଚୁଡ଼ାପଲି ଉଚ୍ଚବିଦ୍ୟାଳୟଠାରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆଜି ବରଗଡ଼ ଜିଲ୍ଲାର ବରପାଲିଠାରେ ଅତିଥି ଭାବେମନ୍ତ୍ରୀ ଶ୍ରୀମତୀ ରୀତା ସାହୁ, ବରପାଲି ବିଡ଼ିଓ, ଏନ୍ଏସି ଅକ୍ଷ ଉପସ୍ଥିତ ରହି ଅହିଂସା ରଥକୁ ସ୍ୱାଗତ କରିଥିଲେ ।

# ସାନ୍ତାଳି ଅଧ୍ୟାପକ ନିଯୁକ୍ତି ନିମନ୍ତେ ଦାବିପତ୍ର ପ୍ରଦାନ



ବାରିପଦା, ୩୦/୦୮ (ନି.ପ୍ର): ଆଜି ଆଶାୟୀ ସାନ୍ତାଳୀ ଅଧ୍ୟାପକ ସଂଘ ଏବଂ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ମହାରାଜା ପୂର୍ଣ୍ଣ ଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମହାରାଜା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ବିଭିନ୍ନ ବିଭାଗର ଅତିଥି ଅଧ୍ୟାପକ ସହିତ ସାନ୍ତାଳୀ ଅତିଥି ଅଧ୍ୟାପକ ନିଯୁକ୍ତି ନିମନ୍ତେ ଏକ ବିଜ୍ଞାପନ ଗତ ତା୧୨/୮/୨୦୨୨ ରିଖରେ ପ୍ରକାଶ ପାଇଥିଲା କ୍ଷ ଯେଉଁମାନେ ଅତିଥି ଅଧ୍ୟାପକ ହେବାକୁ ଚାହୁଁଛନ୍ତି ସେମାନଙ୍କୁ ତା ୨୩/୮/୨୦୨୨ ରିଖରେ ମହାରାଜା ପୂର୍ଣ୍ଣ ଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସାକ୍ଷାତ କାରରେ ଭାଗ ନେବା ନିମନ୍ତେ ବିଜ୍ଞାପନ ମାଧ୍ୟମରେ କୁହାଯାଇଥିଲା । ଏହି ବିଜ୍ଞାପନ ଦେଖି ସାନ୍ତାଳୀ ଅତିଥି ଅଧ୍ୟାପକ ହେବା ପାଇଁ ଅନେକ ଆଶାୟୀ ଥିଲେ କ୍ଷ କିନ୍ତୁ ଦୁଃଖର କଥା ହଠାତ ତା୨୦/୮/୨୦୨୨ ରିଖରେ ଆଉ ଏକ ବିଜ୍ଞାପନ ପ୍ରକାଶ ପାଇଲା ଯାହାକି ଉକ୍ତ ବିଜ୍ଞାପନ ରେ ସାନ୍ତାଳୀ ଅତିଥି ଅଧ୍ୟାପକ ନିଯୁକ୍ତିକୁ ବାଦ ଦିଆଯାଇଛି ଯାହାକି ଅନେକ ଆଶାୟୀ ସାନ୍ତାଳୀ ଅତିଥି ଅଧ୍ୟାପକଙ୍କୁ ନିରାଶ କରିଛି । ଏଣୁ ପୂର୍ବ ବିଜ୍ଞାପନ ଅନୁଯାଇ ସାନ୍ତାଳୀ ଅତିଥି ଅଧ୍ୟାପକ ନିଯୁକ୍ତି ନିମନ୍ତେ ତୁରନ୍ତ ପୁନଃ ବିଜ୍ଞାପନ ପ୍ରକାଶ କରାଯାଇ ଅତିଥି ଅଧ୍ୟାପକ ନିଯୁକ୍ତି କରାଯିବା ନିମନ୍ତେ ଦାବୀ କରାଯାଇଛି । ୫ ଦିନ ଭିତରେ ଦାବୀ ପୂରଣ ନହେଲେ ଆଶାୟୀ ସାନ୍ତାଳୀ ଅଧ୍ୟାପକ ଏବଂ ପି.ଜି ପାସ କରିଥିବା ଛାତ୍ର ମାନଙ୍କୁ ସାନ୍ତାଳୀ ଅତିଥି ଅଧ୍ୟାପକ ନିଯୁକ୍ତି ପ୍ରଦାନ ଦାବିରେ ମୟୂରଭଂଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ଏବଂ ଆଶାୟୀ ସାନ୍ତାଳୀ ଅଧ୍ୟାପକ ସଂଘ ପକ୍ଷରୁ ମହାରାଜା ପୂର୍ଣ୍ଣ ଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅନିର୍ଦ୍ଦିଷ୍ଟକାଳ ପାଇଁ ତାଲା ବନ୍ଦ ଆନ୍ଦୋଳନ କରାଯିବା ସହିତ ଜିଲ୍ଲା ବ୍ୟାପି ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି । ଆଜିର ପ୍ରତିନିଧି ମଣ୍ଡଳୀରେ ଶିରାମ ଟୁଡୁ, ଡୁମୁନୀ ବାସ୍କେ, ପିଲଚୁଆନୁ ଠାକୁର ମୁର୍ମୁ, ରାଜମାଲ ମୁର୍ମୁ, ଯଦୁନାଥ ବେଶ୍ରା, ହୀରାବତୀ କିସ୍କୁ, ସୁନୀତା ହେମ୍ବ୍ରମ, ରାମ ମାରାଣ୍ଡି, ରଘୁନାଥ ଟୁଡୁ, ରାମଚନ୍ଦ୍ର ମାରାଣ୍ଡି, ସେରାଲ ମୁର୍ମୁ ପ୍ରମୁଖ ସାମିଲ ଥିଲେ ।

# ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକଙ୍କ ରାଇବଣିଆ ଦୁର୍ଗର ସମୀକ୍ଷା

## ୧୫ଶହ ବର୍ଷ ତଳର ଦୁର୍ଗ : ନିର୍ମାଣାଧିନ ଜଗନ୍ନାଥ ମନ୍ଦିରର ଉଚ୍ଚତା ହେବ ୬୦ଫୁଟ



ଜଳେଶ୍ୱର, ୩୦/୮(ନି.ପ୍ର) : ୩୦ବର୍ଷ ପୂର୍ବେ ରାଇବଣିଆ ଦୁର୍ଗକୁ ପର୍ଯ୍ୟଟନର ମାନ୍ୟତା ଦିଆଯାଇଥିଲା ବେଳେ ଆଜି ପର୍ଯ୍ୟଟନ ମନ୍ତ୍ରୀ, ସଂସ୍କୃତି ସଚିବ ଓ ପର୍ଯ୍ୟଟନ ନିର୍ଦ୍ଦେଶକ ରାଇବଣିଆ ଦୁର୍ଗ ପରିସରରେ ସମୀକ୍ଷା ଓ ଆଲୋଚନା କରିଛନ୍ତି । ଆଲୋଚନାରେ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ମଧୁସୂଦନ ପାଢ଼ୀ ଯୋଗ ଦେଇ ୧୫ଶହ ବର୍ଷ ପୂର୍ବର ରାଇବଣିଆ ଦୁର୍ଗ ଇତିହାସ ସଂପର୍କରେ ସୂଚନା ଦେଇଥିଲେ । ୧୮୨ ଏକର ପରିମିତ ସ୍ଥାନରେ ଏହା ଗଢି ଉଠିଥିବା ବେଳେ ମନ୍ଦିରର ଉଚ୍ଚତା ପ୍ରାୟ ୬୦ ଫୁଟ ହେବ ଓ ନିର୍ମାଣାଧିନ ମନ୍ଦିର ୨୨ ରହିଥିବାର ସେ କହିଥିଲେ । ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ପୁଣିଥରେ ଲେଖାଯାଇ 'ସାଉଥ୍ ଇଷ୍ଟ ଏସିଆ' ପକ୍ଷରୁ ସବିଶେଷ ସର୍ଭେ ହେବା ସୂଚନା ଦେଇଥିଲେ । ନିର୍ମାଣାଧିନ ମନ୍ଦିର ପରିସରରେ ଖନନ କାର୍ଯ୍ୟ ନ ହୋଇ ସୌନ୍ଦିଜିକରଣ କରାଯିବା ଓ ମନ୍ଦିର ବାହାରେ ଖନନ କାର୍ଯ୍ୟ କରାଯିବାକୁ ସେ କହିଥିଲେ । ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ବିଧାନସଭାରେ ୧୯୯୦ ମସିହାରେ ତାଙ୍କର ଏକ ଉତ୍ତରରେ ରାଇବଣିଆ ପୀଠରେ ଜଗନ୍ନାଥ ମନ୍ଦିର ଥିବା ଜଣାଯିବାପରେ ତ୍ରାୟୋଦଶ ଅର୍ଥ କମିଶନ ମନ୍ଦିର ନିର୍ମାଣ ଲାଗି ୭୪ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ବୋଲି ସେ କହିଛନ୍ତି । ବିଧାୟକ ହାତପାଣ୍ଡି, ଜିଲାପରିଷଦ, ସ୍ୱତନ୍ତ୍ର ବନ୍ୟା କମିଟି ଓ ରୁରବାନ ବିଭାଗ ପକ୍ଷରୁ ମିଳିଥିବା ଅର୍ଥରେ ରାସ୍ତାର କେତେକାଂଶ ନିର୍ମାଣ ହୋଇଥିବା ବେଳେ ଚଳିତବର୍ଷ ସଂପୂର୍ଣ୍ଣ ହେବ ବୋଲି ସୂଚନା ଦେଇଥିଲେ । ରାଇବଣିଆ ଦୁର୍ଗ ପରିସରରେ ଏକ ଘୋଡାରେ ସବାର ହୋଇଥିବା ସୈନିକର ପ୍ରତିମୂର୍ତ୍ତି ନିର୍ମାଣ କରାଯିବାର ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଶଚିନ୍ ଯାଦବ ରାଇବଣିଆ ଦୁର୍ଗ ପୁନଃଉଦ୍ଧାର ହେବା ଉଚିତ ଏବଂ ସରକାରୀ ସ୍ତରରେ ଆବଶ୍ୟକ ପ୍ରସ୍ତୁତି ଆରମ୍ଭ ହୋଇଥିବା ସେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗର ସହକାରୀ ସଚିବ ଅନନ୍ତନାରାୟଣ ସିଂଲାଗୁରି, ରାଜ୍ୟ ପ୍ରତ୍ନତତ୍ୱ ବିଭାଗର ଅଧିକ୍ଷକ ଅଶ୍ୱିନୀ କୁମାର ଶତପଥି, ପର୍ଯ୍ୟଟନ ବିଭାଗର ଉପ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ଜିଲା ସହକାରୀ ପର୍ଯ୍ୟଟନ ଡିରେକ୍ଟର ଗଗନ କୁମାର ସାହୁ ପ୍ରମୁଖ ଆଲୋଚନାରେ ଭାଗନେଇ ରାଇବଣିଆ ଦୁର୍ଗର ବିକାଶ ସଂପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ଦୁର୍ଗ ସୁରକ୍ଷା କମିଟିର ସଂପାଦକ ଡ. ଶ୍ରୀକାନ୍ତ ଚରଣ ପାତ୍ର, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଉପାଧ୍ୟକ୍ଷ ସଂଜିତା ସେନାପତି, ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ରିଜେଶ ରଣା, ସରପଂଚ ସନ୍ଦିପ ଘୋଷ, ଅଜୟ ମହାନ୍ତି, ଯତିନ୍ଦ୍ର ମହାନ୍ତି, ଗଂଗାଧର ଦାସ, ମଧୁସୂଦନ ସେନାପତି, ଦିଲ୍ଲିପ ସାମଲ, ଲେଲିନ୍ ପ୍ରଧାନ, ପ୍ରଫୁଲ୍ଲ ସୁର, ବିଡିଓ ପୁନ୍ ରାଉତ, ତହସିଲଦାର ସ୍ମୃତିରଂଜନ ମଲ୍ଲିକ, ଜିଲାପରିଷଦ ସଦସ୍ୟ ତଳସୀ କିସ୍କୁ, ଲକ୍ଷ୍ମଣ ସରେନ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣରେଖା ନଦୀକୂଳ ଜଳେଶ୍ୱରଠାରେ ହେବ ରିଭର ଭ୍ୟୁ ଗାଡେନ୍ ଓ ଗେଷ୍ଟ ହାଉସ୍



ଜଳେଶ୍ୱର, ୩୦/୮(ନି.ପ୍ର): ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ପୌରପାଳିକାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ନଦୀ ସଂଲଗ୍ନ ବଗିଚା ଓ ଅତିଥିଶାଳା (ରିଭର ଭ୍ୟୁ ଗାଡେନ୍ ଓ ଗେଷ୍ଟ ହାଉସ୍) ନିର୍ମାଣର ସଂପର୍କରେ ବିଭାଗୀୟ ମନ୍ତ୍ରୀ ଓ ନିର୍ଦ୍ଦେଶକ ସ୍ଥାନ ପରିଦର୍ଶନ କରିଛନ୍ତି । ଜଳେଶ୍ୱର ବ୍ଲକରେ ରାଇବଣିଆ ଦୁର୍ଗ ଓ ଲକ୍ଷ୍ମଣନାଥ ମହାଶୟ ଗଡ ଭଳି ଦୁଇଟି ପର୍ଯ୍ୟଟନ କ୍ଷେତ୍ର ରହିଥିବା ବେଳେ ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବାଲାଗି ପୌରପାଳିକା ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ କୂଳରେ ଏପରି ଏକ ପର୍ଯ୍ୟଟନ ବଳୟ କରାଯିବ ବୋଲି ମନ୍ତ୍ରୀ ଅଶ୍ୱିନୀ ପାତ୍ର ସୂଚନା ଦେଇଛନ୍ତି । ଜଳେଶ୍ୱର ସହରକୁ ସୁରକ୍ଷା ଦେବାଲାଗି ନଦୀ କୂଳେ କୂଳେ ଏକ ରିଂ ବନ୍ଧ ନିର୍ମାଣର କାର୍ଯ୍ୟ ହାତକୁ ନିଆଯାଇଛି । ଏଥିଲାଗି ମୋଟ ୧୭ କୋଟି ଟଙ୍କା ଉଚ୍ଚ କ୍ଷମତା ସମ୍ପନ୍ନ ଦଳ (ଟିଏସି) ଅନୁମୋଦନ କରିଥିବା ବେଳେ ଏଥିରୁ ପ୍ରାୟ ୧୦ କୋଟି ଟଙ୍କା ବନ୍ଧ ନିର୍ମାଣ ଲାଗି ମିଳିଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ । ନଦୀ ସଂଲଗ୍ନ ଏହି ଉଦ୍ୟାନ ଓ ଅତିଥିଶାଳା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ସେ ସୂଚନା ଦେବାବେଳେ ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନ ଏଥିଲାଗି ଡିପିଆର୍ ପ୍ରସ୍ତୁତ ହେବାକୁ ଯାଉଥିବା ସୂଚନା ଦେଇଥିଲେ । ପର୍ଯ୍ୟଟନ ନିର୍ଦ୍ଦେଶକ ଶଚିନ୍ ଯାଦବ ଘଟଣାସ୍ଥଳ ବୁଲି ପରିସ୍ଥିତି ଅନୁଧ୍ୟାନ କରିଥିଲେ । ଗତ କିଛିମାସ ପୂର୍ବରୁ ଏହି ରିଂ ବନ୍ଧର ପୀରଘାଟ ଠାରୁ ଶିଖରପୁର ଘାଟ ପର୍ଯ୍ୟନ୍ତ ନଦୀବନ୍ଧ ଓ ରାସ୍ତା ମରାମତିରେ ଦେଢକୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଏହା ନିର୍ମାଣ ହେଲେ ଜଳେଶ୍ୱର ସହର ଦେଇ ଯାଇଥିବା ରାସ୍ତା ଭିଡ ହେବ ନାହିଁ । ଏହା ଜଳେଶ୍ୱର ସହରକୁ ବନ୍ୟା ଦାଉରୁ ସୁରକ୍ଷା ଦେବା ସହିତ ସୌନ୍ଦର୍ଯ୍ୟୀକରଣରେ ସହାୟତ ହେବ ବୋଲି ମତପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମରେ ପୌରପାଳ ପ୍ରତୀପ କୁମାର ପ୍ରଧାନ, ପୌର ଅଧିକାରୀ ଅଜୟ କୁମାର ମହାପାତ୍ର, ତହସିଲଦାର ସ୍ମୃତିରଂଜନ ମଲ୍ଲିକ, ସହକାରୀ ଯନ୍ତ୍ରୀ ପ୍ରିୟବ୍ରତ ସିଂ, ଇଂ ଧିରେନ୍ଦ୍ର ଦାସ, ସୁରଜିତ ଘୋଷ, ଆନନ୍ଦ କର, ଆବସ ଅଲ୍ଲି, ସୁରଜ ଚୌରାସିଆ, ବିଜୟ କାମିଲା, ସଂଜୀବ ପାଳ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଉପରାଷ୍ଟ୍ରପତିଙ୍କୁ ଭେଟିଲେ ସସ୍ମିତ ପାତ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୩୦/୦୮ (ନି.ପ୍ର): ବିଜେଡି ସାଂସଦ ସସ୍ମିତ ପାତ୍ର ମଙ୍ଗଳବାର ଦିନ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ୍ ଙ୍କୁ ଭେଟିଛନ୍ତି । ରାଜ୍ୟସଭାରେ ବିଜେଡିର ଆଭିମୁଖ୍ୟ ନେଇ ସେ ଉପରାଷ୍ଟ୍ରପତିଙ୍କୁ ଅବଗତ କରିଛନ୍ତି । ଦଳ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜେଡି ସବୁ ସମୟରେ ସଂସଦରେ ଏକ ଶୃଙ୍ଖଳିତ ଦଳ ଭାବେ କାର୍ଯ୍ୟ କରୁଛି । ଉପରାଷ୍ଟ୍ରପତି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିବା ସହ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ଆଚରଣକୁ ନେଇ ଖୁସି ବ୍ୟକ୍ତ କରିଥିଲେ । ଏହି ଅବସରରେ ସସ୍ମିତ ପାତ୍ର ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉପରାଷ୍ଟ୍ରପତିଙ୍କୁ ଆଶ୍ୱାସନା ଦେଇଥିଲେ ଯେ ରାଜ୍ୟସଭାରେ ବିଜେଡି ଶୃଙ୍ଖଳିତ ଗୃହ ପରିଚାଳନାରେ ସହଯୋଗ କରିବ । ସଂସଦରେ ଓଡିଶା ସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗରେ ଦଳ ଆଲୋଚନା ଓ ବିତର୍କକୁ ଗୁରୁତ୍ୱ ଦେବ ବୋଲି ସେ କହିଛନ୍ତି । ସସ୍ମିତ ସାଢେ ଚାରି କୋଟି ଓଡିଶାଙ୍କ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୀବନ ଏବଂ କାର୍ଯ୍ୟ ଉପରେ ଆଧାରିତ ପୁସ୍ତକ 'ଦି ଟଲ୍ ମ୍ୟାନ୍' ଉପରାଷ୍ଟ୍ରପତିଙ୍କୁ ଉପହାର ଦେଇଥିଲେ ।

# ଅନ୍ତେବାସୀ ଛାତ୍ରମାନଙ୍କୁ ଦିଆଯାଉଛି ପୋକ ସାଲୁବାଲୁ ଖାଦ୍ୟ

ନୀଳଗିରି,୩୦/୦୮ (ନି.ପ୍ର): ରାଜ୍ୟ ସରକାର ଆଦିବାସୀ ହରିଜନ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାର ମାନ କୁ ବୃଦ୍ଧି କରିବା ପାଇଁ ବସ୍ତ୍ର ଠାରୁ ଆରମ୍ଭ କରି ରହିବା ଖାଇବାର ମାଗଣାରେ ଦେଉଥିବା ବେଳେ ବିଭିନ୍ନ ହଷ୍ଟେଲରେ ରହୁଥିବା ଅନ୍ତେବାସୀ ଛାଛାତ୍ରୀମାନଙ୍କ ପାଇଁ ସଂପୂର୍ଣ୍ଣ ମାଗଣାରେ ରହିବାର ବ୍ୟବସ୍ଥା କରୁଥିବା ବେଳେ ଅତି ନିମ୍ନମାନର ଏବଂ ପୋକ ସାଲୁବାଲୁ ଗ୍ରୋସେରୀ ସଉଦା ଖାଇବାକୁ ଦିଆଯାଇଥିବା ଖୋଦ୍ ଅଧିକାରୀଙ୍କ ଯାଂଚ ସମୟରେ ଧରାପଡ଼ିଛି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ବ୍ଲକର ଛାତ୍ରପୁର ପଂଚାୟତର ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ରହୁଥିବା ୧୪୮ଜଣ ଅନ୍ତେବାସିନୀଙ୍କୁ ପୋକରା ଚାଉଳ, ପୋକରା ଚୁଡ଼ା, ପୋକ ସାଲୁବାଲୁ ଗୁଡ଼ ଚିନି ଇତ୍ୟାଦି ଦିଆଯାଇଥିବା ବେଳେ ଆଜି ଏହାର ପର୍ଦ୍ଦାଫାସ ହୋଇଛି । ଉକ୍ତ ଖାଦ୍ୟ ସାମଗ୍ରୀକୁ ପ୍ରଥମେ ସ୍ଥାନୀୟ ସରପଂଚ, ବ୍ଲକ ଅଧକ୍ଷା, ସମିତିସଭ୍ୟା ଓ ଗ୍ରାମବାସୀମାନେ ଯାଂଚ କରିଥିଲେ । ଏହା ଖାଦ୍ୟ ଉପଯୋଗୀ ନୁହେଁ ବୋଲି ଜଣାପଡ଼ିବା ପରେ ଏ ବାବଦରେ ନୀଳଗିରି ବି.ଇ.ଓ. ଙ୍କୁ ଜଣାଇଲା ପରେ ବି.ଇ.ଓ. ଙ୍କ ନିର୍ଦ୍ଦେଶରେ ଏ.ବି.ଇ.ଓ. ଲମ୍ବୋଦର ସିଂ, ଛତ୍ରପୁର ସି.ଆର.ସି. ଦୁଷ୍ମନ୍ତ ନାୟକ ସ୍କୁଲରେ ପହଂଚି ଖାଦ୍ୟ ସାମଗ୍ରୀ ଉପରେ ଯାଂଚ କରିଥିଲେ । ସତରେ ଖାଦ୍ୟ ସାମଗ୍ରୀ ଗୁଡ଼ିକ ଖାଦ୍ୟ ଉପଯୋଗୀ ନ ଥିବା ବେଳେ ଗୁଡ଼ଚିନି ଟିଣରେ ପୋକ ଥିବା ସହ ପୋକରା ଚଉଳ, ଅପମିଶ୍ରିତ ଚୂଡ଼ା ଦେଖିଥିଲେ । ଅପମିଶ୍ରିତ ଖାଦ୍ୟ ଓ ନିମ୍ନମାନର ଗ୍ରୋସରୀ ସଉଦାକୁ ଜଳେଶ୍ୱର ଅଂଚଳର ସୁବ୍ରତ ପାତ୍ର ଟେଣ୍ଡର ମାଧ୍ୟମରେ ଯୋଗାଉଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ସେଠୀ, ୱାର୍ଡେନ ସୁକାନ୍ତି ରାଉତଙ୍କ ମଧୁ ଚନ୍ଦ୍ରିକାରେ ନୀରିହ ଛାତ୍ରୀମାନଙ୍କୁ ଅପମିଶ୍ରଣ ଖାଦ୍ୟ ଯୋଗାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଛନ୍ତି ବୋଲି ଅଭିଯୋଗ ହୋଇଛି । ତଦନ୍ତକାରୀ ଅଫିସର ସମସ୍ତ ସତ୍ୟତା ଉପରେ ଯାଂଚ କରି ନୀଳଗିରି ବି.ଇ.ଓ.ଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି । ତୁରନ୍ତ ଟେଣ୍ଡରଧାରୀଙ୍କ ଟେଣ୍ଡରକୁ ରଦ୍ଦ କରାଯିବା ସହ ଘଟଣାରେ ସଂପୃକ୍ତ ପ୍ରଧାଶିକ୍ଷୟିତ୍ରୀ ଓ ୱାର୍ଡେନଙ୍କୁ ଅନ୍ୟତ୍ର ବଦଳି ପାଇଁ ଗ୍ରାମବାସୀ ତଥା ନିର୍ବାଚିତ ପ୍ରତିନିଧିମାନେ ଦାବୀ କରିଛନ୍ତି ।

# ଧୀରେନ ନାୟକ ଯୁବ ବିଜେଡିର ସାଧାରଣ ସମ୍ପାଦକ(ମିଡିଆ)ନିଯୁକ୍ତ



ବାଲେଶ୍ୱର,୩୦/୦୮ (ନି.ପ୍ର): ବିଜୁ ଯୁବ ଜନତା ଦଳ ପକ୍ଷରୁ ବାଲେଶ୍ୱର ଜୋନ ପାଇଁ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିବା ବେଳେ ସାଧାରଣ ସମ୍ପାଦକ(ଗଣମାଧ୍ୟମ) ପଦରେ ଯୁବ ନେତା ଧୀରେନ ନାୟକଙ୍କୁ ଅବସ୍ଥାପିତ କରାଯାଇଛି । ଏନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି । ଏହା ବ୍ୟତୀତ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଶିକ୍ଷମନ୍ତ୍ରୀ ତଥା ବାଲେଶ୍ୱର ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ, ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ବ୍ୟୋମକେଶ ରାୟ, ରାଜ୍ୟ ସାଧାରଣ ସମ୍ପାଦକ ତଥା ଯୁବଛାତ୍ର ବ୍ୟାପାର ପ୍ରଣବ ବଳବନ୍ତ ରାୟ, ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱନୀ ପାତ୍ର, ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ଜିଲା ସଭାପତି ରବୀନ୍ଦ୍ର କୁମାର ଜେନା, ବିଜୁ ମହିଳା ଜନତା ଦଳ କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଜୋନାଲ ଯୁବ ସଭାପତି ଜୟରାମ ଦାସ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ବାଲେଶ୍ୱର ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ,ଉପାଧ୍ୟକ୍ଷା କୈଳାସଚନ୍ଦ୍ର ସେଠୀ, ପୂର୍ବତନ ନଗରପାଳ ଆଲୋକ ସାହୁ, ପୂର୍ବତନ ଉପ-ନଗରପାଳ ମନୋଜ ରାଉତ, ରାଜ୍ୟ ବିଜୁ ଜନତା ଦଳ ଯୁଗ୍ମ ସମ୍ପାଦକ ସତ୍ୟରଞ୍ଜନ ଦାସ, ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜଙ୍କ ସମେତ ସମସ୍ତ କାଉନସିଲର ତଥା ସଦର ବ୍ଲକ ଏବଂ ବାଲେଶ୍ୱର ପୌରପରିଷଦର ସମସ୍ତ ଦଳୀୟ କର୍ମକର୍ତ୍ତାଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଆୟୋଜିତ ମିଳନ ପର୍ବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରୀ ନାୟକଙ୍କୁ ଶୁଭେଚ୍ଛା ଜଣାଇଥିବା ଦେଖିବାକୁ ମିଳିଥିଲା ।

# ବିନାୟକ ଆଚାର୍ଯ୍ୟଙ୍କୁ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନଙ୍କ ଶ୍ରଦ୍ଧାଂଜଳି

ଭୁବନେଶ୍ୱର,୩୦/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟଙ୍କୁ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି । ଶିକ୍ଷକ, ରାଜନେତା ଏବଂ ସ୍ୱାଧୀନତା ସଂଗ୍ରାମୀ ଭାବେ ତାଙ୍କ ଅବଦାନ ଅତୁଳନୀୟ । ସମାଜର ଅସହାୟ ବର୍ଗଙ୍କ କଲ୍ୟାଣ କ୍ଷେତ୍ରରେ ତାଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ସମସ୍ତଙ୍କ ପାଇଁ ଚିର ଆଦର୍ଶ ହୋଇ ରହିବ ।

# ରାଜ୍ୟରେ ନୂଆ ୨୩୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୩୦/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୩୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୨୭୩୮୨ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୨୩୨ ଆକ୍ରାନ୍ତଙ୍କ ମଧ୍ୟରୁ ୧୩୬ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୯୬ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୩୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୨୪୩ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୧୬୧୭୨ ରେ ପହଂଚିଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୯୮୨ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୨୩୨ ସଂକ୍ରମିତଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୧, ଭଦ୍ରକ ଜିଲ୍ଲାରେ ୧, ବଲାଙ୍ଗିର ଜିଲ୍ଲାରେ ୮, ବୌଦ୍ଧ ଜିଲ୍ଲାରେ ୧, କଟକ ଜିଲ୍ଲାରେ ୩୦, ଦେବଗଡ ଜିଲ୍ଲାରେ ୧, ଗଞ୍ଜାମ ଜିଲ୍ଲାରେ ୩ ଜଣ, ଜଗତସିଂହପୁର ଜିଲ୍ଲାରେ ୪, ଯାଜପୁର ଜିଲ୍ଲାରେ ୮, କଳାହାଣ୍ଡି ଜିଲ୍ଲାରେ ୧୦, କନ୍ଧମାଳ ଜିଲ୍ଲାରେ ୧, କେନ୍ଦୁଝର ଜିଲ୍ଲାରେ ୨ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୬୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ମାଲକାନଗିରି ଜିଲ୍ଲାରେ ୧, ମୟୂରଭଞ୍ଜ ଜିଲ୍ଲାରେ ୩, ନବରଙ୍ଗପୁର ଜିଲ୍ଲାରେ ୯, ନୟାଗଡ ଜିଲ୍ଲାରେ ୫, ନୂଆପଡ଼ା ଜିଲ୍ଲାରେ ୬, ପୁରୀ ଜିଲ୍ଲାରେ ୩, ରାୟଗଡ଼ା ଜିଲ୍ଲାରେ ୫, ସମ୍ବଲପୁର ଜିଲ୍ଲାରେ ୧୨, ସୋନପୁର ଜିଲ୍ଲାରେ ୨, ସୁନ୍ଦରଗଡ ଜିଲ୍ଲାରେ ୪୦ ଓ ଷ୍ଟେଟ ପୁଲରେ ୧୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ସହୀଦ ବାଘା ଯତୀନ ସ୍ମୃତି ଦିବସ ପାଇଁ ପ୍ରସ୍ତୁତି

ବାଲେଶ୍ୱର,୩୦/୦୮ (ନି.ପ୍ର): ଦେଶ ପ୍ରେମର ଅନନ୍ୟ ପ୍ରତୀକ ବୀର ବାଘା ଯତୀନଙ୍କ ୧୦୭ତମ ସହିଦ ସ୍ମୃତିଦିବସ ସମାରୋହ ଆୟୋଜନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସଦଭାବନା ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲା ପ୍ରଶାସନ, ବାଘାଯତୀନ ବିକାଶ ପରିଷଦ ଓ ବାଘାଯତୀନ ଉନ୍ନୟନ କମିଟି ମିଳିତ ସହଯୋଗରେ ଆୟୋଜିତଏହି ବୈଠକରେ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା କରିଥିଲେ । ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଉପ-ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ସହକାରୀ ଜିଲାପାଳ ସ୍ୱାଗତିକା ଦାସଙ୍କ ସମେତ ପଦସ୍ଥ ପୁଲିସ ଅଧିକାରୀ, ଜେଲ ଅଧୀକ୍ଷକ, ସଦର ଓ ରେମୁଣା ତହସିଲଦାର ପ୍ରମୁଖ ଏଥିରେ ଯୋଗଦେଇ ଆସନ୍ତା ସେପ୍ଟେମ୍ବର ୧୦ ତାରିଖରେ ପାଳିତ ହେବାକୁ ଯାଉଥିବା ସହିଦ ସ୍ମୃତିଦିବସର ସଫଳ ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରତିବର୍ଷ ଭଳି ଉତ୍ସବରେ ଯୋଗଦେବାକୁ ପଶ୍ଚିମବଙ୍ଗ ଓ ଇରମରୁ ଆସୁବାକୁ ଥିବା ଅଭିଯାତ୍ରୀଙ୍କ ପାଇଁ ସମସ୍ତ ବନ୍ଦୋବସ୍ତ କରିବା, ସହରର ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଦେଶୁଆଁ ପୋଖରୀର ସାଧାରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ବାଲେଶ୍ୱର ଜେଲ ସ୍ଥିତ ଫାଶୀସ୍ଥଳରେ ମାଲ୍ୟାର୍ପଣ ଆଦି ପ୍ରତିଟି କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ସମାପନ ଉପରେ ଜିଲାପାଳ ଶ୍ରୀ ଶିନ୍ଦେ ଗୁରୁତ୍ୱାରୋପ କରିଥିଲେ । ଏନେଇ ସେ ଉଭୟ ଉନ୍ନୟନ କମିଟି ଓ ବିକାଶ ପରିଷଦର କର୍ମକର୍ତ୍ତାଙ୍କ ସହଯୋଗ କାମନା କରିଥିଲେ ।

# ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହ ଧାମରାରେ ନିଯୁକ୍ତି ଦାବି



ଭଦ୍ରକ,୩୦/୦୮ (ନି.ପ୍ର): ଭଦ୍ରକ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦାବି, ଭଦ୍ରକରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଓ ଜିଲ୍ଲାର ଏକମାତ୍ର ଧାମରା ବନ୍ଦରରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦାବିରେ ଏନଏସୟୁଆଇ(ଛାତ୍ର କଂଗ୍ରେସ) ପକ୍ଷରୁ ଏକ ସ୍ମାରକପତ୍ର ଭଦ୍ରକ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସେକ୍ ସାହିଲ କାଦ୍ରୀଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିବା ଏହି ସ୍ମାରକପତ୍ର ଅନୁଯାୟୀ ଭଦ୍ରକ ମହାବିଦ୍ୟାଳୟ ହେଉଛି ରାଜ୍ୟର ଦ୍ୱିତୀୟ ସର୍ବ ପ୍ରାଚୀନ ମହାବିଦ୍ୟାଳୟ । ରାଜ୍ୟରେ ଅନ୍ୟ ବହୁ ଜିଲ୍ଲରେ ଥିବା କେତେକ ପୁରାତନ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳି ସାରିଛି । କିନ୍ତୁ ଜିଲ୍ଲାର ଶାସକ ଦଳର ବିଧାୟକ ଓ ସାଂସଦଙ୍କ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ପାଇଁ ଭଦ୍ରକ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇ ପାରି ନାହିଁ । ଏହି ମହାବିଦ୍ୟାଳୟରୁ ପାସ କରିଥିବା ହଜାର ହଜାର ଛାତ୍ରଛାତ୍ରୀ ଦେଶ ତଥା ଦେଶ ବାହାରେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି । କିନ୍ତୁ ସମସ୍ତ ଭିତ୍ତିଭୂମୀ ଥାଇ ମଧ୍ୟ ସରକାର ଏହାକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେଇ ନାହାନ୍ତି । ତେଣୁ ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ । ସେହିପରି ଭୌଗଳିକ ଦୃଷ୍ଟିକୋଣରୁ ସରକାରୀ ମେଡିକାଲ କଲେଜ ସ୍ଥାପନ ପାଇଁ ଭଦ୍ରକ ହେଉଛି ଉତ୍କୃଷ୍ଟ ସ୍ଥାନ । କାରଣ ଭଦ୍ରକ ଜିଲ୍ଲା ସମେତ ପଡୋଶୀ ଜିଲ୍ଲାର କେତେକ ଅଞ୍ଚଳର ପ୍ରାୟ ୨୫ଲକ୍ଷ ଜନସାଧାରଣ ନିର୍ଭରଶୀଳ । କିନ୍ତୁ ଭଦ୍ରକରେ ଥିବା ଜିଲ୍ଲା ସଦର ମହକୁମାରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଏଠାରେ ଏକ ମେଡିକାଲ କଲେଜ ସ୍ଥାପନ ପାଇଁ କଂଗ୍ରେସ ଦିର୍ଘଦିନରୁ ଦାବି କରି ଆସିଛି । ଏପରିକି ଦଳ ପକ୍ଷରୁ ଏହି ଦାବିରେ ଦିଆଯାଇଥିବା ଭଦ୍ରକ ବନ୍ଦ ଡାକରାକୁ ଅଭୂତପୂର୍ବ ସମର୍ଥନ ମିଳିଛି । ଗତ ସାଧାରଣ ନିର୍ବାଚନ ସମୟରେ ଶାସକ ଦଳର ପ୍ରାର୍ଥୀମାନେ ମେଡିକାଲ କଲେଜ ସ୍ଥାପନ ପାଇଁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ନିର୍ବାଚନ ପରେ ସେମାନେ ଏହି ପ୍ରତିଶ୍ରୁତିକୁ ଭୁଲି ଯାଇଛନ୍ତି । ସେମାନେ ନିଜ ନିଜର ରାଜନୈତିକ ସ୍ୱାର୍ଥ ପାଇଁ ବାସ୍ତବ ସମସ୍ୟା ଠାରୁ ଦୂରେଇ ଯାଇଛନ୍ତି । ତେଣୁ ତୁରନ୍ତ ଏକ ମେଡିକାଲ କଲେଜ ସ୍ଥାପନ ପାଇଁ ଏନଏସୟୁଆଇ ଦାବି କରିଛି । ଅନୁରୂପ ଧାମରା ଠାରେ ବନ୍ଦର ପ୍ରତିଷ୍ଠା ସମୟରେ ସରକାର ଓ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ତାହା ପାଣିର ଗାର ହୋଇ ରହିଯାଇଛି । ଉକ୍ତ ବନ୍ଦର ପ୍ରକଳ୍ପରେ ଚାକିରି କରିଥିବା ଅଧିକାଂଶ ବ୍ୟକ୍ତି ହେଉଛନ୍ତି ବାହାର ରାଜ୍ୟର ଓ ଅଣଓଡ଼ିଆ । କେତେକ ଠିକା ସଂସ୍ଥା ଅଧିନରେ କିଛି ଓଡିଆ ଯୁବକ ଠିକା ଭିତ୍ତିରେ କାର୍ଯ୍ୟ କରୁଛନ୍ତି । ତେଣୁ ସରକାର ଉକ୍ତ ବନ୍ଦରରେ ସ୍ଥାନୀୟ ତଥା ଜିଲ୍ଲାର ଯୁବକଙ୍କୁ ପ୍ରତ୍ୟେକ୍ଷ ନିଯୁକ୍ତି ଦେବାକୁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଯଦି ଏହା ପୂରଣ ନହୁଏ ତେବେ ଆଗାମୀ ଦିନରେ ରେଳରୋକ କରାଯିବ ଓ ଅର୍ଥନୈତିକ ଅବରୋଧ କରାଯିବ ବୋଲି ଛାତ୍ର କଂଗ୍ରେସ ସଭାପତି ସେକ ସାହିଲ କାଦ୍ରୀ ଚେତାବନୀ ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଯୋଗଦେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ଉପରୋକ୍ତ ଯଥାଯଥ ଦାବିକୁ ମାନି ନେବାକୁ ଦାବି ରଖିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo